
₹ : 25

# ଆମରି ସତ୍ୟ

## AMARI SATYA

RNI Regn. No. - 107608/2010
Postal Regd. No. : PURI-33/2016-18

ସପ୍ତମ ବର୍ଷ,  ଦ୍ୱାଦଶ ସଂଖ୍ୟା,
ମାସିକ, ଜୁନ୍ - ୨୦୧୭
ପୃଷ୍ଠା ସଂଖ୍ୟା ୫୨



ଭୁପେନ ହଜାରିକା ସେତୁ, ଆସାମ
୯.୧୫ କି.ମି.

# 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ


ସୁରେଶ ଚନ୍ଦ୍ର ରଥ
ଜଟଣୀ


ସୁଶାନ୍ତ କୁମାର ରାଉତ
ଜଟଣୀ


ଅଧ୍ୟାପୀକା ଗୀତାଞ୍ଜଳୀ ପ୍ରଧାନ
ନାଚୁଣୀ, ଖୋରଧା


ଡକ୍ଟର ବିଶ୍ୱଜିତ୍ ରାୟ
କଟକ


ଡକ୍ଟର ପ୍ରତିମା ମିଶ୍ର
ଗୁରୁଜଙ୍ଗ, ଖୋରଧା


ଆଡଭୋକେଟ୍ ଅଜିତ୍ କୁମାର ମିଶ୍ର
ଗୁରୁଜଙ୍ଗ, ଖୋରଧା


ଡକ୍ଟର ଆଶୁତୋଷ ମହାପାତ୍ର
ସାଲେପୁର, କଟକ


ଶ୍ରୀଯୁକ୍ତ ନିରାକାର ପ୍ରଧାନ
ଖୋରଧା

## ଆଜୀବନ ସଦସ୍ୟତା ସମ୍ପର୍କରେ...

ମହାଶୟ / ମହାଶୟା,

ଆପଣମାନଙ୍କର ସୁହୃଦ ସହାନୁଭୂତି ଓ ସଦିଚ୍ଛା 'ଆମରିସତ୍ୟ' ପତ୍ରିକାକୁ ଆଗେଇ ନେବାରେ ଯଥେଷ୍ଟ ସାହାଯ୍ୟ କରିଆସୁଅଛି। ଯେଉଁମାନେ 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ ହୋଇଛନ୍ତି ସେମାନଙ୍କ ନିକଟରେ ଆମେ ଚିର ରଣୀ। ଆଜୀବନ ସଦସ୍ୟ ହେବା ନିମନ୍ତେ ମାତ୍ର ଟ.୩୦୦୦/- "ଆମରିସତ୍ୟ" ବା "ଆମରିସତ୍ୟ ଟ୍ରଷ୍ଟ"କୁ ଦାନ କଲେ ଉକ୍ତ ଅର୍ଥ ସ୍ଥାୟୀ ଜମା ରୂପେ ବ୍ୟାଙ୍କରେ ରହିବ ଏବଂ ଏହାର ସୁଧ ପତ୍ରିକାର ଛପା କାର୍ଯ୍ୟରେ ଲାଗିବ। ଜଣେ ଆଜୀବନ ସଦସ୍ୟ ହୋଇ ପତ୍ରିକାଟିର ନିବଚ୍ଛିନ୍ନ ପ୍ରକାଶନରେ ସହଭାଗୀ ହୁଅନ୍ତୁ। ଆମର ଏହି ଛୋଟ ଅନୁରୋଧଟିକୁ ସହାନୁଭୂତି ସହ ବିଚାର କଲେ ଆମେ ଖୁସି ହେବୁ।

**ଆମରିସତ୍ୟ ପରିବାର**

**ସଂପାଦକ ଓ ପ୍ରକାଶକ**

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

**ଡଃ ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

**ଡ. ପ୍ରେମଚାନ୍ଦ ମହାନ୍ତି, ସମ୍ବଲପୁର**

**ବିଦ୍ୟାଧର ଖଟୁଆ, ବାଙ୍କୀ, କଟକ**

**ବିଭୁପ୍ରସାଦ ହରିଚନ୍ଦନ, ଖୋରଧା**

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

**ରାକେଶ ସାହୁ**

# ଆମରି ସତ୍ୟ

## AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**

**ସପ୍ତମ ବର୍ଷ - ଦ୍ୱାଦଶ ସଂଖ୍ୟା - ଜୁନ୍ ,୨୦୧୭**

**RNI Regn. No. - 107608/2010 / Postal Regd. No. - PURI-33/2016-18**

**ଯୋଗାଯୋଗ:**

'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**

ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୪୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।

**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।

ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।

**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।

**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧକ୍ଷ, ରମାମଣୀ ମହାବିଦ୍ୟାଳୟ,କଣ୍ଟାବାଡ଼।

**ଡ. ଧୀରେନ୍ଦ୍ର ନନ୍ଦ**
ସମାଜସେବୀ , ଖୋରଧା

**ସ୍ୱାମୀ ଜୟଦେବ ଭାରତୀ**
ଶାନ୍ତିଧାମ ଆଶ୍ରମ, ଧଣ୍ଡାମୁଣ୍ଡା, ବଲାଙ୍ଗୀର

**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | | ୦୫ |
| ୨. | ମନର ଶାନ୍ତି | ବଙ୍ଗାଳି ଚରଣ ଯତି | ୦୪ |
| ୩. | ହିତ ବାଣୀ | | ୦୬ |
| ୪. | ବିଚିତ୍ରା | | ୦୭ |
| ୫. | ବିଜ୍ଞାନ ବିଚିତ୍ରା | ପ୍ରେମଚାନ୍ଦ ମହାନ୍ତି | ୦୯ |
| ୬. | ଅଯୋଧ୍ୟା ବିବାଦର ଶାନ୍ତିପୂର୍ଣ୍ଣ.. | ତୁଳସୀ ଜୈନ | ୧୨ |
| ୭. | ବାଟ ଦେଖାଉନି ପାଠବିକା ହାଟ | ନିଶିକାନ୍ତ ପାଢୀ | ୧୪ |
| ୮. | ସମରସତା ସମାଜ ଓ ଗଣମାଧ୍ୟମ | ଗୋଲଖ ଚନ୍ଦ୍ର ଦାସ | ୧୬ |
| ୯. | ସକାଳ ବନ୍ଦନା- ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୧୮ |
| ୧୦. | ନିରବତାର ସ୍ୱର | ସଚ୍ଚି ମହାନ୍ତି | ୧୮ |
| ୧୧. | ମାନବିକତା | ଡକ୍ଟର ବସନ୍ତ କିଶୋର ସାହୁ | ୧୯ |
| ୧୨. | କିଛିକଥା | ବାବାଜୀ ଚରଣ ଜେନା | ୧୯ |
| ୧୩. | ପଖାଳ ଭାତ | ନିରଞ୍ଜନ ଖଟୁଆ | ୧୯ |
| ୧୪. | ବୈଶାଖକୁ ସ୍ୱାଗତ | ବିଜୟ କୁମାର ଜେନା | ୨୦ |
| ୧୫. | ଅମୃତର ଶିଶୁ | ସୁଷମା ଦେଈ | ୨୦ |
| ୧୬. | ମୃତ୍ୟୁକୁ ଦେଖିଛ କିଏ ? | ଶରତ ଚନ୍ଦ୍ର ସାମନ୍ତ | ୨୧ |
| ୧୭. | ନେତା ଓ ଶ୍ରୋତା(ବ୍ୟଙ୍ଗ) | ଅନନ୍ତ ଜେନା | ୨୧ |
| ୧୮. | ତୁମ ଗୀତ ଗାଉଥାଏ | ନିଶିକାନ୍ତ କହଲସିଂହ | ୨୨ |
| ୧୯. | ଜଳ ହିଁ ଜୀବନ | ଆଦିନାରାୟଣ ଖଣ୍ଡୁଆଳ | ୨୨ |
| ୨୦. | ଜୀବନ | ଯମେଶ୍ୱର କହଲସିଂହ | ୨୩ |
| ୨୧. | ନିବେଦନ | ଉଷାରାଣୀ ଶତପଥି | ୨୩ |
| ୨୨. | ନିରବତା | ଜିତେନ୍ଦ୍ର କୁମାର ନାୟକ | ୨୩ |
| ୨୩. | ଐତିହାସିକ ଶିଶୁପାଳଗଡ଼ | ଡ଼କ୍ଟର କୁଞ୍ଜବିହାରୀ ମହାନ୍ତି | ୨୪ |
| ୨୪. | ଅନ୍ୟ ଏକ ଶ୍ରୀୟା | ସତ୍ୟନାରାୟଣ ସାମନ୍ତରାୟ | ୨୬ |
| ୨୫. | ତୁଳସୀ | ଶରତଚନ୍ଦ୍ର ମହାପାତ୍ର | ୨୭ |
| ୨୬. | ଛଦ୍ମ ନାମ | ଅଧାପାକ ଶିବପ୍ରସାଦ ପାଢ଼ୀ | ୨୮ |
| ୨୭. | ନନ୍ଦନକାନନ | ଜଗନ୍ନାଥ ମୁଦୁଲି | ୨୮ |
| ୨୮. | ଜଣେ ଭାରତୀୟ ସୈନିକଙ୍କ... | ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୨୯ |
| ୨୯. | ପେଟ ପାଇଁ ନାଟ | ଅଜୟ କୁମାର ସାହୁ | ୩୦ |
| ୩୦. | ଅଦ୍ଭୁତ ଚିତ୍ରଗୁପ୍ତ | ଇଂ ଯଜ୍ଞପ୍ରକାଶ ଦାସ | ୩୧ |
| ୩୧. | ବିଶ୍ୱବିଦିତ ପାଞ୍ଚଗୋଟି ... | .ରାମଚନ୍ଦ୍ର ଦେଓ | ୩୨ |
| ୩୨. | ମାଗୁର ମାଛର ସ୍ୱାସ୍ଥ୍ୟପାଇଁ କ୍ଷତିକାରକ | ଡକ୍ଟର ମୁରାରି ମୋହନ ଦାଶ | ୩୪ |
| ୩୩. | ପାନକ୍ରିଆସ | ଡ଼ା: ଧନେଶ୍ୱର ସାହୁ | ୩୫ |
| ୩୪. | ବିଷହୀନ ଦୋମୁଣ୍ଡିଆ ସାପ | ମନୋଜ କୁମାର ମହାପାତ୍ର | ୩୮ |
| ୩୫. | ଇରମ୍ମଦ | ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ | ୩୮ |
| ୩୬. | ଆଇ.ପି.ଏଲ.ରେ ମୁମ୍ବାଇର ବିଜୟ | ଆଶିଷ କୁମାର ରାୟ | ୩୯ |
| ୩୭. | ଧନ୍ୟ ତୁମେ ଦାରୁବ୍ରହ୍ମ | ମଞ୍ଜୁ ଦାସ | ୪୧ |
| ୩୮. | ସାଧାରଣ ଜ୍ଞାନ | | ୪୨-୫୦ |



# ମନର ଶାନ୍ତି

ବାନପ୍ରସ୍ଥି ବଙ୍ଗାଳି ଚରଣ ଯତି

ଭଗବାନ ବିଷ୍ଣୁଙ୍କ ବୈକୁଣ୍ଠ ଧାମରେ ଗହଳି ଲାଗିଥିଲା। ପ୍ରଭୁ ଆଜି ସଂକଳ୍ପ ନେଇଥିଲେ ଯେ ନିଜ ଧାମରୁ କାହାରିକୁ ବି ଖାଲି ହାତରେ ଯିବାକୁ ଦିଆଯିବ ନାହିଁ। ସମସ୍ତ ପ୍ରାଣୀ ତାଙ୍କ ଭଳିକି ଭଳି ସମ୍ପଦ ଆଣୁଥିଲେ। ବୈକୁଣ୍ଠର କୋଷ ଶୂନ୍ୟ ହେଉଥିବା ଦେଖି ମହାଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କୁ ପଚାରିଲେ, "ହେ ପ୍ରଭୁ ! ଆପଣ ଯଦି ଏଇସବୁ ସମ୍ପଦକୁ ମୁକ୍ତ ଭାବରେ ବାଣ୍ଟିଦେବେ ତ ବୈକୁଣ୍ଠରେ ଆଉ କ'ଣ ବାକି ରହିବ ?" ଲକ୍ଷ୍ମୀଙ୍କ କଥାଶୁଣି ଭଗବାନ ବିଷ୍ଣୁ ମୁରୁକି ହସି କହିଲେ- "ଦେବି ! ଆପଣ ଚିନ୍ତାକରନ୍ତୁ ନାହିଁ" ସବୁକିଛି ଦେଇଦେଲା ପରେ ବି ଏମିତି ଏକ ବିଧି ଅଛି, ଯାହା ମୋ ପାଖରେ ସର୍ବଦା ସୁରକ୍ଷିତ ଥାଏ। ତାକୁ ଏଠାରେ ଉପସ୍ଥିତ ନର, କିନ୍ନର, ଗନ୍ଧର୍ବ, ବିଦ୍ୟାଧର ଦେବ ଓ ଅସୁରଙ୍କ ମଧ୍ୟରୁ କେହି ବି ମାଗି ନାହାନ୍ତି, ସେହି ନିଧି ହେଉଛି ମନର ଶାନ୍ତି। ଏଇ ପ୍ରାଣୀମାନେ ଜାଣନ୍ତି ନାହିଁ ଯେ ମନର ଶାନ୍ତି ବିନା ସମସ୍ତ ଧନ ସମ୍ପଦ ଓ ତ୍ରିଲୋକର ବୈଭବ ବିଳାସ କୌଣସି ମୂଲ୍ୟର ନୁହେଁ। ଶାନ୍ତିପାପ୍ତ କରିବା ବିନା ସବୁ ସମ୍ପଦ ବ୍ୟର୍ଥ ସିଦ୍ଧ ହୋଇଥାଏ। ଭଗବାନ ବିଷ୍ଣୁଙ୍କ ଉତ୍ତର ଶୁଣି ମହାଲକ୍ଷ୍ମୀ ସ୍ମିତ ପ୍ରକଟ କଲେ।

ଗାୟତ୍ରୀ ପରିବାର, ବାରିପଦା
ୱାର୍ଡ଼ ନଂ- ୧୭,
ମୟୂରଭଞ୍ଜ- ୭୫୭୦୦୨

# ସମ୍ପାଦକୀୟ....





ଯୁଦ୍ଧ କଣ ଅବଶ୍ୟମ୍ଭାବୀ ? ଏ ପ୍ରଶ୍ନ ଆଜିର ନୁହେଁ। ମଣିଷଜାତିର ସୃଷ୍ଟି ଆରମ୍ଭରୁ ଏ ପ୍ରଶ୍ନ ମଣିଷ ମଣିଷକୁ ପଚାରିଆସିଛି। କେବେ ଉତ୍ତର ପାଇଛି କି? ବୋଧହୁଏ ନୁହେଁ? ଉତ୍ତର ବଦଳରେ ସେହି ପ୍ରଶ୍ନର ପ୍ରହେଳି ଭିତରେ ନିଜେ ଛନ୍ଦି ହୋଇପଡ଼ିଛି। କେତେବେଳେ ଯୁଦ୍ଧକୁ ବିଧ୍ୱଂସକାରୀ ସତ୍ତା ବୋଲି ଭାବିଛି ତ ଆଉ କେତେବେଳେ ଯୁଦ୍ଧକୁ ପ୍ରଗତିର ପ୍ରତୀକ ବୋଲି ଭାବିଛି। ତେବେ, ଏ ଉଭୟ ଯଦି ଠିକ୍ ତେବେ ଯୁଦ୍ଧ ଭଲ ନା ପ୍ରଗତି ଭଲ ଏ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ। କେହି କେହି କହନ୍ତି ଯୁଦ୍ଧ ନଥିଲେ ଶାନ୍ତି ନାହିଁ କି ବିନା ଶାନ୍ତିରେ ପ୍ରଗତି ସମ୍ଭବ ନୁହେଁ। ଏଥିସହ ଏକଥା ବି ସ୍ୱୀକାର କରିବାକୁ ପଡ଼ିବ ଯେ, ସବୁ ଯୁଦ୍ଧ ଶାନ୍ତିର ବାର୍ତ୍ତାବହ ନୁହେଁ, ବରଂ ଅନେକ ଯୁଦ୍ଧ ଇତିହାସରେ ଦୁର୍ଦ୍ଦଶାର ଫର୍ଦ୍ଦ ଯୋଡ଼ିଛି।

ଇଟାଲିର ବିଶିଷ୍ଟ ଚିନ୍ତାନାୟକ ମାକିଆଭେଲି ତାଙ୍କ କାଳଜୟୀ ପୁସ୍ତକ "The Prince"ରେ ଶାନ୍ତିର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି, "The Peace is an interval between two wars" ଶାନ୍ତି ହେଉଛି ଦୁଇ ଯୁଦ୍ଧର ମଧ୍ୟାନ୍ତର। ଏକଥା କହିବାର ତାତ୍ପର୍ଯ୍ୟ ହେଉଛି, ବିଶ୍ୱରେ ଏପରି କୌଣସି ଶତାବ୍ଦୀ ନାହିଁ, ଯେଉଁଥିରେ କି ଯୁଦ୍ଧ ହୋଇନାହିଁ। ଯେତେ ଅବାଞ୍ଛିତ ହେଲେ ବି ସୃଷ୍ଟିର ନିୟମ ଭିତରେ ଏହା ଯେମିତି ଏକ ଅନିବାର୍ଯ୍ୟ ଧାରା। ଯୁଦ୍ଧ ମଣିଷର ପ୍ରକୃତିସହ ନିବିଷ୍ଟ ହୋଇରହିଛି। ବିନା ଯୁଦ୍ଧରେ ମଣିଷର ମଣିଷପଣିଆ ଯେମିତି ଊଣା ପଡ଼ିଯିବ, ଏଇଆ ସିଦ୍ଧ ହୋଇଛି ଇତିହାସରୁ। ଯୁଦ୍ଧ କରିବା ମଣିଷର ପ୍ରବୃତ୍ତି ବୋଲି କାଳକାଳରୁ ସାବ୍ୟସ୍ତ ହୋଇଛି। ମଣିଷର ଚିନ୍ତାଧାରାର ଭିନ୍ନତା, ଭିନ୍ନ ମତ, ଦେଶଦେଶ ମଧ୍ୟରେ ନୀତିଗତ ପାର୍ଥକ୍ୟ, କୌଣସି ଗୋଟିଏ ଘଟଣା ବା ଦୁର୍ଘଟଣା ଉପରେ ଦୁଇ ବିପରିତ ଦୃଷ୍ଟିଭଙ୍ଗୀ, ମଣିଷକୁ ଯୁଦ୍ଧ ପାଇଁ ପ୍ରଚୋଦିତ କରିଛି। ଆନ୍ତର୍ଜାତିକ ସ୍ତରରେ ଚିନ୍ତା ଓ ଚେତନାରେ କ୍ଷୀପ୍ର ପରିବର୍ତ୍ତନ ବିଶ୍ୱକୁ ପ୍ରତିଯୋଗିତା ସ୍ତରକୁ ନେଇଯାଇଛି। ଆଗେଇଯିବାର ମାନସିକତାଠାରୁ ଅନ୍ୟକୁ ପରାଭବ ଦେଇ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିବାର ଚିନ୍ତାଧାରା ବିଶ୍ୱକୁ ଆଜି ଯୁଦ୍ଧର ବିଭୀଷିକା ମଧ୍ୟକୁ ଠେଲିଦେଇଛି।

କେବଳ ମଣିଷ ଦୁଇ ବିପରୀତଧର୍ମୀ ଆଚରଣକୁ ଆପଣେଇଥାଏ। ଯେମିତି କି, ବିଶ୍ୱର ଘଟଣାପ୍ରବାହକୁ ଅନୁଧ୍ୟାନ କଲେ ଏକଥା ସିଦ୍ଧ ହୁଏ ଯେ, ଯୁଦ୍ଧ ପାଇଁ ମଣିଷ ନିଜକୁ ସବୁ ସମୟରେ ପ୍ରସ୍ତୁତ ରଖୁଥିବାବେଳେ, ସେହି ଏକା ସମୟରେ ଶାନ୍ତି ପାଇଁ ପ୍ରୟାସ ଜାରିରହିଛି। ପ୍ରଥମ ବିଶ୍ୱଯୁଦ୍ଧ ପରେ ପରବର୍ତ୍ତୀ ଯୁଦ୍ଧ ବିଭୀଷିକାକୁ ଏଡ଼େଇବା ପାଇଁ "ଲିଗ୍ ଅଫ୍ ନେସନସ୍" ର ପ୍ରତିଷ୍ଠା କରାଗଲା। ମାତ୍ର, କେତେଟା ବର୍ଷ ଯାଇଛି କି ନାହିଁ ପୁଣି ବିଶ୍ୱରେ ଯୁଦ୍ଧର ବିଗୁଲ୍ ବାଜିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାକୁ ଜାପାନର ହିରୋସିମା ଓ ନାଗାସାକି ଉପରେ ପରୀକ୍ଷା କରାଗଲା। ଆଶା କରାଗଲା, ଆଉ ଯୁଦ୍ଧ ହେବନାହିଁ। ବିଶ୍ୱ ପଞ୍ଚାୟତ ଜାତିସଂଘର ପ୍ରତିଷ୍ଠା ହେଲା। ହେଲେ, କଣ ହେଲା ? ଯୁଦ୍ଧ ବନ୍ଦ ହେଲା କି ? ଜାତିସଂଘ ତା ବାଟରେ କାମ କରୁଛି ଆଉ ଦେଶ ଦେଶ ଭିତରେ ଅସୂୟାଭାବ ବଢ଼ିବଢ଼ି ଚାଲିଛି। ୧୯୪୫ ପରବର୍ତ୍ତୀ ସମୟରେ କେତେ କେତେ ଯୁଦ୍ଧ ହେଲାଣି। ଏବେ ବି ଯୁଦ୍ଧ ଚାଲିଛି। ପ୍ରତି ସମୟରେ ଗୁଳି ଚାଲିଛି। ଜଣାଯାଉଛି, ମାନବଜାତି ଯେମିତି ଯୁଦ୍ଧରୁ ସୃଷ୍ଟି ହୋଇଛି ଓ ଯୁଦ୍ଧ ବିନା ମାନବଜାତିର କୌଣସି ପରିଚୟ ନାହିଁ।

ଯୁଦ୍ଧ ଧ୍ୱଂସର ପ୍ରତୀକ। ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପାରେ, ମାତ୍ର ନିହାତି ଅନାବଶ୍ୟକ। ମଣିଷ ନିଜର ବଡ଼ପଣିଆ ଦେଖାଇବା ପାଇଁ ଯୁଦ୍ଧକୁ ମାଧ୍ୟମ କରୁଥିବାର ହୀନ ମାନସିକତା ତାକୁ ପଶୁ ସ୍ତରକୁ ନେଇଯାଇଛି। ଅପରପକ୍ଷେ ମଧ୍ୟ ନିଜର ଆତ୍ମରକ୍ଷା କରିବାକୁ ପ୍ରସ୍ତୁତ ରହିବା ଏକପ୍ରକାର ଆବଶ୍ୟକତା ହୋଇପଡ଼ିଛି। ଏପରି କ୍ଷେତ୍ରରେ ଯୁଦ୍ଧର ବିଦ୍ୟମାନତା କାଳକାଳରୁ ରହିଛି ଓ କାଳରୁ କାଳାନ୍ତର ଯାଏଁ ଯେ ରହିଥିବ, ଏଥିରେ ସନ୍ଦେହନାହିଁ।

ଡ. ପ୍ରସନ୍ନ କୁମାର ଜେନା

## ଗୀତା



ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜ୍ୟାମ୍ୟହମ୍
ମମ ବର୍ତ୍ତାନୁ ବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ
(ଗୀତା-୪/୧୧)

ହେ, ପାର୍ଥ ଯେଉଁମାନେ ଆମ୍ଭକୁ ଯେଉଁ ଭାବରେ ଉପାସନା କରନ୍ତି,ଆମ୍ଭେ ତାଙ୍କୁ ସେହି ଭାବରେ ଅନୁଗ୍ରହ କରିଥାଉ । କାରଣ ମନୁଷ୍ୟମାନେ ଯେ କୌଣସି ପଥ ଅନୁସରଣ କରନ୍ତୁ, ଆମ୍ଭ ମାର୍ଗକୁ ହିଁ ଅନୁସରଣ କରନ୍ତି ।

## ହିତୋପଦେଶ

ପିଲାଙ୍କୁ ପାଠ ପଢାଉ ନଥିବା ମାତା ଏବଂ ପିତା ତା'ର ଶତ୍ରୁ ଅଟନ୍ତି । ହଂସମାନଙ୍କ ମଧ୍ୟରେ ବଗ ଭଳି ସେହି ପୁତ୍ର ସଭାରେ ଶୋଭା ପାଏ ନାହିଁ ।

## ଭାଗବତ ବାଣୀ

ସଂସାରେ ଥିବ ଯେତେଦିନ ।     ଆନନ୍ଦ କରୁଥିବ ମନ ।।
ମୃତ୍ୟୁ ଯାହାର ସନ୍ନିଧାନ ।     ମନୁ ହରଇ ତାର ଜ୍ଞାନ ।।

## କୁହତ ଦେଖି

ବହେ ଦଶ ଶୀର ନୁହେଁ ରାବଣ
କାଲି ହୋଇଥିଲା ଆମର ସେହି ତିଅଣ
-ଜହ୍ନି

## ଚାଣକ୍ୟ ନୀତି



ଧର୍ମାର୍ଥ କାମ ମୋକ୍ଷାଣାଂ ଯ ସ୍ୟୈ କୋଃପି ନବିଦ୍ୟତେ
ଅଜାଗଳ ସ୍ତନସ୍ୟୈବ ତସ୍ୟ ଜନ୍ମ ନିରର୍ଥକମ୍ ।
ଧର୍ମ,ଅର୍ଥ,କାମ,ମୋକ୍ଷ - ଏହି ଚାରିଗୋଟି ଚତୁର୍ବର୍ଗ ।
ଯେଉଁ ବ୍ୟକ୍ତିର ଏଥିରୁ ଯାହାର ଗୋଟିଏ ନଥାଏ, ତାର ଜନ୍ମ ନିରର୍ଥକ ଯାହା ଛେଳିର ଗଳସ୍ତନ ସଦୃଶ ଯାହା ଛେଳିର କୌଣସି କାମରେ ଆସି ନଥାଏ ।

## ଢଗଢମାଳି

ଅଫୁଲା ବାଉଁଶ
ଫୁଲୁ କାହିଁକି
ଆଉ ଫୁଲିବାକୁ
ଦିନ କାହିଁକି -

## ରୂଢ଼ି ପ୍ରୟୋଗ

ଛତୁଫୁଟା କାଠ ନିଶଉଠା ପାଠ
ମଝିଚିରା ମାଠ(ଚଦର)
କେଉଁ କାମକୁ ପାଏ ।

●●

# ବିଚିତ୍ରା

## ଭାରତର ଦୀର୍ଘତମ ପୋଲ

ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ ହୋଇଥିବା ଭାରତର ଦୀର୍ଘତମ ପୋଲ ଚୀନ ସୀମାକୁ ଲାଗିଥିବା ଆସାମର ଧୋଲା-ଓ ଅରୁଣାଚଳ ପ୍ରଦେଶର ସାଦିୟାକୁ ସଂଯୋଗ କରୁଛି । ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଗମନାଗମନର ସୁବିଧା ସହ ବାଣିଜ୍ୟ କାରବାର ବୃଦ୍ଧି ପାଇବ ।ଏହା ଚୀନ ସୀମା ଠାରୁ ୧୦୦ କି.ମି. ମଧ୍ୟରେ ରହିଛି । ଏହି ବ୍ରିଜ୍ ଦ୍ୱାରା ଆସାମ ଓ ଅରୁଣାଚଳପ୍ରଦେଶ ମଧ୍ୟରେ ଦୂରତା ୧୬୫ କି.ମି. ହ୍ରାସ ପାଇଛି । ୨୦୧୧ରେ ଆରମ୍ଭ ହୋଇଥିବା ଏହାର ନିର୍ମାଣ ପାଇଁ ୯୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ୯.୧୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଧୋଲା-ସଦିଆ ପୋଲ ଦେଶର ଉତ୍ତର-ପୂର୍ବାଂଚଳରେ ଯୋଗାଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେବ। ବ୍ରହ୍ମପୁତ୍ରର ଏକ ଶାଖା ନଦୀ ଲୋହିତ ନଦୀ ଉପରେ ନିର୍ମିତ। ଏହି ପୋଲ ନିର୍ମାଣରେ ୨,୦୫୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

## କେପିଏସ୍ ଗିଲ୍‌ଙ୍କ ଦେହାନ୍ତ



ପଞ୍ଜାବର ପୂର୍ବତନ ପୁଲିସ ଡିଜି କେପିଏସ୍ ଗିଲ୍ ୮୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ତାଙ୍କର ବୃକକ୍ ମଧ୍ୟ ଅଚଳ ହୋଇପଡ଼ିଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ପ୍ରକାଶ କରିଛନ୍ତି। ୧୯୮୦ ଦଶକରେ ପଞ୍ଜାବରେ ବୃଦ୍ଧି ପାଇଥିବା ଆତଙ୍କବାଦକୁ ମୂଳପୋଛ କରିବାରେ ତାଙ୍କର ଭୂମିକା ପ୍ରଶଂସନୀୟ ଥିଲା। ସେ ଭାରତୀୟ ହକି ଫେଡେରେସନ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କନଫ୍ଲେଟ୍ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ।

## ଅର୍ଥନୀତିକୁ ୫ ଲକ୍ଷ କୋଟି ଟଙ୍କାର ଫାଇଦା

ବିମୁଦ୍ରାୟନ ଆତଙ୍କବାଦ, ନକଲି ନୋଟ, ମାନବ ଚାଲାଣ ଓ ନିଶାଦ୍ରବ୍ୟ କାରବାରର ମେରୁଦଣ୍ଡ ଭାଙ୍ଗି ଦେଇଛି । ହେଲେ ଏହାର ଆଉ ଏକ ବଡ ଫାଇଦା ମଧ୍ୟ ହୋଇଛି । ଗତବର୍ଷ ନଭେମ୍ବର ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରାୟନ ଘୋଷଣା କରିବା ପରେ ଭାରତୀୟ ଅର୍ଥନୀତିକୁ ୫ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଥିବା କୁହାଯାଇଛି ।

## ୨୦୧୬-୧୭ ବର୍ଷରେ ପରିବହନ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ ଅଭିବୃଦ୍ଧି ପାଇଁ ପାରାଦ୍ୱୀପ ବନ୍ଦର ପୁରସ୍କୃତ

୨୦୧୬-୧୭ ଆର୍ଥିକ ବର୍ଷରେ ଦେଶରେ ବୃହତ ବନ୍ଦରଗୁଡିକ ମଧ୍ୟରେ ପରିବହନ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ ଅଭିବୃଦ୍ଧି ପାଇଁ ପାରାଦ୍ୱୀପ ବନ୍ଦରକୁ କେନ୍ଦ୍ର ଜାହାଜ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ପୁରସ୍କୃତ କରିଛନ୍ତି ।

## ଜିଏସଟିରେ ୪ଟି ଟିକସ ସ୍ଲାବ ଯଥା ୫%, ୧୨%, ୧୮% ଓ ୨୮%

## କାହା ଉପରେ ଲାଗୁହେବ ନାହିଁ ଜିଏସ୍‌ଟି

ଖାଦ୍ୟଶସ୍ୟ, ଦୁଗ୍ଧ, ଗୁଡ଼, ଅଣ୍ଡା, ଦହି, ଲସି, ପ୍ୟାକେଜ୍ ହୋଇନଥିବା ପନିର, ମହୁ, ପନିପରିବା, ଫଳ, ଅଟା, ବେସନ, ମଇଦା, ଖାଇବା ତେଲ, ପ୍ରସାଦ, ଖାଇବା ଲୁଣ, ଗର୍ଭନିରୋଧକ, ପାଉଁରୁଟି, ବିନ୍ଦି, ସିମେଇ, ଷ୍ଟାମ୍ପ, ବିଚାର ବିଭାଗୀୟ କାଗଜପତ୍ର, ଛାପା ପୁସ୍ତକ, ଚୁଡ଼ି ହସ୍ତତନ୍ତ ଉତ୍ପାଦ।




## କେଉଁଗୁଡ଼ିକ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁହେବ

ଚିନି, ଚା, କଫି, ଖାଇବା ତେଲ, କୋଇଲା, ଷ୍କିମ୍‌ଡ ଦୁଗ୍ଧ, ଶିଶୁ ପାଇଁ ଦୁଗ୍ଧ ଜାତୀୟ ଖାଦ୍ୟ, ସୁବାସିତ ଦୁଗ୍ଧ, ପ୍ୟାକେଟ୍‌ରେ ବିକ୍ରୀହେଉଥିବା ପନୀର, ଖବରକାଗଜ, ଛତା, ପିଡିଏସ୍ କିରୋସିନି, ଏଲ୍‌ପିଜି, ଝାଡୁ, ମାଛଜାଲ, ବିଭିନ୍ନ ପ୍ରକାରର କ୍ରିମ୍ ଓ ଲୋସନ୍, ବରଫୀକୃତ ମାଛ, ବିଭିନ୍ନ ଜାତିର ମସଲା, ପିଜା, ଫଳରସ, ସାବୁ, ଔଷଧ, ଗ୍ୟାସ ସିଲିଣ୍ଡର ପାଇପ୍, ବୋଟ୍ ଓ ଲଞ୍ଚ୍।

## ବଢ଼ିବ ସାଧାରଣ ବୀମା ଦେୟ

ଆଗାମୀ ପହିଲାରୁ ସାଧାରଣ ବୀମା ଦେୟ ପାଇଁ ଗ୍ରାହକଙ୍କୁ ଅଧିକ ବ୍ୟୟ କରିବାକୁ ହେବ । କାରଣ କାର ଜିଏସଟି ଲାଗୁ ହେବା ସହ କାର, ମୋଟର ସାଇକେଲ୍ ଏବଂ ସ୍ୱାସ୍ଥ୍ୟ ବୀମା ଦେୟରେ ବୃଦ୍ଧି ଘଟିବାକୁ ଯାଉଛି । ଏଜେଣ୍ଟଙ୍କ କମିସନ୍‌ରେ ସଂଶୋଧନ କରାଇବାକୁ ଯାଇ ବୀମା କମ୍ପାନୀଗୁଡିକ ସାଧାରଣ ବୀମା ପ୍ରିମିୟମ୍ (ଦେୟ)ରେ ଏହି ବୃଦ୍ଧି ଘଟାଇବାକୁ ଯାଉଛନ୍ତି । ଭାରତୀୟ ବୀମା ନିୟାମକ ବିକାଶ କର୍ତ୍ତୃପକ୍ଷ (ଆଇଆରଡିଏଆଇ) ଏ ନେଇ ବୀମା କମ୍ପାନୀଙ୍କୁ ଅନୁମତି ଦେଇଛି। ସଂଶୋଧନ ପରେ ବୀମା ପ୍ରିମିୟମ୍ ବର୍ତ୍ତମାନ ଦରର +/-୫ ରେ ସୀମିତ ରହିବ । ତୃତୀୟ ପକ୍ଷ ମୋଟର ବୀମା ମୂଲ୍ୟରେ ମଧ୍ୟ ଏହି ବୃଦ୍ଧି କରାଯିବ ।

## ଷ୍ଟେଟ୍ ବ୍ୟାଙ୍କରେ ନୂଆ ସେବା ଶୁଳ୍କ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଜୁନ ପହିଲାରୁ ଲାଗୁ କରିଛି ଏହାର ନୂଆ ସେବାଶୁଳ୍କ ନୀତି ଏଥି ଅନ୍ତର୍ଗତ ଷ୍ଟେଟ୍ ବ୍ୟାଙ୍କର ମୋବାଇଲ୍ ଆପ୍

ଦ୍ୱାରା ପ୍ରତ୍ୟେକ କାରବାର ପାଇଁ ୨୫ ଟଙ୍କା ଦେବାକୁ ପଡିବ। ସେବାଶୁଳ୍କ ୫୦ ଟଙ୍କା ଯୁକ୍ତ ସେବାକର ଲାଗୁ ହେବ। ଏପରକି ଅନ୍‌ଲଇନ୍ କାରବାର ପାଇଁ ଶୁଳ୍କ ଲାଗିବ। ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ ୫ ଟଙ୍କା , ୧-୨ ଲକ୍ଷ ପର୍ଯ୍ୟନ୍ତ କାରବାର ପାଇଁ ୧୫ ଟଙ୍କା ଯୁକ୍ତ ସେବାକର । ଓ ୨-୫ ଲକ୍ଷ ଟଙ୍କାର କାରବାର ପାଇଁ ୨୫ ଟଙ୍କା ଯୁକ୍ତ ସେବାକର ଦେବାକୁ ପଡିବ । ପ୍ରତ୍ୟେକ ଚେକ୍ ପାଇଁ ଏଣିକି ୩ ଟଙ୍କା ବାଧ୍ୟତାମୂଳକ ଭାବେ ଦେବାକୁ ପଡିବ।

## ମାଟ୍ରିକ ପାସକଲେ ଚୌଟାଲା



୮୨ ବର୍ଷ ବୟସରେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଇଣ୍ଡିଆନ ନ୍ୟାସନାଲ ଲୋକଦଳ ନେତା ଓମପ୍ରକାଶ ଚୌଟାଲା ଜେଲରେ ଥାଇ ମାଟ୍ରିକ ପରୀକ୍ଷାରେ ପାସ ହୋଇଛନ୍ତି ।

## ନେପାଳ ଯିବେ ବୁଦ୍ଧିଆ

ବିଶ୍ୱର ସର୍ବ କନିଷ୍ଠ ମାରାଥନ୍ ଧାବକ ଭାବେ ଖ୍ୟାତି ସାଉଁଟିଥିବା ଓଡ଼ିଆପୁଅ




ବୁଦ୍ଧିଆ ସିଂ ବୁଦ୍ଧ ଶାନ୍ତି ଦୌଡ଼ରେ ସାମିଲହେବେ । ନେପାଳର ଲୁମ୍ବିନି ସ୍ଥିତ କପିଳବାସ୍ତୁରେ ଆୟୋଜିତ ଏଭେରେଷ୍ଟ ମାରାଥନ ପୂର୍ବରୁ ବୁଦ୍ଧଶାନ୍ତି ମଶାଲ ଦୌଡ଼ରେ ଅନ୍ୟତମ ଅତିଥି ଭାବେ ଯୋଗ ଦେବାକୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି । ଏଭେରେଷ୍ଟ ମାରାଥନର ଅବ୍ୟବହିତ ପୂର୍ବରୁ ମେ ୧୫ ତାରିଖରେ ବୁଦ୍ଧ ଶାନ୍ତି ମଶାଲଦୌଡ଼ର ଆୟୋଜନ କରାଯାଇଛି । ନାଳନ୍ଦା ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଡ. ରବୀନ୍ଦ୍ର ପନ୍ଥ, ନେପାଳର ଅଲିମ୍ପିଆନ୍ ବୈକୁଣ୍ଠ ମନନ୍ଧର, ମାରାଥନ୍ ଧାବକ ତଥା ଲିମକା ବୁକ୍ ଅଫ୍‌ରେକର୍ଡଧାରୀ ସିକିମିର ଅମର ସୁଧା ପ୍ରମୁଖ ଏଥିରେ ସାମିଲ ହେବେ । ଲୁମ୍ବିନିର ବିସ୍ମୟ ବାଳିକା କ୍ରିଡାବିତ ସାହାବାନୁ ମଶାଲ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିବେ। ଅଶୋକ, କଳିଙ୍ଗ, କପିଳବାସ୍ତୁ ଏବଂ ଲୁମ୍ବିନି ମଧ୍ୟରେ ଭାବଗତ ଓ ଆଧ୍ୟାତ୍ମିକ ସଂଯୋଗ ରହିଛି ।

## ତୁଷାରପାତର ଭ୍ରମ:



ବାଙ୍ଗାଲୋରର ବାର୍ତ୍ତୁର ପୁଷ୍କରିଣୀ ପ୍ରାୟ ୯୦୦ଏକର ଜମିରେ ପରିବ୍ୟାପ୍ତ । ଏହି ପୁଷ୍କରିଣୀ ଏବେ ଭୟଙ୍କର ଭାବେ ପ୍ରଦୂଷିତ । ଏହାର ପ୍ରଦୂଷଣ ଯୋଗୁଁ ରାସ୍ତା ଘାଟ ସବୁଆଡେ ବିଷାକ୍ତ ଧଳା ଫେଣ ଉଡୁଛି । ବିଭିନ୍ନ କଳକାରଖାନାର ଆବର୍ଜନା, ନର୍ଦ୍ଦମା ପାଣି ଓ ବର୍ଜ୍ୟବସ୍ତୁ ଯୋଗୁଁ ଏହି ପ୍ରଦୂଷଣ ହୋଇଥିବା କୁହାଯାଉଛି । କିଛି ଦିନ ତଳେ ଏହି ପୁଷ୍କରିଣୀର ଜଳଭାଗରେ ହୁତୁ ହୁତୁ ହୋଇ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା । ଏହି ପୁଷ୍କରିଣୀ ନିକଟରେ ୨୫୦ରୁ ଅଧିକ ଆପାର୍ଟମେଣ୍ଟ ରହିଛି । ।

## ପୁଣି କ୍ଷେପଣାସ୍ତ୍ର ପରୀକ୍ଷା କଲା ଉତ୍ତରକୋରିଆ

ଉତ୍ତର କୋରିଆ ଚଳିତ ବର୍ଷର ଦ୍ୱାଦଶ କ୍ଷେପଣାସ୍ତ୍ର ପରୀକ୍ଷା କରିଛି । ସମସ୍ତ କଟକଣା ଓ ଆକଟକୁ ଉପେକ୍ଷା କରି ଏହି ପରୀକ୍ଷା କରାଯାଇଛି । ଏହାକୁ ନେଇ ଜାପାନ ଓ ଦକ୍ଷିଣକୋରିଆ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି କ୍ଷେପଣାସ୍ତ୍ର ଜାପାନ ଉପକୂଳରେ ସି ଅଫ ଜାପାନରେ ନିକ୍ଷେପ କରାଯାଇଥିଲା । ଏହାର ଲକ୍ଷ୍ୟଭେଦ କ୍ଷମତା ୪୫୦ କି.ମି. ଥିଲା । ଏହାଦ୍ୱାରା ଜାପାନ, ଦକ୍ଷିଣ କୋରିଆ, ଚୀନ ଓ ରୁଷିଆକୁ ମଧ୍ୟ ଟାର୍ଗେଟ କରାଯାଇପାରିବ ।

## ପକ୍ଷୀଙ୍କ ଭଳି ଦେଖିବ ଡ୍ରୋନ୍

ଏଣିକି ଡ୍ରୋନ୍ ପକ୍ଷୀଙ୍କ ଭଳି ଲକ୍ଷ୍ୟସ୍ଥଳକୁ ଦେଖି ମହୁମାଛି ଭଳି ଉଡ଼ିପାରିବ। ଡ୍ରୋନ୍ ଉଡ଼ାଇବା ଲାଗି ଆଉ ମନୁଷ୍ୟ, ରାଡାର କିମ୍ବା ଜିପିଏସ୍



ସାଟେଲାଇଟ୍‌ର ସାହାଯ୍ୟ ଆବଶ୍ୟକ ହେବ ନାହିଁ। ଅଷ୍ଟ୍ରେଲିଆର କ୍ୱିନ୍‌ସଲାଣ୍ଡ ୟୁନିଭର୍ସିଟିଠାରେ ଗବେଷକଙ୍କ ଏକ ଦଳ ଏଭଳି ଏକ ଡ୍ରୋନ ବା ୟୁଏଭି (ଅନ୍‌ମ୍ୟାନ୍‌ଡ ଏରିଆଲ୍ ଭେଇକିଲ୍)ର ବିକାଶ କରୁଛନ୍ତି। ପକ୍ଷୀମାନେ ଉଡ଼ିବା ସମୟରେ ଭୂମିଠାରୁ ନିଜର ଉଚ୍ଚତାକୁ ନିୟନ୍ତ୍ରଣରେ ରଖିଥାନ୍ତି ଓ ସେହି ପଦ୍ଧତିକୁ ମଧ୍ୟ ଡ୍ରୋନ୍‌ରେ ସଂସ୍ଥାପନ କରିବା ଲାଗି କାର୍ଯ୍ୟ କରାଯାଉଥିବା ପ୍ରଫେସର ଶ୍ରୀନିବାସନ୍ କହିଛନ୍ତି।

## ‘ଆଧାର’ ଡାଟା ଲିକ ନହେବା ନେଇ କେନ୍ଦ୍ରର ନିର୍ଦ୍ଦେଶ

ଆଧାର କାର୍ଡରେ ରହିଥିବା ବ୍ୟକ୍ତିଗତ ତଥ୍ୟକୁ ସାଧାରଣରେ ପ୍ରକାଶ କରିବା ବ୍ୟକ୍ତିର ଗୋପନୀୟତାକୁ ଉଲ୍ଲଂଘନ କରୁଥିବା ନେଇ କେତେକ ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ କେନ୍ଦ୍ର ସରକାରଙ୍କ ପ୍ରଯୁକ୍ତି ଓ ସୂଚନା ବିଭାଗ ଏଥିନେଇ ସବୁ ସରକାରୀ ବିଭାଗ ଓ ବ୍ୟାଙ୍କ ମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ, ଆଧାର ସହ ଏବେ କ୍ରାଇମ , ବ୍ୟାଙ୍କ ଏକାଉଣ୍ଟ, ଆୟକର ତଥ୍ୟ , ବିଦେଶ ଗସ୍ତ ତଥ୍ୟ , ବ୍ୟକ୍ତିଗତ ଆର୍ଥିକ କାରବାର ସଂଶ୍ଲିଷ୍ଟ ହୋଇଥିବାରୁ ଏହି ତଥ୍ୟଯେପରି ଲିକ ନହୁଏ ତାହା ସୁନିଶ୍ଚିତ କରାଯାଉ ।

ବିଜ୍ଞାନ ବିଚିତ୍ରା

# କେତେକ ଔଷଧୀୟ ବୃକ୍ଷ ଏବଂ ତାର ବ୍ୟବହାର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଗୁଗ୍‌ଗୁଳ**(Commiphora mukul)

ଏହି ଗଛଟି ଏକ ଛୋଟ କଂଟାଯୁକ୍ତ ଉଦ୍ଭିଦ। ଏହାର କାଣ୍ଡରେ ଯଦି କ୍ଷତ ସୃଷ୍ଟି ହୁଏ ତେବେ ସେହି ସ୍ଥାନରୁ ଏକ ଅଠାଳିଆ ପଦାର୍ଥ ବାହାରେ ଯାହାକୁ ଗୁଗ୍‌ଗୁଳ ବୋଲି ଆମ ଆୟୁର୍ବେଦ ଶାସ୍ତ୍ରରେ ବର୍ଣିତ ଅଛି। ରସାୟନ ଶାସ୍ତ୍ରାନୁଯାୟୀ ଯଦି ଏହି ଅଠାକୁ ଠିକ୍ ରୂପେ ଶୋଧନ କରାଯାଏ ତେବେ ଏଥିରୁ ଗୁଗଗୁଲ ଷ୍ଟିରନ-ଜେଡ୍ ଓ ଇ ନାମକ ଷ୍ଟିରଲ୍ ମିଳେ ଯାହା ମନୁଷ୍ୟ ଶରୀରରେ ଥାଇରଏଡ୍ ରୋଗ, କୋଲେଷ୍ଟେରଲ୍ ମେନେଜମେଂଟ ଓ କେତେକ ଚର୍ମରୋଗର ଉପଶମ ପାଇଁ ସଞ୍ଜିବନୀ ଭଳି କାର୍ଯ୍ୟ କରେ। ପରୀକ୍ଷାରୁ ଜଣା ଯାଇଛି ଯେ ଗୁଗଗୁଲ ଷ୍ଟିରନ-ଜେଡ୍ ଓ ଇ ଔଷଧ ଭଳି ଶାରୀରିକ କ୍ରିୟାର ଦିଗକୁ ପରିବର୍ତ୍ତିତ କରିପାରେ। ସୁଶ୍ରୁତ ସଂହିତାର ବର୍ଣନାନୁଯାୟୀ ଏହି ଉଦ୍ଭିଦକୁ ବାତ, ମେଦବୃଦ୍ଧି, କୋଲେଷ୍ଟେରଲ୍ ବୃଦ୍ଧି ଓ ମେଦରୋଗ ଭଳି ବିଭିନ୍ନ ଲକ୍ଷଣର ନିଦାନ ନିମନ୍ତେ ବ୍ୟବହାର କରାଯାଇ ପାରେ। ଏଥିରେ ରେଜିନ୍, ଉଦବାୟୀ ତୈଳ, ଅଠା ଓ ଏକ କିଟୋନିକ୍ ଷ୍ଟିରଏଡ୍ ଗୁଗଗୁଲ ଷ୍ଟିରନ ରହିଛି ଯାହା ରକ୍ତରେ ଥିବା କୋଲେଷ୍ଟେରଲ୍,ଏବଂ ଟ୍ରାଇଗ୍ଲିସେରାଇଡ୍‌ର ମାତ୍ରାକୁ କମାଇ ଏଚଡିଏଲ୍‌ର ସ୍ତରକୁ ବଢାଏ।ଏହାର ଆଂଟିଅକ୍ସିଡେଂଟ ଗୁଣଯୋଗୁଁ ଜାରଣ ପ୍ରକ୍ରିୟାକୁ ପ୍ରଶମିତ କରି ଅଥେରୋସ୍କେଲୋରୋସିସ୍ ରୋଗ ଦାଉରୁ ରକ୍ଷା କରିଥାଏ। ସେହିପରି ଏହାର ବ୍ୟବହାର ରକ୍ତରେ ଥିବା ପ୍ଲେଟଲେଟକୁ ବହଳା ହୋଇ ଜମା ହେବାକୁ ଦିଏ ନାହିଁ। ଫଳରେ କରୋନାରି ଆର୍ଟେରୀ ରୋଗର ସମ୍ଭାବନା କମିଯାଏ। ଅର୍ଥାତ ଏହା କ୍ଲୋଫବ୍ରେଟ୍ ଭଳି କାର୍ଯ୍ୟ କରେ।ଦୈନିକ ୧୫୦ ମିଗ୍ରା ଗୁଗ୍‌ଗୁଲ ସହ ଫସ୍‌ଫେଟ୍ ଲବଣ,ହାଇଡ୍ରକ୍ସି ସାଇଟ୍ରେଟ ଓ ଟାଇରୋସିନ ମିଶ୍ରିତ ଔଷଧ ରୋଗୀକୁ ଦେଲେ ମେଦବହୁଳତା ଯଥେଷ୍ଟ କମିଯାଏ। ଅନ୍ୟ ଏକ ପରୀକ୍ଷଣ ଦର୍ଶାଏ ଯେ ସିଷ୍ଟିକ୍ ଆକନେ ଚିକିତ୍ସାରେ ଗୁଗ୍‌ଗୁଳ ଟେଟ୍ରାସାଇକ୍ଲିନ ଭଳି କାମ କରିଥାଏ।ଏଠାରେ ରୋଗୀକୁ ୫୦୦ ମିଗ୍ରା ଆକାରରେ ଦିନକୁ ୨ ଥର ଦିଆଯାଇଥିଲା। ଅବଶ୍ୟ ଔଷଧର ପରିମାଣ ଏଥିରେ ଥିବା ଗୁଗଗୁଲ ଷ୍ଟିରନର ପରିମାଣ ଉପରେ ନିର୍ଭର କରେ। ଅବଶ୍ୟ ଅଧିକାଂଶ ନମୁନାରେ ଏହାର ପରିମାଣ ୨.୫୫% ରହିଥାଏ। ତେଣୁ ଉଚ୍ଚସ୍ତରର କୋଲେଷ୍ଟେରଲ ଓ ଟ୍ରାଇଗ୍ଲିସେରାଇଡ୍‌ର ମାତ୍ରା ହ୍ରାସ କରିବାକୁ ଦିନକୁ ୨୫ ମିଗ୍ରାର ଗୁଗଗୁଲ ୩ ଥର ହିସାବରେ ୧୨ ରୁ ୨୪ ସପ୍ତାହ ପର୍ଯ୍ୟନ୍ତ ଦିଆଯାଇପାରେ। ଜଣେ ପଚାରିପାରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଅଛି ନା ନାହିଁ। ଯେହେତୁ ଏହା ଔଷଧର କାର୍ଯ୍ୟ କରେ ତେଣୁ ନିଶ୍ଚିତଭାବେ ଏହାର ପ୍ରଭାବ ରହିଛି। ବହୁପୁରାତନ କାଳରେ ଉନ୍ନତ ଜ୍ଞାନକୌଶଳର ଅଭାବ ଯୋଗୁ ଏଥିରୁ ଯେଉଁ ଓଲିଓରେଜିନ୍ ବାହାର କରାଯାଉଥିଲା ସେଥିରେ ଦୂଷିତ ପଦାର୍ଥର ମାତ୍ରାଧିକ୍ୟତା ହେତୁ ଝାଡାବାନ୍ତି , ପେଟଦରଜ ଓ ଚର୍ମରେ ଫଳିଗଲା ଭଳି ଉପସର୍ଗ ଦେଖାଯାଉଥିଲା। କିନ୍ତୁ ଆଜିକାଲିର ଉନ୍ନତ ଜ୍ଞାନକୌଶଳ ଏହି ଅସୁବିଧାକୁ ଦୂର କରିଦେଲାଣି। ଏଠାରେ ସୂଚାଇ ଦିଆଯାଇପାରେ ଯେ ଲିଭର ବା ଯକୃତ୍ ରୋଗରେ ତଥା ଝାଡା ଓ ପେଟରୋଗରେ ପୀଡିତ ବ୍ୟକ୍ତି ଡାକ୍ତରଙ୍କ ବିନା ପରାମର୍ଶରେ ଏହାକୁ ବ୍ୟବହାର କରିବା ଉଚିତ ନୁହଁ।



ଗୁଳୁଚି (Tinopora cordifolia)

ଏହାକୁ ସଂସ୍କୃତରେ ଗୁଡୁଚି ବା ଅମୃତ ସୋମଭେଲ୍ଲି ବୋଲି କୁହାଯାଏ।ସେହିପରି ତେଲୁଗୁରେ ଜୀବନ୍ତିକା ଓ ତାମିଲ୍ ତଥା କନ୍ନଡ ଭାଷାରେ ଅମୃତାବଲ୍ଲୀ ବୋଲି କୁହାଯାଏ।ଏହା ଲତା ଭଳି ମାଡୁଥିବା ଏକ ଗଛ ଯାହାର



କାଣ୍ଡ ମୋଟା, ରସାଳ ଓ ଏହାର ଚେର କାଣ୍ଡରୁ ଓହଳି ରହିଥାଏ।ଏହାର ଛାଲିସବୁ ଦୁଧିଆ କିମ୍ବା ବାଦାମି ରଙ୍ଗର ଖଦଡିଆ ଏବଂ କାଗଜ ପରି ପତଳା ହୋଇଥାଏ। କାଠ ନରମ ଓ ଛିଦ୍ରଯୁକ୍ତ ହୋଇଥାନ୍ତି। ପତ୍ରଗୁଡିକ ଓସାରିଆ, ଗୋଜିଆ ଏବଂ ଶିରା, ପ୍ରଶିରା ଯୁକ୍ତ ହୋଇଥାନ୍ତି। ଫୁଲଗୁଡିକ ଏକଲିଙ୍ଗୀ,ସବୁଜରଙ୍ଗର ପେଣ୍ଡା ପେଣ୍ଡା ହୋଇ ଲମ୍ବା ଡେଙ୍ଫରେ ଲାଗି ରହିଥାନ୍ତି। ଫଳଗୁଡିକ ମାଂସଳ, ଗୋଲାକାର ଏବଂ ଏକ ମଞ୍ଜି ବିଶିଷ୍ଟ। ମଞ୍ଜିଗୁଡିକ ବଙ୍କା ହୋଇଥାଏ।

ଡାଇବେଟିସ୍ ପାଇଁ ଗୁଳୁଚି ଏକ ଅମୋଘ ଔଷଧ ରୂପେ କେଉଁ ପୁରାତନ କାଳରୁ ଜଣାଅଛି। ମଧୁମେହ ରୋଗର ନିୟନ୍ତ୍ରଣ ପାଇଁ ଦୈନିକ ଅଧଗ୍ଲାସ ଗୁଳୁଚି ରସକୁ ମହୁ ସହିତ ମିଶାଇ ପିଇବାକୁ କୁହାଯାଏ। ସେହିପରି

୯୦ ଗ୍ରାମ୍ ଗୁଳୁଚି ଗୁଣ୍ଡକୁ ପଇଡପାଣି ସହ ମିଶାଇ କିଛିଦିନ ରଖିଲା ପରେ ସେଥିରୁ ଦିନକୁ ୨ ଚାମଚ ହିସାବରେ ୩ ଥର ନେଲେ ଡାଇବେଟିସ୍‌ରୁ ରକ୍ଷା ମିଳିଥାଏ।ଯଦି ଏହା ସହ ନିରୁୟାଦି ନାମକ ଟ୍ୟାବଲେଟ ମିଶାଯାଏ ତେବେ ଅଧିକ ସୁଫଳ ମିଳିଥାଏ। ଅନ୍ୟ ଏକ ଉପାୟ ହେଲା ଏକ ଗ୍ଲାସ ପାଣିରେ କିଛି ଗୁଳୁଚି ଗୁଣ୍ଡ ଓ ହଳଦୀ ଗୁଣ୍ଡ ମିଶାଇ ରାତିଟିଏ ରଖି ତା ପରଦିନ ସକାଳୁ ପାନ କଲେ ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ୫ ରୁ ୧୦ ଗ୍ରାମ ଗୁଳୁଚି ଗୁଣ୍ଡ ସହ କ୍ଷୀର ମିଶାଇ ପ୍ରତ୍ୟେକ ଦିନ ପାନ କଲେ ମଧୁମେହରୁ ଉପଶମ ମିଳିଥାଏ। ଏହା ହଜମ କ୍ରିୟାରେ ସହାୟତା କରିବା ସହ ଏକ ସ୍ନାୟୁ ଟନିକ୍ ଏବଂ ଲିଭର ଓ କିଡନି ରୋଗର ଉପଶମରେ ସହାୟତା କରିଥାଏ। ଗୁଳୁଚି ଗୁଣ୍ଡକୁ ସମ ପରିମାଣର ଅଁଳା ରସ ଓ ହଳଦିଗୁଣ୍ଡ ସହ ମିଶ୍ରିତ କରି ଦିନଟିଏ ରଖିଲା ପରେ ସେହି ମିଶ୍ରଣକୁ ଔଷଧାକାରରେ ବ୍ୟବହାର କଲେ ସ୍ନାୟୁ ଦୁର୍ବଳତା ଓ ଜ୍ୱର ପରବର୍ତ୍ତୀ ବିକାରରୁ ରକ୍ଷା ମିଳିଥାଏ। ବୟସ୍କ ବ୍ୟକ୍ତିମାନେ ଯଦି ଗୁଳୁଚି, ଗୋଖୁରୁ ଓ ଅଁଳା ଗୁଣ୍ଡକୁ ପ୍ରତ୍ୟେକ ଦିନ ମିଶ୍ରିତଭାବେ ନିଅନ୍ତି ତେବେ ତାହା ତାଙ୍କୁ ବଳ ପ୍ରଦାନ କରିବା ସହ ଅମ୍ଳତ୍ୱ ଦୂର କରେ ଓ ରକ୍ତକୁ ବିଶୋଧିତ କରେ। ଯଦି ଚର୍ମରେ ଘାଆ, ବଥ କିମ୍ବା ଫୋଟକା ହୋଇଥାଏ ତେବେ ଗୁଳୁଚି ରସ ଓ ମହୁ ମିଶା ପ୍ରଲେପ ଦେଲେ ଉପଶମ ମିଳେ। ବହୁଦିନ ଧରି ଯଦି ବଥଟିଏ ପାଚୁ ନ ଥିବ ବା ଫାଟୁ ନ ଥିବ ତେବେ ତା ଉପରେ ଗୁଳୁଚି ପତ୍ର ବାଟି ଲହୁଣୀ ମିଶାଇ ଦିଅନ୍ତୁ ଦେଖିବେ ନିଶ୍ଚୟ ସୁଫଳ ମିଳିବ। ଯଦି ମୁଣ୍ଡରେ ଏକଜିମା କିମ୍ବା ଟିନିଆ ସଂକ୍ରମଣ ହୋଇଥାଏ ତେବେ ଗୁଳୁଚି,ଦୁଆ ରସ (Cynodon dactylon) , ମୁଷ୍ତକ(Cyperus rotundus) ଓ କୁଷ୍ଠମ, (Sausserea lappa)ରୁ ପ୍ରସ୍ତୁତ ତୈଳକୁ ଅଦା ରସ ସହ ମିଶାଇ ଲଗାଇଲେ ସୁଫଳ ମିଳିଥାଏ। ଅନ୍ୟ ଚର୍ମ ରୋଗର ଉପଶମ ପାଇଁ ଗୁଳୁଚି, ନିମ୍ବଛାଲି ଓ ଭାସାକା ଚେରରୁ ତିଆରି ମିଶ୍ରଣକୁ ପ୍ରଲେପାକାରରେ ଦିଆଯାଇପାରେ। ହୃଦରୋଗୀମାନେ ଗୁଳୁଚି ଓ ଗୋଲମରିଚ ରୁ ତିଆରି କ୍ୱାଥ ଓ ଆଂଠୁଗଂଠି ବାତପାଇଁ ଗୁଳୁଚି ଓ ତ୍ରିଫଳାରୁ ତିଆରି କ୍ୱାଥକୁ ଦିନକୁ ୩ ଥର ନେବାକୁ ଆୟୁର୍ବେଦ ଶାସ୍ତ୍ରରେ ବର୍ଣିତ ଅଛି। ଯଦି ଥଣ୍ଡା ଓ ମୁଣ୍ଡବ୍ୟଥାରେ ଆପଣ ପିଡିତ ରହୁଛନ୍ତି ତେବେ ଗୁଳୁଚି, ମୁଷ୍ତାକା, ଅଦା ଓ ଚନ୍ଦନ ପ୍ରଲେପ ଦେଲେ ତତ୍‌କ୍ଷଣାତ ଯନ୍ତ୍ରଣା ଲାଘବ ହୋଇଥାଏ। ବାତରୋଗୀଙ୍କୁ ଗୁଳୁଚ୍ୟାଦି କିମ୍ବା ଅମୃତ୍ୟାଦି ତୈଳ ମାଲିସ କରିବାକୁ କୁହାଯାଏ। ମେଲେରିଆ କିମ୍ବା ଅନ୍ୟ ଜ୍ୱରର ଉପଶମ ପାଇଁ ଗୁଳୁଚି ଓ ମହୁରସକୁ ମିଶାଇ ଦିନକୁ ୨ ଥର ଲେଖାଏଁ ନେବାକୁ ପରାମର୍ଶ ଦିଆଯାଇଥାଏ।

**ଡାଳିମ୍ବ** (Punica granatum)

ଏହାକୁ ସଂସ୍କୃତରେ ଦଣ୍ଡବୀଜମ୍, ଲୋହିତ ପୁଷ୍ପମ ବା ଡାଳିକା ବୋଲି କୁହାଯାଏ। ଏହି ଗଛଟି ବେଶୀ ଉଚ୍ଚା ନ ଥାଏ। ପତ୍ର ସରୁ , ଫୁଲସବୁ ୩-୪ ସେମି ଲମ୍ବର ଏବଂ ଫଳ କମଳା ରଙ୍ଗର ହୋଇଥାଏ। ଫଳ ବଡ ହେଲାପରେ ପ୍ରାୟ ୫ ସେମି ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ ହୋଇପାରେ। ଡାଳିମ୍ବର ଖୋଳପାରେ ୟୁନିକୋଟାନିକ୍ ଏସିଡ୍, ଗାଲିକ ଏସିଡ, ମାନାଇଟ ସହ ପେଲିଟିଅରିନ, ମିଥାଇଲ ପେଲିଟିଅରିନ୍ , ସିଉଡୋ ପେଲିଟିଅରିନ୍ ଓ ଆଇସୋ ପେଲିଟିଅରିନ୍ ଥାଏ। ଏହାର ରସାଳ ଅଂଶରେ ଟାନିକ ଏସିଡ, ଶର୍କରା ଓ ଅଠା ଥାଏ। କେଉଁ ଆବହମାନ କାଳରୁ ଡାଳିମ୍ବକୁ ବିଭିନ୍ନ ରୋଗର



ଚିକିତ୍ସାରେ ବ୍ୟବହାର କରାଯାଇ ଆସୁଛି। ସେଥିରୁ କେତୋଟି ବାବଦରେ ନିମ୍ନରେ ସୂଚନା ଦିଆଗଲା। ଯଦି ଜଣେ ଜୀବାଣୁ ଜନିତ ଝାଡାରୋଗରେ ପଡ଼ିଥାଏ ତେବେ ଡାଳିମ୍ବର ଖୋଳପାକୁ ବାଟି କିମ୍ବା ଶୁଖିଲା ଛାଲିକୁ ଗୁଣ୍ଡ କରି ଲହୁଣୀ ସହ ମିଶାଇ ଖାଇଲେ ଶୀଘ୍ର ଆରାମ ମିଳିଥାଏ। ସାଧାରଣ ଝାଡା ରୋଗରେ ଡାଳିମ୍ବଛାଲିର ଗୁଣ୍ଡ ସହ ଲବଙ୍ଗ ଓ ଡାଲଚିନି ମିଶାଇ ଦିନକୁ ୨ ଥର ଖାଇଲେ ଉପଶମ ମିଳେ। ଶିଶୁମାନଙ୍କୁ ବହୁଦିନଧରି ତରଳ ଝାଡା ହେଉଥିଲେ ଡାଳିମ୍ବଛାଲିର ଗୁଣ୍ଡ ସହ ଜାଇଫଳ ଓ ଡାଲଚିନିକୁ ମିଶାଇ ମହୁ ସହ କିଛି ଦିନ ଦେଲେ ଝାଡା ବନ୍ଦ ହୋଇଥାଏ। ଅମାଶୟ ଝାଡା ହେଉଥିଲେ ଅଁଳା ଓ ଡାଳିମ୍ବ ଛାଲି ଗୁଣ୍ଡକୁ ଦିନରେ ୨ ଥର ଲେଖାଏଁ ନେଲେ ସୁଫଳ ମିଳିଥାଏ। ଝାଡାବାନ୍ତି ରୋଗରେ ପିଡୀତ ବ୍ୟକ୍ତିଙ୍କୁ ୬ ଗ୍ରାମ ର କଅଁଳିଆ ଡାଳିମ୍ବ ପତ୍ରକୁ ବାଟି ୧ ଡେସି ଗ୍ରାମ ଅଫିମ ସହ ମିଶ୍ରିତ କରି କିଛିଦିନ ଦେଲେ ରୋଗ ନିୟନ୍ତ୍ରଣକୁ ଆସିଥାଏ। ଶିଶୁ ମାନଙ୍କ କ୍ଷେତ୍ରରେ ଡାଳିମ୍ବ ଫୁଲକୁ ବି ବାଟି ମହୁ ସହ ଦିଆଯାଏ। ଫିତାକୃମି ରୋଗରେ ସଂକ୍ରମିତ ବ୍ୟକ୍ତିଙ୍କୁ ଡାଳିମ୍ବ ଗଛର ଚେରକୁ ବାଟି ତାର ରସ କିମ୍ବା ଗଛର ଛାଲି ଓ ପତ୍ରର ରସକୁ ୧୦୦ ମିଲି ପାଣି ଓ କେଇବୁନ୍ଦା ଜଡାତେଲ ମିଶାଇ ୨-୩ ଦିନ ଦେଲେ କୃମିସବୁ ମରିଯାନ୍ତି। ଛୋଟ ଶିଶୁମାନଙ୍କ ଶରୀରରୁ କୃମିନାଶ ପାଇଁ ପ୍ରତ୍ୟେକ ରାତି ଶୋଇଲାବେଳେ ଡାଳିମ୍ବ ରସ ପିଇବାକୁ ଦେଲେ ସୁଫଳ ମିଳେ। ଯଦି ଔଷଧ ନେଲାପରେ ବି କୃମିରୋଗ ଛାଡୁନାହିଁ ତେବେ ପ୍ରତ୍ୟେକ ରାତିରେ ଏକ କପ୍ ଗରମ ପାଣିରେ ଗୋଟିଏ ଚାମଚ ଡାଳିମ୍ବର ଶୁଖିଲା ଛାଲିରୁ ପ୍ରସ୍ତୁତ ଗୁଣ୍ଡକୁ ମିଶାଇ ପାନ କରନ୍ତୁ ନିଶ୍ଚିତ ସୁଫଳ ପାଇବେ। ପେଟ ଭିତରେ ଘାଆ ହୋଇଥିଲେ କିମ୍ବା ଅନ୍ୟ ପେଟ ବେମାରୀ ଥିଲେ ପ୍ରତ୍ୟେକ ଦିନ ଏକ କପ୍ ଲେଖାଏଁ ଡାଳିମ୍ବ ରସ ପିଇବାକୁ କୁହାଯାଏ। ଯଦି ନାକରୁ ରକ୍ତ ପଡୁଥାଏ ତେବେ ସଜ ଡାଳିମ୍ବ ଫୁଲର ରସକୁ ବୁନ୍ଦା ବୁନ୍ଦା କରି ନାକରେ ପକାଇଲେ ରକ୍ତ ପଡିବା ବନ୍ଦ ହୋଇଯାଏ। ସେହିପରି କୌଣସି

କ୍ଷତ ସ୍ଥାନରୁ ରକ୍ତ ବୋହିବା ବନ୍ଦ କରିବାକୁ ଚାହିଁଲେ ଡାଳିମ୍ବ ଗଛର ପତ୍ର, ଫୁଲ, ବା କଢକୁ ଛେଚି ତାର ରସକୁ ସେହି ସ୍ଥାନରେ ଲଗାଇବା ଦରକାର। କଫ, କାଶରୁ ରକ୍ଷା ପାଇବାକୁ ଡାଳିମ୍ବ ଓ ଭାସକାପତ୍ର ରସକୁ ମିଶାଇ କିଛି ଦିନ ସେବନ କରିବାକୁ କୁହାଯାଏ। ଆଂଠୁ, ଗଂଠି ବାତରୁ ରକ୍ଷା ପାଇବାକୁ ଯନ୍ତ୍ରଣା ସ୍ଥାନରେ ଡାଳିମ୍ବ ଗଚ ଚେରକୁ ଛେଚି ତା ସହ ଦେଶୀ ଘିଅ ମିଶାଇ ପଟି ବାନ୍ଧିବାକୁ ପଡେ। ହାତ ଓ ଗୋଡରେ ୍ଦି ଘାଆ କିମ୍ବା ବଥ ହୋଇଥାଏ ତେବେ ପଂଚାଙ୍ଗ (ଚେର,ବକଳ,ପତ୍ର,ଫୁଲ ଓ ଫଳ)ର ସମାହାରରୁ ତିଆରି କ୍ୱାଥକୁ ଦୁଇ ସପ୍ତାହ ଧରି ବ୍ୟବହାର କଲେ ଆରାମ ମିଳେ। ମିଳିମିଳା ରୋଗରେ କ୍ଷତ ସ୍ଥାନ ସୃଷ୍ଟି ହୋଇଥିଲେ ଡାଳିମ୍ବ ଫଳକୁ ବାଟି ଚାଉଳଧୁଆ ପାଣି ସହ ପାନ କଲେ ସୁଫଳ ମିଳେ ବୋଲି ବୈଦ୍ୟମାନେ କହନ୍ତି। ସ୍ନାୟୁଗତ ଦୁର୍ବଳତା ଦୂର କରିବାକୁ ପ୍ରତ୍ୟହ ଡାଳିମ୍ବ ରସ ସହ ମହୁ ମିଶାଇ ପାନ କରିବାକୁ କୁହାଯାଏ। ଆଖିରେ କଞ୍ଜୁକ୍ଟିଭାଇଟିସ ଯୋଗୁଁ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ଡାଳିମ୍ବ ଗଛର କଅଁଳିଆ ପତ୍ରକୁ ବାଟି କନାରେ ପଟି ଆକାରରେ ଦିଅନ୍ତୁ, ନିଶ୍ଚୟ ସୁଫଳ ପାଇବେ।

**ବ୍ରାହ୍ମୀ (Baccopa monnieri )**

ଏହାକୁ ସଂସ୍କୃତରେ ସୌମ୍ୟଲତା, ବ୍ରାହ୍ମ୍ୟ ବା ସୀତାକାମିନୀ କୁହାଯାଏ। ଏହି ଉଦ୍ଭିଦଟି ଅନେକ ଉପାଦେୟ ରାସାୟନିକ ପଦାର୍ଥରେ ଭରା। ସେଗୁଡିକ ମଧ୍ୟରେ ବ୍ରାହ୍ମୀନ୍, ହର୍ପେଷ୍ଟିନ୍, ସାପୋନିନ୍ସ, ଡି-ମେନିଟଲ, ବେଟୁଲିକ ଏସିଡ, ବିଟା ସିଟୋଷ୍ଟିରଲ , ଷ୍ଟିଗ୍ମାଷ୍ଟିରଲ  ଅଲ୍କାକୋସେନ୍, ନିକୋଟିନ, ଆଲ୍ଫା ଆଲାନାଇନ୍, ଆସ୍ପାର୍ଟିକ୍ ଏସିଡ, ଗ୍ଲୁଟାମିକ ଏସିଡ ଓ ସେରିନ୍ ପ୍ରମୁଖ ଅଟନ୍ତି। ମନୁଷ୍ୟ ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ଏହା ପ୍ରଭାବିତ କରୁଥିବା ଯୋଗୁଁ ଏହାକୁ ଏକ ଦିବ୍ୟ ଔଷଧ ରୂପେ ଗଣନା କରାଯାଏ। ବୟସବୃଦ୍ଧିକୁ ଶିଥିଳ କରିବା, ମାନସିକ ଅବସାଦ ଦୁର କରିବା, ସ୍ମରଣ ଶକ୍ତି ବୃଦ୍ଧି, କୋଷ୍ଠକାଠିନ୍ୟ ଦୂର କରିବା, ହୃତପିଣ୍ଡକୁ ସୁସ୍ଥ ରଖିବା ଆଂଟି ଅକ୍ସିଡେଂଟ ଭଳି କାମ କରି ଶରିରକୁ ରୋଗ ପ୍ରତିରୋଧକ ଶକ୍ତି ଯୋଗାଇବା ଭଳି ଅତି ମୂଲ୍ୟବାନ କାର୍ଯ୍ୟ ଏହାଦ୍ୱାରା ସମ୍ପାଦିତ ହୋଇଥାଏ। ଯଦି ଶିଶୁମାନଙ୍କୁ ଦୈନିକ ୫ ରୁ ୧୦ମିଲି ବ୍ରାହ୍ମୀରସ ସକାଳୁ ଗାଇ ଘିଅ ସହ କିମ୍ବା ଲହୁଣୀ ମିଶାଇ ଦିଆଯାଏ ତେବେ ସେମାନଙ୍କ ସ୍ମରଣ ଶକ୍ତି ବୃଦ୍ଧି ସହ ଧୀ- ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଯଦି ଗୋଟିଏ ବ୍ରାହ୍ମୀ ବଟିକାକୁ ଗରମ ବା ଥଣ୍ଡା କ୍ଷୀର ସହ ମିଶ୍ରିତ କରି ଜଣେ ବ୍ୟକ୍ତି ଦୈନିକ ସେବନ କରେ ତେବେ ମଧୁମେହ, ଯକ୍ଷ୍ମାରୁ ଆରୋଗ୍ୟ ତ ମିଳେ ତା ସହ ଏହା ମସ୍ତିଷ୍କର ଶକ୍ତି ବଢ଼ାଇଥାଏ। ଏହାର ସ୍ୱାଦ ପିତା ହୋଇଥିବାରୁ ଶିଶୁଙ୍କୁ ଅରୁଚିକର ହୋଇଥାଏ। ତେଣୁ ଶିଶୁଙ୍କୁ ଏହା ଦେଲାବେଳେ ସମମାତ୍ରାରେ ମହୁ ମିଶାଇ ଦିଅନ୍ତୁ। ଅପସ୍ମାର ରୋଗୀଙ୍କପାଇଁ ଏହା ଏକ ଟନିକ ଭଳି କାର୍ଯ୍ୟ କରେ। ୪ ଲିଟର ଖାଂଟି କ୍ଷୀର ସହ ୪ ଲିଟର ବ୍ରାହ୍ମୀ ରସ ଏବଂ ୧ ଲିଟର ଗାଇ ଘିଅକୁ ମିଶାଇ ଆପଣ ନିଜ ପରିବାର ତଥା ଶିଶୁମାନଙ୍କ ନିମନ୍ତେ ଘରେ ବ୍ରାହ୍ମୀ ଔଷଧ ତିଆରି କରି ପାରିବେ। ଏହା ଉଭୟ ଶିଶୁ ଓ ବୟସ୍କ




ବ୍ୟକ୍ତିଙ୍କ ପାଇ ସ୍ମରଣ ଶକ୍ତି ବୃଦ୍ଧି, ସୌନ୍ଦର୍ଯ୍ୟ ବୃଦ୍ଧି ଓ ସୁମଧୁର କଂଠ ପ୍ରଦାନ କରିଥାଏ। ମାନସିକ ଅବସାଦଗ୍ରସ୍ତ ବ୍ୟକ୍ତି କିମ୍ବା ଯେଉଁମାନେ ଯୁବ ଚପଳତା ବଜାୟ ରଖିବାକୁ ଆଗ୍ରହୀ ସେମାନେ ବ୍ରାହ୍ମୀରସ ଓ ଯଷ୍ଟିମଧୂକୁ ୪:୧ ଅନୁପାତରେ ମିଶାଇ ପ୍ରତ୍ୟେହ ଗରମ ଦୁଧସହ ପାନ କଲେ ଆଶାନୁରୂପ ଫଳ ପାଇ ପାରିବେ। ତଂଟି ଦରଜ ହେଉଥିଲେ ବା ସ୍ୱର ରୁକ୍ଷ ହୋଇ ଯାଉଥିଲେ ବ୍ରାହ୍ମୀ ରସ ଓ ମହୁକୁ କିଛିଦିନ ସେବନ କଲେ ସୁ'ଳ ମିଳିଥାଏ। ଗରମରୁ ଯଦି ଘାଆ ବା ବଥ ହୋଇଥାଏ ତେବେ ବ୍ରାହ୍ମୀକୁ ବାଟି ତାର ପ୍ରଲେପ ଲଗାନ୍ତୁ ଦେଖିବେ ତାହା ଶୀଘ୍ର ଶୁଖିଯିବ। କେଶ ଝଡିବା ବା ପକ୍ୱ ନ ହେବା ପାଇଁ ନଡିଆ ତେଲ ସହ ବ୍ରାହ୍ମୀକୁ ମିଶାଇ ଲଗାନ୍ତୁ, ଅଁଳା ମିଶିଥିଲେ ଫଳ ଆହୁରି ଶୀଘ୍ର ମିଳିଥାଏ। ଯେଉଁ ମାନଙ୍କ ପେଟଦୋଷ ଥାଏ ଓ କୋଷ୍ଠ କାଠିନ୍ୟତାରେ ପୀଡିତ ଥାଆନ୍ତି ସେମାନେ ଗୋଟିଏ କଦଳୀ ପତ୍ରରେ ଠୋଲା କରି ବ୍ରାହ୍ମୀ ରସକୁ କିଛି ସମୟ ଗରମ କଲାପରେ ସେଥିରୁ ପ୍ରତିଦିନ ଅଧା ଚାମଚରୁ ଆରମ୍ଭ କରି ୧ ଚାମଚ ରସକୁ ପାନ କରନ୍ତୁ ଅବଶ୍ୟ ସୁଫଳ ମିଳିବ। ଏପରି କରିବା ଦ୍ୱାରା ବ୍ୟକ୍ତି ଜଣକ କେବଳ ପେଟଦୋଷ ନୁହଁ ବରଂ ଥଣ୍ଡା, କାଶ ଓ ଯକୃତ୍ ରୋଗରୁ ନିଜକୁ ଦୂରେଇ ରଖି ପାରନ୍ତି।

ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ)
ଏନ୍. ଏ. ସି. ମହାବିଦ୍ୟାଳୟ, ବୁର୍ଲା
ମୋ -୯୪୩୭୧୨୭୮୨୦

# ଅଯୋଧ୍ୟା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ



ତୁଳସୀ ଜୈନ



ଧର୍ମର ଆତିଶଯ୍ୟ ଉନ୍ମାଦ ସୃଷ୍ଟି କରିଥାଏ ଏବଂ ଭକ୍ତିର ପ୍ରାଚୁର୍ଯ୍ୟ କଦାଚିତ ଅନ୍ଧବିଶ୍ୱାସରେ ପରିଣତ ହୋଇଥାଏ । ଯଦି ଧର୍ମ ଓ ଭକ୍ତି ସଦୃଶ ମହତ ଗୁଣ ମଧ ମାତ୍ରାଧିକ ହୋଇ ପଡିଲେ ନିଜ ସହଜ ଗୁଣ ଛାଡି ଦିଅନ୍ତି, ତେବେ ଆମ ଦୁଷ୍କୃତ ସମୂହର ସାନ୍ଦ୍ରତା ନିଶ୍ଚିତ ଭାବରେ ବ୍ୟଭସ୍ତ ରୂପ ଧାରଣ କରିଥାଏ-ଏହାକୁ ଅବିଶ୍ୱାସ କରାଯାଇନପାରେ। ଏଠାରେ ସ୍ମରଣ ରଖିବାକୁ ହେବଯେ ଜଣେ ଲୋକର ନିଜର ହାତ ବୁଲାଇବାର ସ୍ୱତନ୍ତ୍ରତା ସେଇଠି ଶେଷ ହୋଇଥାଏ, ଯେଉଁଠାରୁ ଅନ୍ୟ ଜଣେ ଲୋକର ନାକ ଆରମ୍ଭ ହୋଇଯାଏ ।

କିଏ ଗୁରୁତ୍ୱପୁର୍ଣ୍ଣ ଏହା ବଡ କଥା ନୁହେଁ, କ'ଣ ଗୁରୁତ୍ୱପୁର୍ଣ୍ଣ ଏହା ହେଉଛି ବଡ କଥା ।

ଗୋଟିଏ ଦେଶର ଉଚ୍ଚତା, ତାର ବିଶାଳ ଅଟ୍ଟାଳିକା ବା ଭବ୍ୟ ପ୍ରାସାଦ ମାନଙ୍କରୁ ମପାଯାଇ ନଥାଏ, ବରଂ ସେହି ଦେଶର ନାଗରିକ ମାନଙ୍କ ଚରିତ୍ରରୁ ତାର ଆକଳନ କରାଯାଇଥାଏ । ଲୋକମାନଙ୍କ ଚିନ୍ତନ କରିବାର ଢଙ୍ଗ କାମ କରିବାର ଶୈଳୀ, ବାଣୀ ଓ ବ୍ୟବହାର ଦ୍ୱାରା ଦେଶ ଲଘୁ ନା ମହାନ ଜଣା ପଡିଥାଏ । ତେବେ ଏହା ସତ ଯେ ସ୍ୱାଧୀନତା ପ୍ରାପ୍ତିର ସତୁରି ବର୍ଷପରେ ମଧ ଆମେ ଏକ ରାଷ୍ଟ୍ରୀୟ ଚରିତ୍ର ନିର୍ମାଣ କରିପାରି ନାହୁଁ । ଆଲୋକର ରଶ୍ମିପାଇଁ ଆମେ ବ୍ୟାକୁଳ । ସତେ ଯେପରି ଭାରତୀୟ ଆକାଶ ମଣ୍ଡଳର ସୂର୍ଯ୍ୟ ଚନ୍ଦ୍ର କଳା ପଡିଯାଇଛନ୍ତି ।

କୃଷି ପ୍ରଧାନ ଦେଶ ଆଜି କୁର୍‌ସୀ ପ୍ରଧାନ ପାଲଟିଛି । ସମସ୍ତେ ନାୟକ ହେବାକୁ ଚାହୁଁଛନ୍ତି କେହି ମଧ ସହଯୋଗୀ ପାତ୍ରର ଭୁମିକା କରିବାକୁ ଚାହୁଁନାହାନ୍ତି । ପରିଣାମସ୍ୱରୂପ ସମାଜରେ ନାୟକ ତୁଳନାରେ ଖଳନାୟକ ମାନଙ୍କ ସଂଖ୍ୟା ବଢିଚାଲିଛି । ସମସ୍ତେ ହାତରେ ପଥର ଧରି ମାରିବାକୁ ଉଦ୍ୟତ ଜଣାପଡୁଛନ୍ତି । ଏହି ବିକଳ ସ୍ଥିତିରେ ବୁଦ୍ଧ ଓ ପ୍ରବୁଦ୍ଧ ବର୍ଗର ଉଦାସୀନତା ସମାଜର ଗତିକୁ ଅବରୁଦ୍ଧ କରି ଦେଇଛି । ସାର୍ବଜନୀକ ଜୀବନରେ ବିଜାତୀୟ ତତ୍ତ୍ୱର ଅନୁପ୍ରବେଶ ଘଟିଛି । ଜୀବନ ମୂଲ୍ୟହୀନ ଏବଂ ଦିଗହରା ହୋଇପଡିବାର ଆଶଙ୍କା ବୃଦ୍ଧିପାଇଛି । ଚିନ୍ତନ ଜଡ ପାଲଟିଛି। ହିଂସା, ଆତଙ୍କ, ଛଳନା, ପ୍ରତାରଣା, ଅବିଶ୍ୱାସ ଏବଂ ଅନାସ୍ଥାର ସୁନାମୀରେ ସମସ୍ତ ପତର ପରି ଭାସି ଚାଲିଛନ୍ତି ।

ଫ୍ରାନସ୍‌ର ପୂର୍ବରାଷ୍ଟ୍ରପତି ସରକୋଜୀ ଇଣ୍ଡିଆଟୁଡେ କନକ୍ଲେଭରେ କହୁଥିଲେ - ଜଣେ ନିଜ ପସନ୍ଦର ଧର୍ମ ବା ସଂସ୍କୃତିକୁ ଅଂଗୀକାର କରିବାରେ ଆପତ୍ତି ନାହିଁ, କିନ୍ତୁ ଫ୍ରାନସର ସମ୍ମାନ କରିବାକୁ ସମସ୍ତେ ବାଧ୍ୟ ।

ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ରାମ ଜନ୍ମଭୂମି-ବାବରି ମସ୍‌ଜିଦ୍ ବିବାଦ ପ୍ରସଂଗରେ ଆଇନର ଫ୍ରେମରୁ ବାହାରି ଆସି ମତ ଦେଲେ ଯେ ଏହା,ଏହା ଅତି ସଂବେଦନଶୀଳ ପ୍ରସଂଗ । ଆପୋଷ କଥାବାର୍ତ୍ତା ମାଧ୍ୟମରେ ଏହାର ସମାଧାନ ବାହାର କରାଯାଇ ପାରିଲେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ପାଇଁ ଶୁଭଙ୍କର ହେବ । ସମ୍ଭବତଃ ସେ ଭାବିଥାଇପାରନ୍ତି ଯେ ନ୍ୟାୟାଳୟର ଯେ କୌଣସି ନିର୍ଣ୍ଣୟ ସମାଜ ମଧରେ ଜୟ ପରାଜୟର ଭାବନା ସୃଷ୍ଟି କରିବ । ଗୋଟିଏ ପକ୍ଷ ହିପ୍ ହିପ୍ ହୁର୍‌ରେ ଏବଂ ଅନ୍ୟପକ୍ଷ ହାୟହାୟ କରି ଉଠିବେ । ମାନସିକ ବିଭାଜନର ପ୍ରବଳ ଆଶଙ୍କାକୁ ଦୂରଦୃଷ୍ଟି ସହିତ ଦେଖିପାରି ଉଭୟ ସମାଜର ଆରୋଗ୍ୟ ଓ ହିତ ଚିନ୍ତା କରି ମୁଖ୍ୟ ବିଚାରପତି ଏପରି ପରାମର୍ଶ ଦେଇଥାଇପାରନ୍ତି ।

ଇତି ମଧରେ ଲାଲ କୃଷ୍ଣ ଆଡବାନୀ , ମୁରଲୀ ମନୋହର ଯୋଶୀ, ଉମାଭାରତୀଙ୍କ ଭଳି ଶୀର୍ଷ ନେତୃବର୍ଗଙ୍କ ବିରୁଦ୍ଧରେ ସିବିଆଇର ଆବେଦନକୁ ସ୍ୱୀକାରକରି ଏହି ଘଟଣାର ପୂର୍ବ ନିୟୋଜିତ ଷଡଯନ୍ତ୍ର ଦିଗ ପ୍ରତି ବିଚାର କରିବାକୁ ମାନ୍ୟବର ସୁପ୍ରିମ କୋର୍ଟ ନିର୍ଣ୍ଣୟ ନେଇଛନ୍ତି ।

୬ ଡିସେମ୍ବର ୧ ୯ ୯ ୨ ରେ ଅଯୋଧ୍ୟାରେ ଯେଉଁ ଅବଶେଷର

ଧ୍ୱଂସ କରାଗଲା - ତାହା ମନ୍ଦିର ଥିଲା ନା ମସଜିଦ ଏହି ବିବାଦରେ ନ ପଡି ଏବଂ ତାହା ଉଚିତ ନା ଅନୁଚିତ ଏହି ବିମର୍ଷରେ ମଧ୍ୟ ନପଡି ଏକ ସହଜ ସରଳ ସମାଧାନ ସୂତ୍ର ବାହାର କରିବାର ତୀବ୍ର ଆବଶ୍ୟକତା ସମସ୍ତେ ଅନୁଭବ କରିପାରୁଛନ୍ତି । ଘଟିତବ୍ୟ ଘଟିସାରିଛି । ଏବେ ତାର ପୂର୍ବବର୍ତ୍ତୀ ସ୍ଥିତିକୁ ପ୍ରତ୍ୟାବର୍ତ୍ତନ କରିବା ସଂଭବ ନୁହେଁ । ଏହାକୁ ସମ୍ମାନର ପ୍ରଶ୍ନ ନକରି, ଜୟ ପରାଜୟର ହୀନମନ୍ୟତାରୁ ଉପରକୁ ଉଠି ରାଗ-ଦ୍ୱେଷଭାବରୁ ମୁକ୍ତ ହୋଇ, ବିଶୁଦ୍ଧ ମାନବୀୟ କଲ୍ୟାଣର ସଂକଳ୍ପ ନେଇ ମୁସଲିମ ସମାଜକୁ ଉଦାରତାର ସହିତ ଗୋଟିଏ ହାତ ଆଗକୁ ବଢାଇବାକୁ ପଡିବ । ସେମାନେ ପବିତ୍ର ହୃଦୟରେ ଘୋଷଣାକରିବା ଉଚିତ ଯେ ସେହି ସ୍ଥଳରେ ଭଗବାନ ରାମଙ୍କ ଭବ୍ୟ ମନ୍ଦିର ତୋଳାଯାଉ । ସମଗ୍ର ଇସଲାମ ମତାବଲମ୍ବୀ, ଖୋଲାମନରେ ବଡ ଦିଲ୍‌ର ପରିଚୟ ଦେଇ ଏହି ଘୋଷଣାକୁ ସମର୍ଥନ କରିବା ଉଚିତ ।

ତେବେ ମୁସଲମାନମାନଙ୍କର ଏହି ସଦାଶୟତାର ସମ୍ମାନ ଦେଇ ହିନ୍ଦୁ ସମାଜର ଶୀର୍ଷ ନେତୃତ୍ୱ ଆଗକୁ ବଢିଯାଇ ଦୁଇ ହାତ ପ୍ରସାରିତ କରି ମୁସଲିମ ସମାଜର ହାତକୁ ତୋଳି ଧରିବା ଉଚିତ । ସେମାନେ ଛଳ - କପଟ - ଶୂନ୍ୟହୋଇ ଦୃଢ ସଙ୍କଳ୍ପ ନେବା ଉଚିତ ହେବ ଯେ -ବାସ୍ ! ବାକି ସବୁ ବନ୍ଦ କର । ଆଉ ମଥୁରା ନୁହେଁ କି କାଶୀ ନୁହେଁ । ଏତିକି ଯଥେଷ୍ଟ ।

ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ, ଇତିହାସକୁ ସୁଧାରିବାକୁ ଆଉ କୌଣସି ପ୍ରଚେଷ୍ଟା ରାଷ୍ଟ୍ରକୁ କ୍ଷତ-ବିକ୍ଷତ କରିବ। ହିନ୍ଦୁ ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ଜୈନ, ବୌଦ୍ଧ ଆଦି ସମସ୍ତେ ଏଠାରେ ରହିବେ । କାହାରି ଦେଶ ଛାଡି ଯିବାର ପ୍ରଶ୍ନ ହିଁ ଉଠୁନାହିଁ । ତେବେ କୋଟିଏ ଟଙ୍କାର ପ୍ରଶ୍ନ ହେଲା ଯେ ଆମେ ଏପରି କଳି - ତକରାରକରି, ପରସ୍ପର ପ୍ରତି ଘୃଣା ଓ ସନ୍ଦେହ କରି, ମରିବା ଓ ମାରିବା ନା ଭାଇ -ଭାଇ ପରି ଶାନ୍ତିରେ ଅବସ୍ଥାନ କରି ବିକାଶ ଶିଖରକୁ ସ୍ପର୍ଶ କରିବା ? ଉତ୍ତରାଧିକାର ସୂତ୍ରରେ ଭାବୀ ପିଢିକୁ ଶାନ୍ତି ଓ ସୁରକ୍ଷା ଦେବା ନା ସର୍ବନାଶ ?

ବିଶ୍ୱ ତାହାକୁ ଅଭିବାଦନ କରିଥାଏ, ଯିଏ ଭିଡ ମଧ୍ୟରେ ନିଜ ମସ୍ତକକୁ ସାମାନ୍ୟ ଉଚ୍ଚ ରଖିବାରେ ପ୍ରୟାସ କରିଥାଏ । ନୈତିକ ମୂଲ୍ୟ, ଶାନ୍ତି ଓ ଅହିଂସା ପାଇଁ ଆଜି ମଧ୍ୟ ଅନେକ ଲୋକ ସମର୍ପିତ ରହିଛନ୍ତି । ସେମାନେ କୁନି ପାଦରେ ଅଗ୍ରଗତି କରିଥାନ୍ତି । ତାଙ୍କର ଡେଣା ନଥାଏ । ଅଥଚ ସମୟ , ପକ୍ଷୀପରି ଉଡିଯାଏ । ଏପରି ଲୋକଙ୍କ ଅସ୍ତିତ୍ୱ ଓ ବ୍ୟକ୍ତିତ୍ୱ ର କୋମଳ ପ୍ରଭାବ, ସମାଜକୁ ସୁସ୍ଥ ଓ ନୀରୋଗ ରଖି ଥାଏ ।

ଅତୀତ ଯାହା ବ୍ୟତୀତ , ତାହାକୁ ଆମେ ବଦଳି ପାରିବା ନାହିଁ । ଏହାର ଆବଶ୍ୟକତା ବି ନାହିଁ । ଇତିହାସରେ ସବୁ କିଛି ଶ୍ରେଷ୍ଠ ଓ ସୁନ୍ଦର ନୁହେଁ, ଅନେକ ହେୟ ଓ କୁତ୍ସିତ ମଧ୍ୟ ଭରି ରହିଥାଏ । ତେବେ ଭବିଷ୍ୟତର ନିର୍ମାଣ ଆମ ହାତ ମୁଠାରେ । ତାହାକୁ ବ୍ୟର୍ଥ କରିବା ବୁଦ୍ଧିମତ୍ତା ନୁହେଁ ।

ଆମକୁ ମାନବତାର ପ୍ରତ୍ୟୁଷରେ ନୂତନ ସୁର୍ଯ୍ୟୋଦୟର ସ୍ୱାଗତ ସକାଶେ ପ୍ରସ୍ତୁତ ରହିବାକୁ ପଡିବ । ମୂଲ୍ୟ ଆଧାରିତ ରାଜନୀତି କରୁଥିବା ଜନନାୟକମାନଙ୍କଠାରୁ ଆମ ସମକାଳୀନ ଇତିହାସ, ଭବିଷ୍ୟତର ଦେହଳିରେ ଛିଡା ହୋଇ କିଛି ପ୍ରଶ୍ନର ଉତ୍ତର ଚାହୁଁଛି । ଅଳ୍ପସଂଖ୍ୟକ ତୁଷ୍ଟିକରଣ ଏବଂ ବହୁସଂଖ୍ୟକ ଧ୍ରୁବୀକରଣ ଓ ଉଦ୍ଦୀପନାରୁ କ୍ଷାନ୍ତ ହୋଇ ଭାରତୀୟ ରାଜନୀତି ଓ ରାଜନେତା ଜାତି ଓ ସଂପ୍ରଦାୟର ସଂକୀର୍ଣ୍ଣ ଚାପରୁ ଉର୍ଦ୍ଧ୍ୱକୁ ଉଠି ପ୍ରକୃତରେ ଧର୍ମନିରପେକ୍ଷ ହେବାର ଅଗ୍ନି ପରୀକ୍ଷା ଦେବା ପାଇଁ ଜଣେ ସାଧାରଣ ଭାରତୀୟ ଦାବି କରୁଛି । କେବଳ ଧର୍ମନିରପେକ୍ଷତାର ପ୍ରମାଣ ପତ୍ର ଦେଖିବାକୁ ଆମେ ଚାହୁଁନା । ଆମ ନେତୃବର୍ଗ କେବଳ ଉଦ୍‌ଘାଟନ ଶିଳାରେ ନିଜ ନାମ ଉତ୍‌କୀର୍ଣ୍ଣ କରି ବଞ୍ଚି ରହିବାକୁ ଚାହୁଁଛନ୍ତି ନା ନିଜର ଅହଙ୍କାର ଓ ସ୍ୱାର୍ଥଚେତନାକୁ ତ୍ୟାଗ କରି ଆଧାରଶିଳା ସାଜି ଆଗାମୀ ସହସ୍ରାବ୍ଦୀକୁ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି, ଏହା ଏକ ଯକ୍ଷ ପ୍ରଶ୍ନ ।

**ପୋ. ତୁଷରା, ଜି.ବଲାଙ୍ଗିର**
**ମୋ : ୯୪୩୭୦ ୩୯୦୯୬**

# ବିଶେଷ ସୂଚନା
# ଆମରି ସତ୍ୟ କବିତା ବିଶେଷ-୨୦୧୭

ଆମରି ସତ୍ୟ କବିତା ବିଶେଷ - ୨୦୧୭ ପାଇଁ କବିତା ଆହ୍ୱାନ କରାଯାଉଅଛି । ଯେ କୌଣସି ପ୍ରକାର କବିତା ଗ୍ରହଣୀୟ । ଅମନୋନୀତ କବିତା ପ୍ରକାଶ ପାଇବ ନାହିଁ । କବିତା ସହ ନିଜର ଫଟୋ, ଫୋନ୍ ନଂ. ଥାଇ ନିମ୍ନ ଠିକଣାରେ ଜୁନ୍ ୩୦ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ । ଏହା ଆମରି ସତ୍ୟର ବାର୍ଷିକ ଉତ୍ସବ (ଅଗଷ୍ଟ-୨୦୧୭)ରେ ଉନ୍ମୋଚିତ ହେବ ।

## ଠିକଣା

**'ଆମରି ସତ୍ୟ'**
**ଏମ୍ - ୧/୫, ମୁକୁନ୍ଦପ୍ରସାଦ**
**ହାଉସିଂ ବୋର୍ଡ଼ କଲୋନୀ, ପୋ.ଅ.- ପି.ଏନ୍. କଲେଜ,**
**ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା**
**ଦୂରଭାଷ:୦୬୭୫୫-୨୨୦୯୮୦**
**ମୋ : ୯୪୩୭୨୮୧୬୫୫**
**Email:amarisatya@gmail.com / amarisatya@rediffmail.com**



# ବାଟ ଦେଖାଉନି ପାଠବିକା ହାଟ

ନିଶିକାନ୍ତ ପାଢୀ

'ସାବିଦ୍ୟା ଯା ବିମୁକ୍ତୟେ'। ସେ ହେଉଛି ବିଦ୍ୟା ଯେ କି ମଣିଷକୁ ଏ ଦୁଃଖ ସଂସାରରୁ ମୁକ୍ତିଦିଏ । ପୁଣି ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ । ଯାହା ପାଖରେ ବିଦ୍ୟାରୂପକ ଧନ ଅଛି ତାର ଆଉ ବା କଣ ଧନ ଦରକାର । ବିଦ୍ୱାନ୍ ଆଖିବୁଜିଲେ ତାକୁ ସବୁକିଛି ପାଇଗଲା ପରି ଲାଗେ । ଜ୍ଞାନ ବଳରେ ସେ କଣ ଭଲ କଣ ମନ୍ଦ ଜାଣିପାରେ । ମନୁଷ୍ୟ ଜୀବନର ଲକ୍ଷ୍ୟ କଣ ତଥା ଜୀବନରେ ଆସୁଥିବା ଦୁଃଖ ଓ ସୁଖ ପଛର ରହସ୍ୟ କଣ ତାହା କେବଳ ଜଣେ ଜ୍ଞାନୀ ହିଁ କହିପାରିବ । ଜ୍ଞାନ ଅର୍ଜନ ପାଇଁ ଆଜିର ସମୟରେ ପ୍ରତ୍ୟେକ ମଣିଷକୁ ପାଠ ପଢିବାକୁ ହେବ। ବିଦ୍ୟାଳୟକୁ ଯିବାକୁ ହେବ । ପଇସା ଖର୍ଚ୍ଚକରି ବହିଖାତା କିଣି ଲେଖାପଢା କରିବାକୁ ହେବ । ପାଠପଢି ମଣିଷମାନେ ଡାକ୍ତର, ଇଂଜିନିୟର, ବୈଜ୍ଞାନିକ, ଓକିଲ, ବ୍ୟବସାୟୀ ତଥା ସରକାରୀ ଶାସନ ସ୍ତରରେ ଉଚ୍ଚପଦସ୍ଥ ଅଫିସର ହୋଇ ବିଭିନ୍ନ ପ୍ରକାର ଦାୟିତ୍ୱଭାର ବହନକରି କାର୍ଯ୍ୟ ତୁଲାଇ ଆସୁଛନ୍ତି । ଶିକ୍ଷା ମାଧ୍ୟମରେ ମଣିଷ ଶୃଙ୍ଖଳା ଓ ସଂସ୍କାର ଶିଖୁଛି। ସମାଜରେ ତଥା ପରିବାର ମଧ୍ୟରେ କିପରି ସଂପର୍କ ରଖି ଭାବ ଆଦାନ ପ୍ରଦାନକରି ସୁବିଧା ଅସୁବିଧାକୁ ଖାପ ଖୁଆଇ ଚଳିବାକୁ ହୋଇଥାଏ । ତାହାମଧ୍ୟ ମଣିଷ ପାଠପଢି ହିଁ ଶିକ୍ଷାଲାଭ କରିଥାଏ । ଜ୍ଞାନ ଆହରଣର ପ୍ରଥମ ଲକ୍ଷ୍ୟ ଚରିତ୍ର ଗଠନ, ଦ୍ୱିତୀୟ ଲକ୍ଷ୍ୟ କର୍ମନିର୍ବାହ ଏବଂ ତୃତୀୟ ଲକ୍ଷ୍ୟ ଅର୍ଥ ଉପାର୍ଜନ । ବିଡମ୍ବନାର ବିଷୟ ଆଜିର ଶିକ୍ଷାପଦ୍ଧତି କେବଳ ଅର୍ଥ ଉପାର୍ଜନ ମୁଖୀ ହୋଇପଡିଛି । ଜ୍ଞାନ ଥାଉ ନ ଥାଉ କେବଳ କାଗଜର ସାର୍ଟିଫିକେଟ୍ ଖଣ୍ଡିଏ ଦରକାର । ଋକିରୀଟିଏ ମିଳିଗଲା ପରେ ପକେଟକୁ ପୁଳା ପୁଳା ଟଙ୍କା ଆସିଯାଏ, ତାପରେ ଚଉଦ ପୁରୁଷ ପାଇଁ ଧନ ସାଇତିବାର ପ୍ରୟାସକୁ ପୂର୍ଣ୍ଣକରିବା ପାଇଁ ଇଚ୍ଛାହୁଏ।ଏଇ କାଗଜର ସାର୍ଟିଫିକେଟ୍‌ଗୁଡିକ ମିଳେ ପାଠ ବିକା ହାଟମାନଙ୍କରୁ । ଆଜିର ଶିକ୍ଷାପଦ୍ଧତି ବ୍ୟବସାୟ କୈନ୍ଦ୍ରୀକ ହୋଇପଡିଛି । ଯେତେ ଆକର୍ଷଣକାରୀ ଯୋଜନା ମାନ ତିଆରି ହେଲେ ମଧ୍ୟ ସରକାରୀ ବିଦ୍ୟାଳୟମାନଙ୍କରୁ ମୁହଁ ଫେରାଇ ବସ୍ତା ବସ୍ତା ଟଙ୍କାଧରି ଅଭିଭାବକମାନେ ଘରୋଇ ବିଦ୍ୟାଳୟ ଆଡକୁ ମୁହାଁଉଛନ୍ତି । ବିଦ୍ୟାଳୟରେ ପାଠପଢା ହେଉଛି କେବଳ ପରୀକ୍ଷାରେ ନମ୍ବର ଆଣିବା ପାଇଁ । ଗୁଣାତ୍ମକ ମାନର ବୃଦ୍ଧି ପାଇଁ ଦୃଷ୍ଟି ଦିଆଯାଉ ନାହିଁ । ବୌଦ୍ଧିକ ବିକାଶ ତଥା ପିଲାମାନଙ୍କର ସୃଜନଶୀଳତାର ଉନ୍ନତି ପାଇଁ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ । ବୁଝ ନ ବୁଝ ଘୋଷି ପକାଅ । ପାସ୍ ଫେଲ୍ କିଛି ନାହିଁ । ଦରକାର ପଡିଲେ ଉତ୍ତର ମଧ୍ୟ ପରୀକ୍ଷା ହଲ୍‌ରେ ଘୋଷଣା କରି ଦିଆଯାଉଛି । ପରୀକ୍ଷା ଫଳ ବାହାରିଲା ତ ସମସ୍ତେ ପାସ୍ ସମସ୍ତଙ୍କର ଏ ଗ୍ରେଡ୍, ସମସ୍ତେ ନାଇନ୍ ପଏଣ୍ଟ ସେଭେନ୍ ସି.ଜି.ପି.ରେ ପାସ୍ । ବାସ୍ ପିଲା ଖୁସ୍ ତ ଅଭିଭାବକ ଖୁସ୍ । କ୍ଲାସ୍ ପ୍ରମୋସନରେ ଆଡମିସନ୍, ବହିଖାତା , ଡ୍ରେସ୍ କିଣା, ଏ ସବୁ ପୁଣି ବାହାରୁ ନୁହେଁ କେବଳ ବିଦ୍ୟାଳୟର ହତାମଧ୍ୟରୁ । ବର୍ଷକେ ଥରେ ବିଦ୍ୟାଳୟର ଗୋଟେ ଭଲ ବେପାର ଜମେ। ମ୍ୟାନେଜମେଣ୍ଟର ହାତକୁ କୋଟି କୋଟି ଟଙ୍କା ଆସେ । ସେଇ ଟଙ୍କାରେ ଭାଗଥାଏ ନେତାଙ୍କର, ମନ୍ତ୍ରୀଙ୍କର, ଭିଜିଲାନ୍ସ ବାଲାଙ୍କର, ପୋଲିସ୍ ବାଲାଙ୍କର ତଥା କୋର୍ଟ କଚେରୀ ବାଲାଙ୍କର ବି । ତଥାପି ଟଙ୍କାର ପାହାଡ କେବେ ଖସିପଡେ ନାହିଁ। ତେବେ କେହି ବି ଥରେ ଚିନ୍ତାକରନ୍ତି ନାହିଁ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ବିଷୟରେ । ପୁଳା ପୁଳା ଟଙ୍କା ନେଇ କାଗଜର ସାର୍ଟିଫିକେଟ୍ ମାନ ଧରାଇ ଦିଆଯାଏ ଅଜ୍ଞାନମାନଙ୍କୁ । ଏହି ଅଜ୍ଞାନ ଓ ଅଯୋଗ୍ୟମାନେ ଜୀବନରେ ପ୍ରତ୍ୟେକ କାର୍ଯ୍ୟରେ ବିଫଳ ହୁଅନ୍ତି । ଦେଶ ଓ ସମାଜର କ୍ଷତିହୁଏ । ହେଲେ କ୍ଷତି ହୁଏନାହିଁ ପାଠ ବିକୁଥିବା ହାଟମାନଙ୍କର। ମନେପଡୁଛି ଜଣେ ପ୍ରଫେସର କହିଥିଲେ -'ଏ ଦେଶ ଓ ସମାଜକୁ ଧ୍ୱଂସକରିବା ପାଇଁ ଆଟମ୍ ବମ୍ କି ହାଇସ୍ପିଡ୍ ମିଶାଇଲ୍ ଦରକାର ନାହିଁ, କେବଳ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଲେ ହେଲା। ପାଠ ପଢାଇବା ଦରକାର ନାହିଁ, ଖାତା ଦେଖିବା, ଦରକାର ନାହିଁ । ପଢିବା ବି ଆବଶ୍ୟକ ନାହିଁ । ପରୀକ୍ଷାରେ ଛାତ୍ରଛାତ୍ରୀ କପିକରି ପାସ୍ କରନ୍ତୁ । କାଗଜର ମାନପତ୍ର ନିଶ୍ଚୟ ମିଳିବ । ଡାକ୍ତର, ଇଂଜିନିୟର ନିଶ୍ଚୟ ବାହାରିବେ । ହେଲେ ରୋଗୀ ଜୀବନ ନ ପାଇ ଛଟପଟ ହୋଇ ମରିବ । ଇଂଜିନିୟର ପ୍ଲାନ ଦେଇଥିବା ବିଲ୍‌ଡିଙ୍ଗ୍ ଭୁଷୁଡି ପଡିବ । ବ୍ୟାଙ୍କ ଆକାଉଣ୍ଟର ଟଙ୍କା ଆପେ ଆପେ ଗାଏବ୍ ହୋଇଯିବ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡ ଦେଇ ଓକିଲ ଓ ଜର୍ଜମାନେ ଦୋଷୀଙ୍କୁ ଖଲାସ କରିବେ । ଦେଶ ଆଗେଇବ ସମାଜ ଆଗେଇବ, ତଥା ନିରୀହ ମଣିଷମାନେ ସାମନା କରିବେ ଗୋଟିଏ ବିପର୍ଯ୍ୟୟକୁ ତଥା ସର୍ବନାଶକୁ । ତେବେ କାହିଁକି ଆମଦେଶରେ ଶିକ୍ଷାର ବ୍ୟବସ୍ଥା ଦିନକୁ ଦିନ ଏପରି ବିପର୍ଯ୍ୟସ୍ତ ହୋଇପଡୁଛି । ଶିକ୍ଷା ବ୍ୟବସ୍ଥାରେ ସରକାର ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚକରୁଛି । ବର୍ଷକୁ ବର୍ଷ ଶିକ୍ଷକମାନେ ନିଯୁକ୍ତି ପାଉଛି । ତଥାପି ଶିକ୍ଷକମାନଙ୍କର ସମସ୍ୟା ସମାଧାନ ହୋଇପାରୁନାହିଁ କି ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଅଭିଭାବକମାନଙ୍କୁ ଭରସା ଦେଇପାରୁନାହିଁ । ତେବେ ଘରୋଇ ବିଦ୍ୟାଳୟଗୁଡିକ ଯେପରି ଲୋକମାନଙ୍କୁ ଶୋଷଣ କରୁଛନ୍ତି ତଥା ପିଲାମାନଙ୍କ ଭବିଷ୍ୟତ ସହିତ ଛଳନାର ଖେଳ ଖେଳି କାଗଜର ସାର୍ଟିଫିକେଟ୍‌ମାନ ଧରାଇ ଦେଇ ବାର୍ଷିକୋତ୍ସବମାନଙ୍କରେ ଯେପରି ଆତ୍ମ ପ୍ରଶଂସାରେ ବୁଡି ରହୁଛନ୍ତି ସେଥିପ୍ରତି ସରକାର ବୋଧେ ଆଖିବୁଜି ଦେଇ ନିଦା ବିଷ୍ଣୁ ପାଲଟି ଯାଇଛନ୍ତି। ଅତୀତରେ ରାଜ୍ୟରେ ଏତେ ଗୁଡାଏ ଘରୋଇ ବିଦ୍ୟାଳୟ ନ ଥିଲା । କିନ୍ତୁ ଆଜି ସହରଠାରୁ ଗାଁ ପର୍ଯ୍ୟନ୍ତ ଘରୋଇ ବିଦ୍ୟାଳୟଗୁଡିକ ଛତୁ ଫୁଟିବା ପରି ଖୋଲିବାରେ ଲାଗିଛି । ତେବେ ଏସବୁକୁ ସରକାର କାହିଁକି ଅନୁମତି



ମନୁଷ୍ୟ କୌଣସି ବିଷୟରେ ଏକାଗ୍ରଚିତ୍ତ ହୋଇ, ତାହାରି ପାଇଁ ପାଗଳ ହେଲେ ସେଥିରେ ସେ ସିଦ୍ଧିଲାଭ କରେ।

ଦେଉଛନ୍ତି ? କାହିଁକି ଆଜି ସହର ବଜାରମାନଙ୍କରେ ମାଳ ମାଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଖୋଲି ଲୋକମାନଙ୍କୁ ଶୋଷଣ କରାଯାଉଛି । ବିଶେଷକରି ସରକାରୀ କର୍ମଚାରୀମାନେ ନିଜର ପିଲାମାନଙ୍କୁ ଘରୋଇ ବିଦ୍ୟାଳୟରେ ପଢାଇବା ପାଇଁ ଅଧିକ ପସନ୍ଦ କରୁଛନ୍ତି । ସେଠି କୁଆଡେ ଗୋଟାଏ ଷ୍ଟାଟସ ଅଛି ସମ୍ମାନ ଅଛି ତଥା ଚାକିରୀ ବି ଅଛି । ପିଲା ଟିକେ ପରୀକ୍ଷାରେ କମ୍ ନମ୍ବର ରଖିଲେ ଡାଡ଼ି ମମିମାନେ ଧମକ ଦେଉଛନ୍ତି । ଦେଖ ଅନେକ ପଇସା ଖର୍ଚ୍ଚ ହେଉଛି । ଏଥର କମ୍ ନମ୍ବର ରଖିଲେ ସିଧା ଅଣ୍ଡା ସ୍କୁଲକୁ ଉଠାଇ ଆଣିବି । ଖରାବେଳେ ଅଣ୍ଡା, ଭାତ ଖାଇ ଶୋଇବୁ। ବହିପତ୍ର, ସାଇକେଲ୍ ସବୁ ମାଗଣାରେ ମିଳିବ । ସ୍କୁଲ ପାଠ ସରିଗଲେ ମୂଲ ଲାଗିବୁ, ଗାଈ ଜଗିବୁ। ଏଥିରୁ ଲୋକମାନଙ୍କର ମାନସିକତାକୁ ଖୁବ୍ ଭଲଭାବେ ବୁଝିହୁଏ । ତେବେ ଯେଉଁସବୁ ସୁବିଧା ଘରୋଇ ବିଦ୍ୟାଳୟରେ ସେ ପ୍ରକାର ସୁବିଧା ସରକାର କାହିଁକି ନିଜ ଶିକ୍ଷାନୁଷ୍ଠାନମାନଙ୍କରେ ଯୋଗାଇ ଦିଆଯାଉନାହିଁ । ଯଦି ସରକାରୀ ବିଦ୍ୟାଳୟ ଗୁଡିକରେ ଦିନକୁ ଦିନ ଉପସ୍ଥାନ କମିଯାଉଛି ତେବେ ପ୍ରତିବର୍ଷ ଏତେ ଶିକ୍ଷକମାନଙ୍କୁ କାହିଁକି ନିଯୁକ୍ତି ଦିଆଯାଇ ଅଯଥା ରାଜକୋଷର ଅପଚୟ କରାଯାଉଛି । ତେବେ ଅଭିଭାବକମାନେ ସ୍ପଷ୍ଟ ମତଦେଉଛନ୍ତି ଯେ ସରକାରୀ ବିଦ୍ୟାଳୟରେ ଠିକ୍ ଭାବେ ପାଠପଢା ହେଉନାହିଁ । ଏହାର କାରଣ ହେଉଛି ଉପଯୁକ୍ତ ତଦାରଖର ଅଭାବ । ଘରୋଇ ବିଦ୍ୟାଳୟମାନଙ୍କରେ ରୀତିମତ ତଦାରଖ ଚାଲେ । ପିଲାର ପାଠପଢା, ଡ୍ରେସ୍, ସମୟାନୁବର୍ତ୍ତିତା, ତଥା ଶୃଙ୍ଖଳା ପ୍ରତି ଧ୍ୟାନ ଦିଆଯାଏ। ଘରୋଇ ବିଦ୍ୟାଳୟରେ ବର୍ଷକେ ଥରେ ଦୁଇଥର ପ୍ୟାରେଣ୍ଟସ୍ ଟିଚର ମିଟିଂ ବି ବସେ। ତେବେ ଏସବୁ କାହିଁକି ହୁଏନା ସରକାରୀ ବିଦ୍ୟାଳୟମାନଙ୍କରେ ? କାହିଁକି ଏଇ ଦୁଇପ୍ରକାର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ସୃଷ୍ଟିହୁଏ । ଶସ୍ତା ଯୋଜନାରେ କଣ ଉପଯୁକ୍ତ ଶିକ୍ଷାର ପ୍ରସାର ଘଟିପାରିବ ? ଏ ସବୁ କେବଳ ସରକାରୀ ଉଦାସୀନତା ଯୋଗୁଁ ହିଁ ଘଟୁଛି । ତାଛଡା ଘରୋଇ ବିଦ୍ୟାଳୟମାନଙ୍କର ଚଢା ରୋଜଗାର ମଧ୍ୟରେ କିଛି ସରକାରୀ ଲୋକଙ୍କର ଫାଇଦା ମଧ୍ୟ ରହୁଛି, ଯାହାକି ଚତୁରେ ଚତୁରେ କୋଳାକୋଳିର ସଂପର୍କ ସୃଷ୍ଟିକରି ଗୋଟିଏ ଦେଶ ଓ ସମାଜର ଶିକ୍ଷା ବ୍ୟବସ୍ଥାକୁ ଆଜି ରୁଗ୍ଣ କରିପକାଇଛି ।

ଦେଶରେ ଯଦି ଉପଯୁକ୍ତ ପ୍ରଣାଳୀରେ ତଥା ଆଦର୍ଶ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ କରାଯାଇ ପାରନ୍ତା, ତେବେ ଅନେକ ଉପଯୁକ୍ତ ଆଦର୍ଶ ନାଗରିକମାନେ ସୃଷ୍ଟିହୋଇ ପାରନ୍ତେ । ଆଜି ଶିକ୍ଷାର ଶୀର୍ଷକୁ ଉଠୁଥିବା ସଭ୍ୟ ଓ ଶିକ୍ଷିତ ମଣିଷମାନେ ଚୋରୀ କରୁଛନ୍ତି, ଦେଶର ସମ୍ପତ୍ତିକୁ ଲୁଟ୍ କରୁଛନ୍ତି, ନାରୀମାନଙ୍କୁ ନିର୍ଯ୍ୟାତନା ଦେଉଛନ୍ତି । ବିଭାଘର ପରେ ମଧ୍ୟ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ନବବଧୂକୁ ଧମକ ଦେଉଛନ୍ତି । ତେବେ ଏସବୁ ଶିକ୍ଷାର ଲକ୍ଷ୍ୟ ନୁହେଁ । ଏସବୁ ଆଜିର ବସ୍ତୁବାଦୀ ମଣିଷର ସଇତାନୀ ପ୍ରବୃତ୍ତି । ଏସବୁ କେବଳ ଆମର ତ୍ରୁଟିପୂର୍ଣ୍ଣ ଶିକ୍ଷାପଦ୍ଧତି ଯୋଗୁଁ ସୃଷ୍ଟିହେଉଛି । ଯେଉଁ ଶିକ୍ଷିତ ମଣିଷ ଜାଣେନା ଏ ପୃଥିବୀ କଣ, ଏ ଜୀବନ କଣ ଆଉ ବଞ୍ଚିବା ମରିବା ପଛର ରହସ୍ୟ କଣ, ଦୁଃଖ ଯନ୍ତ୍ରଣାର କାରଣ କଣ, ଲୋଭ, ମୋହ ତଥା ଯୌନ ପିପାସାର ରହସ୍ୟ କଣ, କାହିଁକି ମଣିଷ ଏସବୁ ପଛରେ ଗୋଡାଇଥାଏ । ସେହି ମଣିଷଟି ଯେତେ ପାଠ ପଢିଥିଲେ ମଧ୍ୟ ସେ ଗୋଟିଏ ମହା ମୂର୍ଖ ଅଟେ । ତା'ଛଡା ସବୁ ପାଠ ବି ସବୁ ଜ୍ଞାନ ବହିର କାଗଜ ପୃଷ୍ଠାରୁ ମିଳିପାରି ନ ଥାଏ । ସାଧାରଣ ଜୀବନ, ଘରିପାଖର ପରିବେଶ, ପ୍ରକୃତି, ଘଟଣା, ଦୁର୍ଘଟଣା ତଥା ଆନନ୍ଦ, ଅନୁଭବ ଓ ଦୁଃଖ ଯନ୍ତ୍ରଣାରୁ ମଧ୍ୟ ମଣିଷ ଅନେକ କିଛି ଶିକ୍ଷା କରିଥାଏ । ଯେଉଁ ଶିକ୍ଷାର ମାନ ଆମ ପାଇଁ ଯଥେଷ୍ଟ ବେଶୀ । ଜଣେ ଡାକ୍ତର, ଇଂଜିନିୟର କି ଓକିଲ କୋଟି କୋଟି ଟଙ୍କା ରୋଜଗାର କରିଥାଏ । କିନ୍ତୁ ଦାମ୍ପତ୍ୟ ଜୀବନର ସମସ୍ୟା ତଥା ପାରିବାରିକ ସମସ୍ୟାକୁ ସମାଧାନ କରି ନ ପାରି ସେ ଆତ୍ମହତ୍ୟାର ପଥକୁ ଆପଣେଇ ନେଇଥାଏ। ପାଠ ସେମାନଙ୍କୁ ଟଙ୍କା ରୋଜଗାର କରିବା ପାଇଁ କାଗଜର ସାର୍ଟିଫିକେଟ୍ ଖଣ୍ଡେ ଖଣ୍ଡେ ଦେଇଛି ସିନା ଆତ୍ମ ଅନୁଶୀଳନକରି ଜୀବନର ଜଟିଳ ଜ୍ୟାମିତିକୁ କଷି ବଞ୍ଚିବା ଶିଖାଇ ନାହିଁ । ଏହା ହେଉଛି ଆମ୍ଭମାନଙ୍କର ପ୍ରଚଳିତ ଶିକ୍ଷା ପଦ୍ଧତିର ଦୁର୍ବଳତା ।

ଜମିମାଫିଆ, କାଠ ମାଫିଆ ତଥା କୋଇଲା ମାଫିଆମାନଙ୍କ ପରି ଦେଶରେ ଏବେ ଦଳେ ଭୟଙ୍କର ମାଫିଆ ସୃଷ୍ଟିହୋଇଛନ୍ତି ସେମାନେ ହେଲେ ଶିକ୍ଷା ମାଫିଆ । ଶିକ୍ଷା ନାଁରେ କୋଟି କୋଟି ଟଙ୍କା ନେତା ଓ ମନ୍ତ୍ରୀଙ୍କ ପକେଟରେ ପୂରାଇ ଅନୁମତି ଆଣି ସ୍କୁଲ ଖୋଲି ବେପାର ଜମେଇଛନ୍ତି । ଲକ୍ଷ ଲକ୍ଷ ଟଙ୍କା ସେମାନେ ଲୁଟିନେଉଛନ୍ତି ଅଭିଭାବକମାନଙ୍କଠାରୁ । ଯେଉଁଠି ସରକାର ରାଜ୍ୟବାସୀଙ୍କୁ ମାଗଣା ଶିକ୍ଷା, ମାଗଣା ଭୋଜନ ତଥା ମାଗଣା ଘରଦ୍ୱାର ଯୋଗାଇ ଦେଉଛି ସେଇଠି ହିଁ ଗରୀବ ଓଡ଼ିଆମାନଙ୍କୁ ବ୍ଲାକ୍ ମେଲିଂ କରାଯାଇ ଶିକ୍ଷା ନାମରେ ଅର୍ଥ ଶୋଷଣକରି ସେମାନଙ୍କର ପିଲାମାନଙ୍କର ଭବିଷ୍ୟତକୁ ଘନ ଅନ୍ଧକାରମୁଖୀ ନର୍କକୁ ଠେଲି ଦିଆଯାଉଛି । ଏ ସବୁ ଆଜି ସରକାର ଜାଣୁଛନ୍ତି ଅଭିଭାବକ ମଧ୍ୟ ଅବଗତ ହେଉଛନ୍ତି ହେଲେ ସମସ୍ତେ ନୀରବ, ପାଟି ଖୋଲିବାକୁ କାହାର ସାହାସ ନାହିଁ । ସାହସ ଥିଲେ ମଧ୍ୟ ଅର୍ଥବଳ ତଥା ବାହୁବଳରେ ମୁହଁକୁ ଜବରଦସ୍ତ ବନ୍ଦକରି ଦିଆଯାଉଛି । ତେବେ ଗୋଟିଏ ପରିବର୍ତ୍ତନ ପାଇଁ ଗୋଟିଏ ବିପ୍ଳବ ହିଁ ଲୋଡା, ଯେଉଁ ବିପ୍ଳବ ପାଇଁ ଆମକୁ 'କର ବା ମର' ନୀତିରେ ଲଢିବାକୁ ହେବ । ଏ ଦେଶ ଓ ସମାଜରୁ ଶିକ୍ଷା ମାଫିଆମାନଙ୍କୁ ହଟାଇବା ପାଇଁ ଏହି ଶିକ୍ଷିତ ମଣିଷମାନଙ୍କୁ ହିଁ ଦୃଢ ସଂକଳ୍ପ ନେବାକୁ ହେବ। ବାଜି ରାଉତ ପରି ଗୁଳି ଖାଇବାକୁ ଛାତି ପତାଇବାକୁ ହେବ । ଧରମା ପରି ସ୍ୱାର୍ଥ ତ୍ୟାଗକରି ଜୀବନ ଦେବାପାଇଁ ଆଗେଇ ଆସିବାକୁ ହେବ । କୌଣସି ପାଠ ବିକା ହାଟରେ ଆମ ପିଲାମାନେ ପାଠପଢି ଅମଣିଷ ହେବେ ନାହିଁ । କେବଳ ସରକାରଙ୍କର ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଲାଭ କରି ଗୋଟିଏ ଆଦର୍ଶ ନାଗରିକରେ ପରିଣତ ହୋଇ ଆମର ପିଲାମାନେ ଏ ଦେଶ ଓ ସମାଜକୁ ଆଦର୍ଶ ତଥା ପ୍ରଗତି ପଥରେ ଆଗେଇ ନେବେ । ଏହି ହିଁ ଆମର ସର୍ବଶେଷ ପ୍ରତିଜ୍ଞା ହେବା ଆବଶ୍ୟକ ।

ନନ୍ଦିଗ୍ରାମ, ନାଉଗାଁ ହାଟ (ଶେଷଦେବ)
ଜଗତସିଂହପୁର, ମୋ : ୯୦୪୦୦୨୮୬୦୪



ଯାହାର ଆତ୍ମା ନିଜକୁ ଭବ ବନ୍ଧନରୁ ଉଦ୍ଧାର କରିବା ନିମନ୍ତେ ଯତ୍ନକରେ ସେହି ଆତ୍ମା ହିଁ ନିଜର ପ୍ରକୃତ ବନ୍ଧୁ ଅଟେ ।

# ସମରସତା ସମାଜ ଓ ଗଣମାଧ୍ୟମ

ଗୋଲଖ ଚନ୍ଦ୍ର ଦାସ

ବ୍ୟକ୍ତି ପରି ସମାଜର ମଧ୍ୟ ଶରୀର, ମନ,ବୁଦ୍ଧି ଓ ଆତ୍ମା ରୂପକ ଚାରୋଟି ଅଙ୍ଗରହିଛି। ଭୌଗୋଳିକ ଭୂଖଣ୍ଡ ଏବଂ ଏଥିରେ ବାସ କରୁଥିବା ଜନସମୂହ ହେଲେ ସମାଜର ଶରୀର। ଦେଶବାସୀଙ୍କର ସମୂହ ମନୋଭାବକୁ ସମାଜର ମନ ବୋଲି କୁହାଯିବ। ସମାଜର ବୁଦ୍ଧି ରୂପକ ଅଙ୍ଗ ହେଉଛି ଆମ ଦେଶରେ ପ୍ରଚଳିତ ରୀତି-ନୀତି, ପରମ୍ପରା, ଆଦର୍ଶ ଏବଂ ମୂଲ୍ୟବୋଧ ସମୂହ। ସମାଜର ଏକ ଆତ୍ମା ମଧ୍ୟ ଅଛି। ଶାସ୍ତ୍ରରେ ଏହାକୁ 'ଚିତି'କୁହାଯାଏ। 'ଚିତି' ଯେତେବେଳେ ଜାଗ୍ରତ ଥାଏ ସେତେବେଳେ ସମାଜ କର୍ମଶୀଳ, ଉଚ୍ଛଳ, ଏବଂ ଜୀବନ୍ତ ସମାଜ ଭାବେ ପରିଦୃଶ୍ୟ ହୁଏ। ଅନ୍ୟଥା 'ଚିତ' ସୁପ୍ତ ରହିଥିଲେ ସମାଜର କର୍ମଶକ୍ତି ତଥା ପ୍ରାଣଶକ୍ତି ଦୁର୍ବଳ ହୋଇଯାଇଥାଏ। ରୋଗ,ଦୁଃଖ ତଥା ପରାଧୀନତା ଆଦି ଦୁର୍ଦ୍ଦଶାମାନ ସେତିକିବେଳେ ଦେଶକୁ ମାଡି ଆସେ। ସମାଜର ଏହି ସୁପ୍ତ ଚିତକୁ ଜାଗ୍ରତ କରାଇବାର କାମ କେଉଁ ଅନାଦି ଅନନ୍ତ କାଳରୁ ଦେବର୍ଷି ନାରଦ କରିଆସୁଥିଲେ ଆଜି ସେହି କାମ ଗଣମାଧ୍ୟମ କରି ଆସୁଛି । ସମାଜରେ ଶାନ୍ତି ସୌହାର୍ଦ୍ଦ୍ୟ ଓ ସହାବସ୍ଥାନର ଉତ୍ତମ ବାତାବରଣ ସୃଷ୍ଟି ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ହେଉଛି ଗଣଚେତନାର ଜାଗ୍ରତ ପ୍ରହରୀ । ଗଣଙ୍କ ସହିତ ବିଭିନ୍ନ ମାଧ୍ୟମରେ ଯୋଗାଯୋଗ ରକ୍ଷାକରିବା ହେଲା ଗଣମାଧ୍ୟମର ମୁଖ୍ୟ ଉଦ୍ଦେଶ୍ୟ । ଜନମତର ଜାଗରଣ ପାଇଁ ସତ୍ୟଶୀଳତା, ସଂପୃକ୍ତି ଓ ସତର୍କତାକୁ ଆଧାର କରି ଗଣମାଧ୍ୟମ ପ୍ରତିଷ୍ଠିତ ହୁଏ । ମୁକ୍ତ, ଅବାଧ ଓ ପୂର୍ଣ୍ଣାଙ୍ଗ ତଥ୍ୟ ପରିବେଷଣ ସହିତ ସମୃଦ୍ଧ ସମାଜ ଗଠନ ଏବଂ ମୂଲ୍ୟବୋଧର ଉତ୍ତରଣ ପାଇଁ ଗଣମାଧ୍ୟମ ଉଦ୍ୟମ କରିଥାଏ । ସାମ୍ବାଦିକମାନେ ସମାଜରେ ବିବେକ ରକ୍ଷକଭାବରେ କାର୍ଯ୍ୟ କରିବା ସହିତ ମୂଲ୍ୟବୋଧ ତଥା ନୂତନ ଉପଲବ୍ଧିର ବାହକ ଭାବରେ କାର୍ଯ୍ୟ କରିଥାନ୍ତି । ସବୁ ଯୁଗରେ ସମ୍ବାଦ ଅଛି -କେତେବେଳେ ମୌଖିକ, କେତେବେଳେ ଲିଖିତ । ପ୍ରାଚୀନ ଯୁଗରେ ସମ୍ବାଦ ଏକ ବୃତ୍ତି ନଥିଲା, ନଥିଲା ମଧ୍ୟ ଏକ ଜୀବିକା । ବର୍ତ୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତ୍ତି, ଏକ ଜୀବିକା । ସମ୍ବାଦପତ୍ର ଏହାର ଆଧାର । ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ । ସତ୍ୟର ଉପାସ୍ୟ । ମିଥ୍ୟାକୁ ପ୍ରଶୟ ଦିଏ ନାହିଁ । ଅଧର୍ମକୁ ବରଦାସ୍ତ କରେ ନାହିଁ । ନାରଦ ଏହି ପରି ଜଣେ ସାମ୍ବାଦିକ । ଆଜିର ସାମ୍ବାଦିକମାନେ କ'ଣ ନାରଦଙ୍କ ସାମ୍ବାଦିକ ଗୁଣକୁ ଉପଲବ୍ଧି କରିପାରିବେ ନାହିଁ । ବର୍ତ୍ତମାନ ଯୁଗରେ ଦେବର୍ଷିଙ୍କ ଆଦର୍ଶ ବିଚାରଧାରା ସମସ୍ତ ସାମ୍ବାଦିକଙ୍କ ଅନୁକରଣୀୟ। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରହିତ, ସାମାଜିକ ଉପକାର ସେମାନଙ୍କର କାର୍ଯ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ । ଦେବର୍ଷି ନାରଦ ହେଉଛନ୍ତି ବିଶ୍ୱର ଆଦ୍ୟ ସାମ୍ବାଦିକ । ତାଙ୍କର ଜନ୍ମ ଦିବସ ଜ୍ୟେଷ୍ଠ କୃଷ୍ଣ ପ୍ରତିପଦ ଯାହାକି ଚଳିତ ବର୍ଷ ଇଂରାଜୀ ତା ୧୧ ମଇ ୨୦୧୭,ଗୁରୁବାର ଦିନକୁ ସାରା ବିଶ୍ୱର ସାମ୍ବାଦିକମାନେ ନାରଦ ଜୟନ୍ତୀ ରୂପେ ପାଳନ କରୁଛନ୍ତି ।

ସାମ୍ବାଦିକତାକୁ ବୃତ୍ତି କରି ନିଜର ଜୀବନ ନିର୍ବାହ କରିବା ସାମ୍ବାଦିକ ମାନଙ୍କର ଲକ୍ଷ୍ୟ ହେବା ଉଚିତ୍ ନୁହେଁ କି ଖବରକୁ ପ୍ରସାରିତ କରିବା ସେମାନଙ୍କର ଲକ୍ଷ୍ୟ ହେବା ଉଚିତ ନୁହେଁ । ବରଂ ଦେଶ ପ୍ରଥମେ ଏହି ବିଚାର ଏବଂ ସମାଜରେ ସକାରାତ୍ମକ ଭାବ ନିର୍ମାଣ କରିବା ହେଉଛି ସାମ୍ବାଦିକମାନଙ୍କର ଲକ୍ଷ୍ୟ ହେବା ଉଚିତ । ସମରସତା ସମାଜ ନିର୍ମାଣ ପାଇଁ ଗଣମାଧ୍ୟମ ଏବଂ ସାହିତ୍ୟର ମୁଖ୍ୟ ଭୂମିକା ରହିଛି । ଜନସାଧାରଣଙ୍କୁ ଆନ୍ଦୋଳିତ ମାର୍ଗରେ ନେବା ସାମ୍ବିଦିକମାନଙ୍କର ଦାୟିତ୍ୱ ନୁହେଁ ବରଂ ଦୂଷିତ ହେଉଥିବା ବିଚାର ଧାରାକୁ ବଞ୍ଚାଇବା ସେମାନଙ୍କର କର୍ତ୍ତବ୍ୟ ହେବା ଉଚିତ। କୌଣସି ରାଜାଙ୍କ ପାଇଁ ଧନ ଏକାଠି କରିବା ସାମ୍ବାଦିକମାନଙ୍କର କାମ ନୁହେଁ ବରଂ କୌଣସି ମୁନିଋଷିଙ୍କ ପରି ଜ୍ଞାନରୂପକ ଧନକୁ ସମାଜରେ ବାଣ୍ଟିବା କାମ ହେବା ଉଚିତ ।

ବର୍ତ୍ତମାନର ଗଣମାଧ୍ୟମ ଯୋଗୁଁ ଅନେକଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇଛି ଯେ ଗଣମାଧ୍ୟମଗୁଡ଼ିକ ସମାଜ ଓ ଦେଶ ବିରୋଧୀ ବ୍ୟକ୍ତିଙ୍କୁ ଡାକି ତାଙ୍କର ମତକୁ କାହିଁକି ପ୍ରାଧାନ୍ୟ ଦେଉଛନ୍ତି ? ତାଙ୍କ ସହିତ ଫଟୋ ଉଠାଇବା ପାଇଁ ପ୍ରତିଯୋଗିତା କରୁଛନ୍ତି । ସେହି ଦେଶ ବିରୋଧୀଙ୍କ ମତ ଓ କାର୍ଯ୍ୟକୁ କିଏ କେତେ ପରିମାଣରେ ପ୍ରଚାର କରି ପାରିବ ସେଥିପାଇଁ ମଧ୍ୟ ପ୍ରତି ଯୋଗିତା ହେଉଛି , ତେବେ ଗଣମାଧ୍ୟମର ଏସବୁ ଦିଗ ପ୍ରତି ଆଜି ସମସ୍ତଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ଏବେ ଅନେକ କହୁଛନ୍ତି ଯେ ସମାଚାର ପତ୍ର ଏବଂ ଗଣମାଧ୍ୟମ ଗୁଡିକ ଆମର ଭାଷାକୁ ନଷ୍ଟ କରିଦେଉଛନ୍ତି । ଏଥିପାଇଁ ଆମର ସଂସ୍କୃତି ବିପତ୍ତିରେ ପଡୁଛି । ଆମ ମାତୃଭାଷା ଓଡିଆରେ ଇଂରାଜୀ ଭାଷାର ଅନୁପ୍ରବେଶ ହୋଇଛି । ହିନ୍ଦୀରେ କେବଳ ଇଂରାଜୀ ନୁହେଁ, ଫରାସୀ ଭାଷାକୁ ବହୁଳ ଭାବରେ ବ୍ୟବହାର କରାଯାଉଛି । ସେହି ହିନ୍ଦୀକୁ ଭୁବନେଶ୍ୱର କି ହାଇଦ୍ରାବାଦର ଲୋକେ ବୁଝି ପାରନ୍ତୁ କି ନପାରନ୍ତୁ ଆରବ ଦେଶର ଲୋକମାନେ ବୁଝି ପାରିବେ । ଆମ ଭାଷାରେ ହିନ୍ଦୀ, ଇଂଲିଶ୍ ବା ବଙ୍ଗଳାର ବ୍ୟାବହାରିକ ଶବ୍ଦ ଆସି ମିଶୁ- କିଛି ଅସୁବିଧା ନାହିଁ । କିନ୍ତୁ ଅସୁବିଧାଟି ହେଉଛି ଆମ ଭାଷାରେ ଯେଉଁସବୁ ଶବ୍ଦର ସୁନ୍ଦର ସୁନ୍ଦର ପ୍ରତିଶବ୍ଦ ଅଛି, ଅନୁପ୍ରବେଶକାରୀ ଭାଷା ସେସବୁ ସ୍ଥାନ ମାଡି ବସିବାରୁ ସସବୁ ଲୋପ ପାଇ ଯାଉଛି । ଅନୁପ୍ରବେଶକାରୀ ଭାଷାର ଯେଉଁ ଜୁଆର ଆସୁଛି ତାହା ଦ୍ୱାରା ଆମର ବାକ୍ୟ ଓ ବ୍ୟାକରଣର ସବୁ ବନ୍ଧବାଡ଼ ଭାଙ୍ଗି ମାଡ଼ିଯାଉଛି ।

ମୋବାଇଲ୍ ଫୋନ୍‌ର ଏସ.ଏମ.ଏସ.ରେ ବା "ଫେସ୍‌ବୁକ୍' "ହ୍ୱାଟ୍‌ସଅପ୍'ରେ ଏବେ ଯେଉଁ ଇଂଲିଶ୍ ଭାଷା ବ୍ୟବହାର ହେଉଛି, ତାହା ସେ ଭାଷାର ଶୁଦ୍ଧତା ପ୍ରତି ଘୋର ବିପଦ ସୃଷ୍ଟି କଲାଣି ବୋଲି ଅଭିଯୋଗ । ସେହିପରି ଗଣମାଧ୍ୟମଗୁଡ଼ିକରେ ବାକ୍ୟ ଓ ବ୍ୟାକରଣର ବନ୍ଧନହୀନ ଏ ବନ୍ୟା ଆମ ଭାଷା ପ୍ରତି ମଧ୍ୟ ସେପରି ବିପଦ ସୃଷ୍ଟି କରିବାର ସମୟ ଏବେ ଆସିଗଲାଣି । ଏ ଭଳି ପରିସ୍ଥିତିରେ ଭୁଲ୍ କହିବା ଓ ଭୁଲ୍ ଲେଖିବାରୁ ଆମେ ନିଜକୁ ମୁକ୍ତ କରିବାକୁ ହେବ । ଚଳେଇ ନେଲେ ଚଳିଯିବ ମନୋବୃତ୍ତି ରଖିଲେ, ଭବିଷ୍ୟତରେ ହୁଏତ ଆମକୁ ସବୁକିଛି ହରାଇବାକୁ ପଡିବ । ଭାଷାକୁ ବେଉସା କରି ଚଳିଥିବା ଗଣମାଧ୍ୟମମାନେ, ବିଶେଷ କରି ସମ୍ବାଦପତ୍ର, ଏଫ.ଏମ୍. ରେଡ଼ିଓ ଓ ଟେଲିଭିଜନ ଏହା ପ୍ରତି ସଚେତନ ହେବାର ଗୁରୁତ୍ୱପୂର୍ଣ୍ଣ ସମୟ ଏବେ ଉପସ୍ଥିତ ବୋଲି ଜଣେ ଭାଷାବିତ୍ତ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ।

ହଜାର ହଜାର ବର୍ଷର ସାଂସ୍କୃତିକ ପରମ୍ପରାକୁ ନଷ୍ଟ କରିବା ପାଇଁ ଅନେକ ପ୍ରକାର ବୌଦ୍ଧିକ ଆକ୍ରମଣ ହୋଇଛି । ଭବିଷ୍ୟତରେ ମଧ୍ୟ ସେହି ପରି ଆକ୍ରମଣ ଚାଲୁରହିଥିବ । ସ୍ୱାଧୀନତା ପରଠାରୁ ଆମଦେଶରେ ଉଦ୍ଦେଶ୍ୟମୂଳକ ଭାବରେ ଯେଉଁ ବିଭେଦକାରୀ ତଥା ଶଠତାପୂର୍ଣ୍ଣ ରାଜନୈତିକ ଢ଼ାଂଚା ଏବଂ ଯେଉଁ ପ୍ରବଂଚନାମୂଳକ ବୌଦ୍ଧିକ ବାତାବରଣ ପ୍ରବର୍ତ୍ତନ କରାଯାଇଛି, ତାହାର ସଂପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ । ଏପରି ଅଯାଚିତ ଢ଼ାଂଚା ବା ବ୍ୟବସ୍ଥାରେ 'ଗଣମାଧମ'ଲକ୍ଷ୍ୟଭ୍ରଷ୍ଟ ହେବା ଅନୁଚିତ। ଏପରି ବାତାବରଣରେ ସାମ୍ପ୍ରଦାୟିକ ଅସଦ୍‌ଭାବ, ହିଂସା, ଆଂଚଳିକତାବାଦ, ବିଚ୍ଛିନ୍ନତାବାଦ ଏବଂ ଆତଙ୍କବାଦ ଇତ୍ୟାଦି ଅନାୟାସରେ ନିଜର କାୟା ବିସ୍ତାର କରି ଆମ ଦେଶକୁ ଦୁର୍ବଳ କରିଚାଲିଛନ୍ତି । ଭ୍ରଷ୍ଟାଚାର ବଢିଚାଲିଛି। ପ୍ରତି ମୁହୂର୍ତ୍ତରେ ଆମର ଜାତୀୟତା, ଏକତା ଓ ସାର୍ବଭୌମତ୍ୱ ବିପନ୍ନ ହେଇଚାଲିଛି । ଭାରତର ସ୍ୱାଭାବିକ ଏକତାକୁ ଉଦ୍ଦେଶ୍ୟମୂଳକ ଭାବରେ ନଷ୍ଟ କରିବା ପାଇଁ ଷଡଯନ୍ତ୍ର ଚାଲିଛି। ଅନେକ ବୈଦେଶିକ ଶକ୍ତି ସେଥିପାଇଁ ଗଣମାଧମକୁ ନିଜ ଅକ୍ତିଆରକୁ ନେଇ ଦେଶରେ ବିଭେଦତାର ମଞ୍ଜି ବୁଣିବାକୁ ଚେଷ୍ଟା କରୁଛନ୍ତି । ବିଦେଶୀ ମାନଙ୍କ ଦ୍ୱାରା ରୋପଣ କରାଯାଇଥିବା ବିଷବୃକ୍ଷମାନ ଆମର ସ୍ୱାର୍ଥାନ୍ୱେଷୀ ଦେଶୀ ରାଜନୈତିକ ଦଳ ଏବଂ ନେତାମାନଙ୍କ ଦ୍ୱାରା, ତଥା ପାଶ୍ଚାତ୍ୟ ଚେତନା ସମ୍ପନ୍ନ ବୁଦ୍ଧିଜୀବୀ ମାନଙ୍କଦ୍ୱାରା ସଯତ୍ନ ବର୍ଦ୍ଧିତ ହୋଇ ଅତି ଭୟାନକ ଭାବରେ ତାଙ୍କର କାୟା ବିସ୍ତାର କରିଛନ୍ତି । ସେଗୁଡିକର ଅଗଣିତ ବିଷଫଳମାନ ଆମର ଜାତୀୟତାକୁ, ଆମର ଭାରତୀୟତାକୁ, ପ୍ରତିକ୍ଷଣରେ ଆକ୍ରାନ୍ତ କରୁଛନ୍ତି ବିପନ୍ନ କରୁଛନ୍ତି । ସେଥିପାଇଁ ଆମର ଗଣମାଧ୍ୟମ ସଜାଗ ହୋଇ ଦୃଢ ଭାବରେ ଏସବୁକୁ ପ୍ରତିହତ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ଆମେ ଭାରତୀୟ ମାନେ ଯେଉଁ ଏକତାର ସୂତ୍ରରେ କାହିଁ କେତେହଜାର ବର୍ଷରୁ ବାନ୍ଧିହୋଇ ରହିଛୁ , ସେଇ ଏକତାର ବନ୍ଧନକୁ ଆହୁରି ମଜବୁତ କରିବା ହେଉଛି ଗମମାଧମର ଧର୍ମ ।


ବର୍ତ୍ତମାନ ପେଡ୍ ନିୟୁଜ ଉଭୟ ପ୍ରିଂଟ ମିଡିଆ ଓ ଇଲୋକ୍‌ଟ୍ରନିକ୍ସ ମିଡିଆରେ ଛାଇ ହୋଇ ରହିଛି । ନିର୍ବାଚନରେ ମଧ୍ୟ ତା'ର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ତାଛଡା କାମଳ ସାମ୍ବାଦିକତାର ଉଦାହରଣତଃ ପ୍ରତିଦିନ ଦେଖିବାକୁ ମିଳୁଛି । ପ୍ରାୟ ସବୁ ଖବର କାଗଜ କୌଣସି ନା କୌଣସି କର୍ପୋରେଟ ହାଉସ ବା ନେତାମାନଙ୍କ ମାଲିକାନା ଥିବାରୁ ଏଭଳି ଘଟୁଛି । ଏଥିପାଇଁ ପ୍ରେସ୍ କାଉନ୍‌ସିଲ ମଧ୍ୟ ଅସହାୟତ ପ୍ରକାଶ କରୁଛି । ତେଣୁ ପ୍ରେସ୍ କାଉନ୍‌ସିଲ ତରଫରୁ ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ କ୍ଷମତା ଦେବାକୁ ଦାବି ହେଉଛି । ପେଡ୍ ନିୟୁଜ ଗଣତନ୍ତ୍ରର ସବୁଠାରୁ ବଡ ଶତ୍ରୁ । ତେଣୁ ଯେତେଦୂର ସମ୍ଭବ ଗଣମାଧ୍ୟମ ଜଗତ ଏ ଦିଗରେ ସଚେତନ ହୋଇ ଏହାକୁ ବିରୋଧ କରିବା ଉଚିତ । ପ୍ରିଂଟ୍ ମିଡିଆ ବା ଇଲୋକ୍‌ଟ୍ରନିକ୍ସ ମିଡିଆରେ ଅନେକ ସମୟରେ ତ୍ରୁଟି ପୂର୍ଣ୍ଣ ସମ୍ବାଦ ପରିବେଷଣ ବା ନିଜକୁ ସୁହାଇଲା ଭଳି ଘଟଣାକୁ ଟୁଇଷ୍ଟ୍‌କରି ପ୍ରଚାର କରାଯାଉଥିବା ମଧ୍ୟ ଦେଖାଯାଉଛି । କିନ୍ତୁ ଏସବୁ ସତ୍ତ୍ୱେମଧ ଯିଏ କେହି ମାଲିକ ହୁଅନ୍ତୁ ନା କାହିଁକି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସଂପୂର୍ଣ୍ଣ ସ୍ୱାଧୀନ ଏବଂ ଗଣତନ୍ତ୍ରକୁ ଦୃଢ କରିବା ପାଇଁ ତାଙ୍କର ଅବଦାନ ସବୁଠାରୁ ବେଶୀ । ତେଣୁ ସେମାନେ ନିଶ୍ଚିତ ଭାବେ ନିଜର ଗୁରୁ ଦାୟିତ୍ୱ ବିଷୟରେ ସଚେତନ ରହିବେ ଓ ନିଜର ଦାୟିତ୍ୱକୁ ଠିକ୍ ଭାବେ ତୁଲାଇବା ଆବଶ୍ୟକ ।

ଦେଶ ପ୍ରକୃତିକୁ ପୂଜା କରେ, ବୃକ୍ଷକୁ ପୂଜା କରେ ପାଣିକୁ ବି ପୂଜା କରେ । ଏଠାରେ କେହି ପର ହୋଇ ନାହାନ୍ତି । ପୂରା ବ୍ରହ୍ମାଣ୍ଡକୁ ସେ ନିଜର ମନେ କରେ, ପୂରା ବିଶ୍ୱକୁ ପରିବାର ମନେକରେ । ଏ ହେଉଛି ଆମ ସମାଜ । ଆଜି ବି ଆମର ସଂସ୍କାର ଯୋଗୁଁ ଆମର ରକ୍ତଗତ କାରଣରୁ, ରାଜନୀତି କାରଣ ପାଇଁ ନୁହେଁ, ରାଷ୍ଟ୍ରଭକ୍ତି କାରଣରୁ ଭାରତ ସର୍ବପନ୍ଥ, ସମଭାବ ମାର୍ଗ ଭାରତ ପାଇଁ ଶ୍ରେଷ୍ଠ ମାର୍ଗ । କିଛି ଲୋକ ଇଆଡୁସିଆଡୁ କହି ଗଣମାଧମକୁ ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରିବେ ନାହିଁ । ଗଣମାଧ୍ୟମ ଉଚ୍ଚମୂଲ୍ୟବୋଧ ଉପରେ ଚାଲିଆସିଛି । 'ଜୟଜଗତ୍' ମନ୍ତ୍ରରେ ଗଣମାଧମ ଆଗେଇ ଚାଲିଛି ଓ ଚାଲିବ । ବସୁଧୈବ କୁଟୁମ୍ବକମ୍ ମନ୍ତ୍ର ନେଇ ଭାରତର ଗଣମାଧମ ଚାଲିଛି , ଏହା ହିଁ ବିଶ୍ୱ ପାଇଁ ଭାରତର ମନ୍ତ୍ର । ତେଣୁ ଗଣମାଧମର ନିରପେକ୍ଷତା ହେଲା ସମସ୍ତଙ୍କ ପାଇଁ ସମାନ ଦୃଷ୍ଟିଭଂଗୀ , ସମାନ ବିଚାର ଓ ସମସ୍ତଙ୍କ ପାଇଁ ସମାନ ବିକାଶର ସୁଯୋଗ ସୃଷ୍ଟି ପ୍ରତି ପ୍ରତିବଦ୍ଧତା । ଏହା ହିଁ ଗଣମାଧମର ନିରପେକ୍ଷତା ଏବଂ ସମଗ୍ର ଭାରତକୁ ଏକତା ସୂତ୍ରରେ ଗ୍ରଥିତ କରି ରଖିବାର ସର୍ବଶ୍ରେଷ୍ଠ ପ୍ରୟାସ।

**ଘିଗିଡିଆ, ବାରୁଅ, କେନ୍ଦ୍ରାପଡା**
**ମୋ-୯୮୬୧୦୨୮୫୫୩**

# ସକାଳ ବନ୍ଦନା- ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ସକାଳ ବନ୍ଦନା ତୁମ ପାଇଁ ପ୍ରଭୁ
ସଂଜର ପ୍ରାର୍ଥନା ତୁମପାଇଁ
ତୁମରି ସ୍ମରଣେ ଆତ୍ମାତୃପ୍ତି ମିଳେ
ଆନନ୍ଦରେ ଦିନଯାଏ ବହି ।।୦।।

ସକଳ ସୃଷ୍ଟିର ନାୟକ ହେ' ତୁମେ
ସକଳ ଜୀବର ଆତ୍ମା ତୁମେ
ସକଳ ଘଟରେ ତୁମେ ଅବସ୍ଥିତ
ଜଗତ ଚାଲିଛି ତୁମ ନାମେ
ଭଜି ତୁମ ନାମ ଜୀବ ହୁଏ ଧନ୍ୟ
ମାୟାର ବନ୍ଧନେ ପଡ଼େନାହିଁ ।।୧।।
ସକାଳ ବନ୍ଦନା..........

ମିଥ୍ୟା ଏ ଜଗତ ଅଳିକ ଅସାର
ତମେ ନିତ୍ୟ ସତ୍ୟ ସନାତନ
ତମେ ନିରାକାର ତମେ ତ' ସାକାର
ତମେ ପ୍ରଭୁ ଭକ୍ତପ୍ରାଣଧନ
ତୁମରି ଦର୍ଶନ ତୁମରି ଚିନ୍ତନ
ଶେଷ ଆଶ୍ରା ପ୍ରଭୁ ଜୀବପାଇଁ ।।୨।।
ସକାଳ ବନ୍ଦନା..........

କବି ଓ କବିତା ଭବନ
ମହୁଲ/ ଅଙ୍ଗାରପଡ଼ା/ ଖୋର୍ଦ୍ଧା- ୭୫୨୦୫୪
ମୋ- ୯୧୭୮୬୨୬୨୮୦

# ନିରବତାର ସ୍ୱର

ସଚ୍ଚି ମହାନ୍ତି

ଶବ୍ଦରେ ଯେ ଖାଲି ଭାବ ବିନିମୟ
ସେମିତିତ କିଛି ନାହିଁ,
ମୁଁ କବି ତ କହେ ତା'ମନର କଥା
ଭାଷା କିଛି ଲୋଡ଼ାନାହିଁ,
ମନର କଥାତ ମୁହଁରେ ଝଲସେ
ପଢ଼ି ପାରିଲେ ହେଲା,
ନିରବତା କହେ ହଁ ହଁ କହେ
ଶୁଣିପାରିଲେ ହେଲା ।।୦।।

ରାତିର ଦୁଃଖ କି ସୂରୁଯ ବୁଝିବ ଅନ୍ଧାର ସେ ଦେଖିନାହିଁ,
ନିଜକୁ ନିଜେ ସେ ପଢ଼ିବ କେମିତି ଯା'ଘରେ ଆଇନା ନାହିଁ,
କୁହୁଡ଼ି ଭିତରେ କାକର ଲୁଚିଛି,
ପଢ଼ି ପାରିଲେ ହେଲା,
ନିରବତା କହେ ହଁ ହଁ କହେ
ଶୁଣିପାରିଲେ ହେଲା ।।୧।।

ସେଇ ଓଠ ବୁଝେ ଲୁହର ସୁଆଦ ଲୁହ ଯଦି ପିଇଥାଏ,
ଶୋଷର ମରମ ସେ ଏକା ବୁଝିଛି ମରୁରେ ଯେ ହଜିଥାଏ,
ମଣିଷ ଭିତରେ ମଣିଷଟିଏ ଅଛି
ଖୋଜିକି ପାଇଲେ ହେଲା,
ନିରବତା କହେ ହଁ ହଁ କହେ
ଶୁନିପାରିଲେ ହେଲା ।।୨।।

ଗୀତିକବି
ଭ୍ରାମ୍ୟଭାଷ-୯୪୩୭୮୦୯୪୮୮
ଗଡ଼ମହାବୀର ବିହାର, ରୋଡ଼ ନଂ- ୧,
ଭୁବନେଶ୍ୱର- ୭୫୧୦୦୨



. କାମ କ୍ରୋଧ ଲୋଭ:- ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ୍।

# ମାନବିକତା



**ଡକ୍ଟର ବସନ୍ତ କିଶୋର ସାହୁ**

ମଣିଷ ପଣିଆ ସବୁଠାରେ ଆଜି ଗଲାଣି କମି
ଟଙ୍କା ପଇସାକୁ କିଏ ବଡ଼ ଭାବେ କିଏସେ ଜମି ।
ସହରରେ ପୁଅ ବଡ଼ ଅଫିସର ମାଡେନା ଗାଆଁ
ବାଟ ଚାହିଁ ଚାହିଁ ଦୁଃଖରେ କାନ୍ଦନ୍ତି ବାପ ଓ ମାଆ ॥

ଜମିବାଡ଼ି ବିକି ମଣିଷ କରିଲେ ଯେଉଁ ପୁଅକୁ
ସେହି ପୁଅ ଆଜି ବୋଝ ଭାବୁଅଛି ବାପମାଆକୁ ।
ଦୁଃଖ କଷ୍ଟ କେତେ ଜୀବନେ ସହିଲେ ଯାହାରି ପାଇଁ
ସେହି ପୁଅ ଆଜି ନିଦ ହଜାଇଛି ଚଳିବା ପାଇଁ ॥

ସାହା ଓ ଭରସା ହେଉନାହିଁ ପୁଅ ବାହାନା କରି
ଅଜଣା ଦୁଃଖ ହେଉନି କହି ଲୋକ ଲାଜକୁ ଡରି ।
ବଦଳାଇ ଦିଅ ଆଜିକା ପିଲାଙ୍କ ମତି ଓ ଗତି
ତୁମ ପାଖେ କରୁ ଏତିକି ଗୁହାରି ଜଗତପତି ॥

**କୁସୁପୁର-୭୫୪୨୦୫,**
**ଭାୟା-ବାଲିଚନ୍ଦ୍ରପୁର, ଜି-କଟକ**
**ମୋ : ୯୪୩୭୫୨୬୨୦୧**



# କିଛିକଥା

ବାବାଜୀ ଚରଣ ଜେନା

ଛାତି ତଳେ କିଛି କଥା ରହିଯାଏ
କହି ଜମା ହୁଏ ନାହିଁ
ଦୁନିଆରେ ସିନା ହସୁଥାଏ ସିଏ
ମୁହେଁ ରଙ୍ଗ ବୋଳିହୋଇ
ଛାତି ତଳେ କିଛି ..........
ଦରଦୀ ବୁଝଇ ଦରଦକୁ ସିନା
ବେଦରଦୀ ବୁଝେ ନାହିଁ
ମେଘଭରା ରାତେ ଜହ୍ନକୁ ଖୋଜିଲେ
ଜହ୍ନ ତ ମିଳଇ ନାହିଁ
ସବୁ ସପନତ ପୁରା ହୁଏ ନାହିଁ
କିଛି ରହେ ଅଧାହୋଇ
ଛାତି ତଳେ କିଛି .......... (୧)
କେବେ ଏ ଆଖିରେ ନିଦ ହଜିଯାଏ
ଶୋଇ ଜମା ପାରେନାହିଁ
କେବେ ଏକା ଏକା ଚାଲିବାକୁ ହୁଏ
ସବୁକିଛି ଛାଡ଼ିଦେଇ
ଲୁହକୁ ଯେମିତି ଲୁଚାଇ ହୁଏନା
ଆପେ ଆପେ ଯାଏ ବହି
ଛାତି ତଳେ କିଛି ......... (୨)

ପୋପରଡ଼ା, ନୂଆବଜାର
କଟକ- ୪

# ପଖାଳ ଭାତ



**ନିରଞ୍ଜନ ଖଟୁଆ**

ମାଟିହାଣ୍ଡି ଭାତ ପଖାଳ ବାସନା
ଭୋକ ମୋ ବଢ଼ାଇଦିଏ,
ବୋଉ ବାଢ଼ିଦେବେ ପରଶୁଣି ଆରେ
ପେଟ ଭରି ଖାଇନିଏ।।
ପଖାଳ ସାଥିରେ ନଡ଼ିଆ ଚଟଣି
ଖାଇବାକୁ ଲାଗେ ମଜା,
ଦାନ୍ତ ନାହିଁ ଜମା ଟାକରା ଫୁଟାଇ
ଖାଉଥାନ୍ତି ବସି ଅଜା ।।
ଗରମ ଗରମ ଶାଗ ଭାଜିଦେଇ
ପଖାଳ ଦିଅନ୍ତି ବାଢ଼ି,
ବାପା ଖାଉଥିବେ ସରାଗ ମନରେ
ବେସରିଆ ପୋଇଖାଡ଼ି ।।
ଢ଼ିଙ୍କି କୁଟାହୋଇ ଚାଉଳରେ ବୋଉ
ରାନ୍ଧି ଦେଉଥାନ୍ତି ଭାତ,
ରାତିରେ ପଖାଳି ସକାଳେ ଖାଇଲେ
ମନ କରିଦିଏ ଶାନ୍ତ ।।
ମାମୁ ଆସୁଥାନ୍ତି ଘରକୁ ଆମର
ପଖାଳ ତାଙ୍କର ମିତ
କହୁଥାନ୍ତି ମାମୁ ପଖାଳ ଖାଇଲେ
ଛାଡ଼ିଯାଏ ବାତପିତ ।।

ସା: କମରପଦା (ବାଲିସାହି),
ପୋ: ଯଶପଡ଼ା , ଜି: କଟକ
ମୋ- ୯୮୬୧୭୩୭୪୩୬

# ବୈଶାଖକୁ ସ୍ୱାଗତ



ପ୍ରଧାପକ ବିଜୟ କୁମାର ଜେନା

ବୈଶାଖର ଧୁ ଧୁ ଖରାକୁ ଡରିକି
ଚାଷୀହୁଡ଼େ ନାହିଁ ଚାଷ,
ବିଚରା ପଥିକ ପଥେ ଚାଲୁ ଚାଲୁ
ଜଳଛତ୍ରେ ମେଣ୍ଟେ ଶୋଷ ।।୧।।

ଅଂଶୁଘାତ ଭୟ ମନରୁ ପାଶୋରି
ବୃକ୍ଷଛାୟା ତଳେ ବସି,
ଖରା ଲେଉଟାଣି ବେଳକୁ ଅନାଇ
ଯାତ୍ରା ଆରମ୍ଭଇ ହସି ।।୨।।

ପ୍ରଚଣ୍ଡ ତାତିକୁ ଡ଼ରେନାହିଁ ବୃକ୍ଷ
ମଉନେ କରେ ସ୍ୱାଗତ,
ପ୍ରକୃତିର ଗତି ପ୍ରକୃତିର ବିଧି
ସମସ୍ତଙ୍କ ପାଇଁ ହିତ ।।୩।।


ପ୍ରେମୀମାନେ କେବେ ଭୁଲିପାରିବେକି
ଅନ୍ତରେ ସାଇତା ପ୍ରେମ ,
କବି ଓ କବିତା ପରସ୍ପର ବନ୍ଧା
ନ ଛାଡ଼ିପାରେ କଲମ ।।୪।।
ବୈଶାଖ ଆସିଛି ଯେତେଦୁଃଖ ଦେଉ
ସ୍ୱାଗତ କରିବା ଆସ,
କାଲିପାଇଁ ସୁଖ ବାର୍ତ୍ତା କିଛିଦେଇ
କରୁତା ରୂପପ୍ରକାଶ ।।୫।।

ରାଜନୀତି ବିଜ୍ଞାନ ବିଭାଗ
ରଣପୁର ମହାବିଦ୍ୟାଳୟ
ରଣପୁର



# ଅମୃତର ଶିଶୁ

ସୁଷମା ଦେଇ



ଛୋଟ ଛୋଟ ଫୁଲ ଅମୂଲ ତା ମୂଲ
ହସିଲେ ହସିବ ଦେଶ,
ମୁକତିର ବାଟ ଜାତିର ସେ ଟେକ
ଖୋଜହେ ନବ ଉନ୍ମେଷ।

ଆଗାମୀ କାଲିର ସ୍ୱପ୍ନ ଅସୁମାରୀ
ଦେଖୁ ଜାତି ମୁକ୍ତିପାଇ,
ଦେବ ଶିଶୁ ସିଏ ମାନବ ରୂପରେ
ଅମୃତର ବାର୍ତ୍ତା ନେଇ।

ଛୋଟ ଶିଶୁ କହି ହେୟ କରନାହିଁ
ନବ ଉନ୍ମାଦନା ସିଏ,
ଭରିଦିଅ ପ୍ରୀତି ଅମାପ ତା ଶକ୍ତି
କଳିବ ତାହାକୁ କିଏ।

ମାଟିର କଣ୍ଢେଇ ଦିବ୍ୟ ଭାବନେଇ
ଆସିଛି ଧରା ବୁକୁରେ,
ଗଢ଼ିଦିଅ ତାକୁ ମନପ୍ରାଣ ଭରି
ତୁମ ସ୍ୱପ୍ନର ଢ଼ାଞ୍ଚାରେ।

ହେ ମୋର ମଣିଷ ମଣିଷରେ ଦିଅ
ମାନବିକତାର ଭାଷା,
ସରିଯାଉ କ୍ଲେଶ ନୂତନ ସନ୍ଦେଶ
ସଂଚର ହେ ନବ ଆଶା।

ମୁକୁନ୍ଦପ୍ରସାଦ ଉନ୍ନୀତ ଉ.ପ୍ରା.ବିଦ୍ୟାଳୟ,
ଖୋର୍ଦ୍ଧା

# ମୃତ୍ୟୁକୁ ଦେଖିଛ କିଏ ?

ଶରତ ଚନ୍ଦ୍ର ସାମନ୍ତ

କେମିତି ସେ ଆସେ, କେମିତି ସେ ଯାଏ
କେମିତି ଜୀବନ ନିଏ, ସଚରାଚାର ଜୀବମାନଙ୍କର।
କେମିତି ତା ରୂପ ?

ସତେ କଅଣ ମଇଁଷିର ଶିଙ୍ଗପରି ଥାଏ
ଦୁଇଟା ଶିଙ୍ଗ ତା ମଥାରେ ?
ନାଆଁ ତାର ଯମ
ମଇଁଷି ପୃଷ୍ଠରେ ବସି, ଚିତ୍ରଗୁପ୍ତ ପାଞ୍ଜି ଦେଖି
ଖୋଜୁଥାଏ, ବିଶ୍ୱ ବ୍ରହ୍ମାଣ୍ଡରେ କିଏତା ଶିକାର।
ନା.......... ଏସବୁ ଭୁଲ୍ କଥା।

କାହିଁକି ନା ମୁଁ ତାକୁ ଜାଣିଛି।
ପ୍ରତ୍ୟକ୍ଷ କରିଛି ତାକୁ ବହୁବାର।
ଛାଇ ହୋଇ ଚାଲୁଥାଏ, ନିଶିବ୍ଦରେ
ପାଦକୁ ପାଦ ମିଳାଇ, ଦେହକୁ ଦେହ ଲଗାଇ
ପ୍ରତି ମୁହୂର୍ତ୍ତରେ।

ନା ତାର ରୂପ ଅଛି ତେଣୁ ସେ ଅରୂପ
କେବଳ ତାକୁ ଅନୁଭବ କରିହୁଏ ଅନ୍ତିମ ମୁହୂର୍ତ୍ତେ।
ଅଥବା କଦବା କ୍ୱଚିତ୍ ନିଶ୍ଚିତ ମୃତ୍ୟୁ ସାମ୍ନାରୁ
ବର୍ତ୍ତିଥିବା ଲୋକଟିର ହୃଦୟରେ।

ଅବଶିଷ୍ଟ ସମୟରେ ଯେ ଯାହାକୁ ବଳିୟାନ୍
ହତେଧରି ଚାଲୁଥାନ୍ତି ଅମରତ୍ୱର ଖତିୟାନ।
ମୃତ୍ୟୁ କିନ୍ତୁ ଚାଲୁଥାଏ ପଛେ ପଛେ ନିଶିବ୍ଦରେ
ସୁଦକ୍ଷ ଶିକାରୀ ଭଳି ସୁଯୋଗର ଅପେକ୍ଷାରେ।

କଳିଙ୍ଗ ବିହାର, ଭୁବନେଶ୍ୱର
ମୋ- ୯୦୯୦୪୦୨୧୯୭

# ନେତା ଓ ଶ୍ରୋତା

(ବ୍ୟଙ୍ଗ)

ଅନନ୍ତ ଜେନା

ନେତା ଜଣେ ଥରେ
କହିଲେ ସଭାରେ,
"ମୋର କଥା କଅମ୍ କାମ ବେଶି,"
ଉଠି ଜଣେ ଶ୍ରୋତା
କହିଲେ, "ଠିକ୍ କଥା
ସେଇଥି ପାଇଁ କି ବିଧାନସଭାରେ
ଭାଗ ନନେଇ ଆଲୋଚନାରେ
ଟେବୁଲ ବାଡ଼େଇ ମାଇକ୍ ଭାଙ୍ଗନ୍ତି
ଆମେ ଦେଖି ହବୁ ଖୁସି"।।

ନେତା ପୁନଶ୍ଚ କହିଲେ,
"ମୁଁ ଖାଏନାହିଁ ମାଛ, ମାଂସ
ଛୁଏଁ ନାହିଁ ମଦ୍ୟ,"
ଶ୍ରୋତା ଜଣକ କହିଲେ,
"ଆପଣ ତ ନିରାମିଶାଷି ପ୍ରାଣୀ
ସେଥିପାଇଁ ଖାଆନ୍ତି, କଫିନ୍ କମ୍ବଳ
ରିଲିଫ୍ ଚାଉଳ ଓ ଗୋଖାଦ୍ୟ"।

ନେତା କହିଲେ,
"ମୁଁ ଜଣେ ଗାନ୍ଧୀବାଦୀ ବ୍ୟକ୍ତି
ଅହିଂସା ମୋ ନୀତି,"
ଶ୍ରୋତା କହିଲେ,
"ସେଇଥିପାଇଁ ତ ଆମ ଗାଁର ଦିମୁଣ୍ଡରେ
ଦିଦି ଟା ଦେଶୀ ଭାଟି ଖୋଲିଛନ୍ତି,
ସଂଜ ହେଲେ ଲୋକେ ସୀତା ହରଣଠୁ
ଦ୍ରୌପଦୀ ବସ୍ତ୍ର ହରଣ ଦୃଶ୍ୟ ଦେଖୁଛନ୍ତି।"

କଳିଙ୍ଗ ବିହାର,
ଭୁବନେଶ୍ୱର
ମୋ- ୭୦୬୪୫୮୩୬୧୫

# ତୁମ ଗୀତ ଗାଉଥାଏ

**ନିଶିକାନ୍ତ କହଲସିଂହ**



ଅନ୍ଧନୟନ, ଖଞ୍ଜଚରଣ, ରଙ୍କ ରତନ ହେ ..........
ପ୍ରାଣ ସ୍ପନ୍ଦନ, ହୃଦଚନ୍ଦନ, ପ୍ରୀତିବନ୍ଧନ ହେ ..........
ମୁଁ ତୁମ ଗୀତ ଗାଉଥାଏ
ମୁଁ ତୁମ କଥା କହୁଥାଏ ।।୦।।

ତୁମେ ଶୁଣିପାର ଶାଗୁଆ କ୍ଷେତର ଡ଼ାକ
ତୁମେ ଜାଣିପାର ଶୃଙ୍ଖଳା ନରର ଦୁଃଖ
ତୁମେ ହୋଇପାର ଭିକାରି ଥାଳର ଭିକ
ତୁମେ ନେଇପାର ଭୋକିଲା ପେଟର ଭୋକ
ତୁମେ ସୁନ୍ଦର, ସୁନ୍ଦରତର, ସୁନ୍ଦରତମ ହେ ..........
ମୁଁ ତୁମ ଗୀତ ଗାଉଥାଏ
ମୁଁ ତୁମ କଥା କହୁଥାଏ ।।୧।।

ତୁମେ କରିପାର କୁବୁଜୀକୁ ଅପସରୀ
ତୁମେ କରିପାର ପାଷାଣୀକୁ ସତୀନାରୀ
ତୁମେ କରିପାର ଭବ ପାରାବାର ପାରି
ତୁମେ ଧରିପାର ଯୁଦ୍ଧରେ ତରବାରି
ତୁମେ ମଞ୍ଜୁଳ, ମଞ୍ଜୁଳତର, ମଞ୍ଜୁଳତମ ହେ ..........
ମୁଁ ତୁମ ଗୀତ ଗାଉଥାଏ
ମୁଁ ତୁମ କଥା କହୁଥାଏ ।।୨।।

ତୁମେ ଗୋଳିପାର ନିଦାଘେ ମଳୟ ମନ୍ଦ
ତୁମେ ତୋଳିପାର ଜୀବନର ମଧୁଛନ୍ଦ
ତୁମେ ଢ଼ାଳିପାର ପ୍ରଣୟର ମଧୁଗନ୍ଧ
ତୁମେ ସହିପାର ଭକତର ଗାଳିମନ୍ଦ
ତୁମେ ଉଜ୍ଜ୍ୱଳ, ଉଜ୍ଜ୍ୱଳତର, ଉଜ୍ଜ୍ୱଳତମ ହେ ..........
ମୁଁ ତୁମ ଗୀତ ଗାଉଥାଏ
ମୁଁ ତୁମ କଥା କହୁଥାଏ ।।୩।।

**ଲୋକିପୁର, ଗଡ଼ମାଣତୀର**
**ଖୋର୍ଦ୍ଧା- ୭୫୨୦୬୨**

# ଜଳ ହିଁ ଜୀବନ

ଆଦିନାରାୟଣ ଖଣ୍ଡୁଆଳ



ଜଳହିଁ ଜୀବନ ଜଳ ସର୍ବପ୍ରାଣ
ଜଳ ହିଁ ମଙ୍ଗଳଦାୟୀ
ମୃତ ସଂଜିବନୀ ପତିତପାବନୀ
ଜଳ ହିଁ ଅମୃତମୟୀ .......... (୧)
ସକଳ ସଂସାର ପ୍ରାଣ ଶକ୍ତି ସେହି
ପତଙ୍ଗ ଅବା ସେ କୀଟ
ବୃକ୍ଷ ତରୁଲତା ସ୍ଥାବର ଜଙ୍ଗମ
ଜଳ ବିନା ଛଟପଟ .......... (୨)
ଜଳହିଁ ଜଡ଼ିତ ମାନବ ଜଗତ
ମୁଖ୍ୟ ଜୀବ ଉପାଦାନ
ଦୃଶ୍ୟ ଅଦୃଶ୍ୟରେ ଜଳହିଁ ସବୁଠି
ଆବଶ୍ୟକ ପ୍ରତିକ୍ଷଣ .......... (୩)
ଜଳ ପ୍ରାଣଶକ୍ତି ମଙ୍ଗଳଦାୟିନୀ,
ସର୍ବ ସେହି ବିଦ୍ୟମାନ
ବରଦା, ସୁଖଦା, ସର୍ବପ୍ରାଣୀ ହିତ
ପ୍ରକୃତିର ଅବଦାନ .......... (୪)
ପାଳଇ ଜଗତ, ସର୍ବ ସେହି ମିତ
ମାତୃ, ପିତୃ ରୂପଧରି
ପଶୁପକ୍ଷୀ ଠାରୁ ବୃକ୍ଷ ତରୁଲତା
ମାନବ ମଙ୍ଗଳକାରୀ ........... (୫)
ମାନିବା ପ୍ରକୃତି ନୀତି ନିୟମ ତା
ପରିବେଶ ସରଂକ୍ଷଣ
ଜଳ, ବାୟୁ, ବ୍ୟୋମ, ଅଗ୍ନି ଓ କ୍ଷିତିରେ
ନକରିବା ପ୍ରଦୂଷଣ .......... (୬)
ଆମରି ହାତରେ ଆମରି ଜୀବନ
ଜଳ ହିଁ ଅମୃତଦାନ
ସବୁଜ ସୁନ୍ଦର ଗଢ଼ିବା ଜଗତ
ଜୀବନ ହୋଇବ ଧନ୍ୟ ........... (୭)

ରାମଚନ୍ଦ୍ରପୁର ବଜାର, ଜଟଣୀ
ମୋ- ୯୨୩୮୫୯୨୨୭୭



# ଜୀବନ

**ଯମେଶ୍ୱର କହଲସିଂହ**

ଜୀବନ ନୁହଇ ଉଜାଣି ନଈର ପୁରୁଣା ଦଦରା ତରୀ,
ଜୀବନ ବି ନୁହେଁ ଫୁଲ ବଗିଚାର ଦରବିକଶିତ କଳି।
ଜୀବନ ନୁହଇ ଅଛିଣ୍ଡା ଗଣିତ ଅବୁଝା ତ୍ରିକୋଣମିତି,
ଜୀବନ ଜ୍ୟାମିତି କଷିଲେ ମିଳଇ କେତେ ନୂଆ ଅନୁଭୂତି"।

ଜୀବନ ନୁହଇ ଘୋର ଗୀରିଷମ ଖଇଫୁଟା ତାତିସମ,
ଜୀବନେ ରହିଛି ଶୀତଳ ପରଶ ପ୍ରୀତିମୟ ଆକର୍ଷଣ।
ଜୀବନଟା କେବେ ଧାରା ଶିରାବଣ କେବେ ଅମାନିଆ ନଈ,
ସତର୍କ ନୋହିଲେ ଏକୂଳ ସେକୂଳ ଦୁଇକୂଳ ଯାଏ ଖାଇ"।

ସତ୍ୟ ଜୀବନର ଅମ୍ଳାନବସନ ଧର୍ମ ଅଟେ ତାର ଶକ୍ତି,
ଜୀବନବେଳାକୁ ସିକ୍ତ କରିଥାଏ ଜୁଆରିଆ ପ୍ରେମପ୍ରୀତି।
କେତେ ପଦଚିହ୍ନ ପଡ଼ଇ ନିଇତି ଜୀବନର ଚଲାପଥେ,
ସବୁଚିହ୍ନ ସବୁଦିନ ଆଂକିହୋଇ ମନରେ ରହେ କି ସତେ ??

ସିଏ କି ଜୀବନ ଯେଉଁଠି ଉଏଁନି ସେନେହ ଶରଧା ଜହ୍ନ,
ସିଏକି ଜୀବନ ଯେଉଁଠି ଲାଗିଛି କଳଙ୍କର କଳାଚିହ୍ନ"।

**ଲୋକିପୁର, ଗଡ଼ମାଣତୀର
ଖୋର୍ଦ୍ଧା - ୭୫୨୦୬୨**



# ନିବେଦନ

**ଉଷାରାଣୀ ଶତପଥି**

ଆଶିଷର ଧାରା ଝରିପଡ଼େ ପ୍ରଭୁ
ବରଷାର ବିନ୍ଦୁ ହୋଇ........
କରୁଣା ରେଣୁରେ ଜୀବନର ଦୀକ୍ଷା
ସମୀରଣ ଯାଏ ଗାଇ....... (୦)

ତୁମ ହସ ଝରିପଡ଼େ ଫୁଲ ପାଖୁଡ଼ାରେ
ନରମ ଅଧର ଖୋଲି
ଭାଷାର ଇଙ୍ଗିତ ବୁଝାଏ ମଧୁପ
ଫୁଲରେ ଫୁଲରେ ଝୁଲି........
ତୁମ ସନ୍ତୋଷର ଚିତ୍ର ଆଙ୍କି ହୋଇଯାଏ
ଶ୍ୟାମଳ କେଦାର ଭୂଇଁ........ (୧)

ନୂପୁରର ଛନ୍ଦ ବୀଣାର ନିନାଦ
ଝରଣାର କୁଳୁଗୀତ.........
ହୃଦୟ ଭଣ୍ଡାର ପୁରିଉଠେ ପ୍ରଭୁ
ପାଇ ସ୍ନେହ, ପ୍ରେମ, ପ୍ରୀତ.......
ତୁମେ ଶାନ୍ତି କପୋତ ହୋଇଉଡ଼ିଆସ
ନିଶିଥିନୀ ରୂପନେଇ........ (୨)

**ମଧୁସୁଦନ ନଗର, ପଲ୍ଲାହାଟ
ଖୋରଧା**

# "ନିରବତା"



**ଜିତେନ୍ଦ୍ର କୁମାର ନାୟକ**

ସମୟ ତ ସରିଗଲା
କଥା କିଛି ସରିଲାନି
ତୁମରି ଅଧର ପ୍ରାନ୍ତେ
ରହିଲା ଅଟକି,
କି ଅଦ୍ଭୁତ ନିରବତା.....
ଛାଇ ହୋଇଗଲା ।।୧।।

ଆଖିର ଲୁହରେ
ସବୁ ଦିଶିଲା ଅନ୍ଧାର
କେହି କିଛି ପାରିଲେନି ଦେଖି
ଅଶ୍ରୁ ଆଉ ନିରବତା
ସେଇ ବୋଧେ ଶେଷ ଆମ ସଂପର୍କର
ବହୁକଥା ଗୋପନେ ସୁରକ୍ଷିତ.......
ଆମ ଜୀବନର...... ଆମ ଜୀବନର...... ।।୨।।

ସଂପାଦକ- ପ୍ରୀତିପଦ୍ମା
ସାକ୍ଷୀଗୋପାଳ, ପୁରୀ
ମୋ- ୯୪୩୭୫୯୫୪୨୦

# ଐତିହାସିକ ଶିଶୁପାଳଗଡ଼

ଡ଼କ୍ଟର କୁଞ୍ଜବିହାରୀ ମହାନ୍ତି





ଓଡ଼ିଶାର ପ୍ରାଚୀନ ଗଡ଼ ଓ ରାଜବାଟୀ ମଧ୍ୟରେ ଶିଶୁପାଳଗଡ଼ ଅନ୍ୟତମ। ଭୁବନେଶ୍ୱର ଉପକଣ୍ଠ ପୁରୀ ମୁଖ୍ୟରାସ୍ତା କଡ଼ରେ ଏହାର ଅବସ୍ଥିତି। ମହାଭାରତ ବର୍ଣ୍ଣିତ ରାଜା ଶିଶୁପାଳ ଏଠାରେ ରାଜତ୍ୱ କରିଥିବା କଥା ଲୋକମୁଖରେ କିମ୍ବଦନ୍ତୀ ହୋଇ ପ୍ରଚଳିତ ଥିଲେ ହେଁ ଏହାର କୌଣସି ତଥ୍ୟଭିତ୍ତିକ ସଠିକ ପ୍ରମାଣ ଏ ଯାବତ ମିଳିପାରିନାହିଁ। ଖଣ୍ଡଗିରି ଓ ଉଦୟଗିରି ଥିବା କେତେକ ପ୍ରାଚୀନ ବ୍ରାହ୍ମୀଲେଖରୁ ସ୍ପଷ୍ଟ ଜଣାପଡ଼େ ଯେ ଏହି ଦୁଇଟି ପାହାଡ଼ ନିକଟରେ କୌଣସି ଏକ ନଗର ବିଦ୍ୟମାନ ଥିଲା। ଏହାହିଁ କଳିଙ୍ଗ ନଗର ନାମରେ ପରିଚିତ। କଳିଙ୍ଗ ନଗର କଟକ ପରି ଏକ ସାଧାରଣ ନାମବାଚକ ଶବ୍ଦ। ଏହାର ଅର୍ଥ କଳିଙ୍ଗର ରାଜଧାନୀ । କଟକ ଶବ୍ଦ ରାଜାଙ୍କର ସାମୟିକ ରାଜଧାନୀକୁ ବୁଝାଏ। ଯେପରି ଅମରାବତୀ କଟକ, ଚୌଦ୍ୱାର କଟକ, ବାରଣାସୀ କଟକ, ପୁରୁଷୋତ୍ତମ କଟକ, ରେମୁଣା କଟକ ଇତ୍ୟାଦି। ସେହିପରି ଖାରବେଳଙ୍କ ସମୟରେ ଖଣ୍ଡଗିରି ନିକଟବର୍ତ୍ତୀ କୌଣସି ଅଞ୍ଚଳ କଳିଙ୍ଗ ନଗର ବା କଳିଙ୍ଗର ରାଜଧାନୀ ଥିଲା। ବ୍ରହ୍ମପୁରାଣରେ ଏକାମ୍ର କ୍ଷେତ୍ରର ବିଶଦ ଭାବରେ ବର୍ଣ୍ଣନା କରାଯାଇଛି। ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ପ୍ରଦତ୍ତ ବର୍ଣ୍ଣନା ସହିତ ଏହାର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି। ତେଣୁ ଉକ୍ତ କଳିଙ୍ଗ ନଗର ଏକାମ୍ର କାନନ ନିକଟବର୍ତ୍ତୀ ଅର୍ଥାତ୍ ଲିଙ୍ଗରାଜ ମନ୍ଦିରଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ଶିଶୁପାଳଗଡ଼କୁ ଗ୍ରହଣ କରାଯାଇଛି। ଜନଶ୍ରୁତିରେ ଖାରବେଳହିଁ ପୁରାଣ ବର୍ଣ୍ଣିତ ଶିଶୁପାଳ ଓ ଇତିହାସ ଅନୁଯାୟୀ ଚେଦି ବଂଶର ରାଜା ଶିଶୁପାଳ ସହିତ ତାଙ୍କୁ ଚିହ୍ନିତ କରାଯାଇପାରେ।

ଶିଶୁପାଳଗଡ଼ର ପ୍ରାକୃତିକ ଦୃଶ୍ୟରାଜି ଅତ୍ୟନ୍ତ ଚିତ୍ତାକର୍ଷକ। ଏହାର ଦକ୍ଷିଣ ଦିଗରେ ପ୍ରାୟ ଅଧ କିଲୋମିଟର ଦୂରରେ ଦୟାନଦୀ କୁଳୁକୁଳୁ ତାନରେ ବହିଯାଉଛି ଚିଲିକା ଅଭିମୁଖେ। ଅନତି ଦୂରରେ କଳିଙ୍ଗ ଯୁଦ୍ଧର ମୂକସାକ୍ଷୀ ଧଉଳି ପାହାଡ଼ ଓ ତୋଷାଳି ନଗର ଅବସ୍ଥିତ। ସମ୍ଭବତଃ ତୋଷାଳି ବା କଳିଙ୍ଗ ନଗର ଖାରବେଳଙ୍କ ସିଂହାସନ ଆରୋହଣ ବେଳକୁ ଝଡ଼ ବତାସରେ ଧ୍ୱଂସବିଧ୍ୱସ୍ତ ହୋଇଯାଇଥିଲା ଓ ଖାରବେଳ ଏହାର ପୁନର୍ଗଠନ କରି ଶିଶୁପାଳଗଡ଼ ନାମକରଣ କରିଥିବା ମନେହୁଏ। ଗଡ଼ର ପୂର୍ବ ଦିଗରେ ଭାର୍ଗବୀ ନଦୀ ପ୍ରବାହିତ। ଉକ୍ତ ଭାର୍ଗବୀ ଓ ଦୟାନଦୀ ନନ୍ଦରାଜାଙ୍କ ରାଜତ୍ୱ କାଳରେ ଆରମ୍ଭ ଓ ଖାରବେଳଙ୍କ ସମୟରେ ଶେଷ ହୋଇଥିବା ପ୍ରଣାଳୀ ବ୍ୟତୀତ ଅନ୍ୟ କିଛି ନୁହେଁ। ତୋଷାଳିକୁ ଯିବା ବାଟରେ ଉକ୍ତ ପ୍ରଣାଳୀ ଖୋଦିତ ହୋଇଥିବା କଥା ହାତୀଗୁମ୍ଫା ଶିଳାଲେଖରେ ମଧ୍ୟ ଉଲ୍ଲେଖ ଅଛି। କଟକଠାରୁ ବାଲିଅନ୍ତା ପର୍ଯ୍ୟନ୍ତ ଭାର୍ଗବୀର ଅଂଶକୁ ଲୋକେ କୁଆଖାଇ ବୋଲି କହିଥାନ୍ତି। 'ଖାଇ' ଶବ୍ଦ ପରିଖା, ଖାଲ ବା ପ୍ରଣାଳୀକୁ ହିଁ ବୁଝାଇଥାଏ। ତେଣୁ ଖାରବେଳଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ଭାର୍ଗବୀ ଓ ଦୟା ପ୍ରଣାଳୀ ସାହାଯ୍ୟରେ କଳିଙ୍ଗ ନଗର ଜଳସେଚିତ ହୋଇପାରୁଥିଲା। ଜନଶ୍ରୁତିରେ ଉକ୍ତ ନଦୀ ଦୁଇଟି ଭୃଗୁ ଓ ଦଧୀଚି ଋଷିଙ୍କ ତପ ପ୍ରଭାବରୁ ସୃଷ୍ଟି ହୋଇଥିବା

କଥା ପ୍ରଚଳିତ ଅଛି। ଉକ୍ତ ଶିଶୁପାଳଗଡ଼ ମଧ୍ୟରେ ଥିଲା ଖାରବେଳଙ୍କ ରାଜନଅର। ଏହାର ପଶ୍ଚିମକୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ କୁମାର ପର୍ବତ (ଖଣ୍ଡଗିରି) ଓ କୁମାରୀ ପର୍ବତ (ଉଦୟଗିରି) ତାଙ୍କ ରାଜ ପରିବାରର ପ୍ରିୟ ଉପାସନା ପୀଠ ଥିଲା। କାରଣ ଏଠାରେ ଖାରବେଳଙ୍କ ଦ୍ୱାରା ବହୁ ଜୈନ କୀର୍ତ୍ତି ଖୋଦିତ ହେବା ସହିତ କୁମାର ପର୍ବତ ଶିଖର ଦେଶରେ ପାର୍ଶ୍ୱନାଥ ମନ୍ଦିର ନିର୍ମିତ ହୋଇଥିଲା। ଜୈନ ଅହର୍ତମାନେ (ସନ୍ନ୍ୟାସୀ) ଏଠାରେ ସ୍ତୁତିଗାନ କରୁଥିଲେ ଏବଂ ସମ୍ରାଟ ଖାରବେଳ ଦୁର୍ଗ ମଧ୍ୟରେ ଥିବା ବିଶାଳ ପ୍ରାସାଦରୁ ଉକ୍ତ ପବିତ୍ର କ୍ଷେତ୍ର ପ୍ରତି ଦୃଷ୍ଟିପାତ କରି ଭକ୍ତି ନିବେଦନ କରୁଥିଲେ।

ଶିଶୁପାଳ ଦୁର୍ଗର ଚତୁର୍ଦ୍ଦିଗରେ ଥିଲା ବିସ୍ତୀର୍ଣ୍ଣ ପ୍ରାନ୍ତର ଓ ଏହା କଳିଙ୍ଗ ସେନାର ଶିକ୍ଷାକ୍ଷେତ୍ର ଏବଂ ବସବାସ କରିବା ପାଇଁ ଥିଲା ଉପଯୁକ୍ତ ସ୍ଥାନ। ଉକ୍ତ ଦୁର୍ଗର ନିର୍ମାଣ କୌଶଳ ସୁରକ୍ଷା ଦୃଷ୍ଟିରୁ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। ବାହ୍ୟଶତ୍ରୁ ଆକ୍ରମଣକୁ ପ୍ରତିହତ କରି ନଗରବାସୀ ଯେପରି ନିର୍ଭୟରେ ବସବାସ କରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥିଲା। ଏହି ଦୁର୍ଗର ଆକାର ଥିଲା ଗୋଟିଏ ବର୍ଗକ୍ଷେତ୍ର ପରି ଓ ଏହାର ପରିସୀମାକୁ ପ୍ରାଚୀର ଘେରି ରହିଥିଲା। ପ୍ରତ୍ୟେକ ପ୍ରାଚୀରର ଲମ୍ବ ଥିଲା ପ୍ରାୟ ଏକ ମାଇଲ ଓ ଉଚ୍ଚତା ଥିଲା ଚାଳିଶି ଫୁଟ। ବଡ଼ ବଡ଼ ଇଟାରେ ଏହି ପ୍ରାଚୀର ନିର୍ମିତ ହୋଇଥିଲା। ଏପ୍ରକାର ଇଟା ମୌର୍ଯ୍ୟ ବା ସୁଙ୍ଗ ବଂଶର କୀର୍ତ୍ତିମାନଙ୍କରେ ଦେଖିବାକୁ ମିଳେ। ପ୍ରତ୍ୟେକ ଦିଗର ପ୍ରାଚୀର ମଝିରେ ଗୋଟିଏ ଦ୍ୱାର ଥିଲା ଓ ସର୍ବାପେକ୍ଷା ବଡ଼ ଦ୍ୱାର ଥିଲା ପଶ୍ଚିମପଟର। ସମ୍ଭବତଃ ଏଇଟି ଥିଲା ମୁଖ୍ୟ ବା ସିଂହଦ୍ୱାର। ପ୍ରାଚୀରର ପ୍ରତ୍ୟେକ କୋଣରେ ସୁଉଚ୍ଚ ଗମ୍ବୁଜମାନ ଥିଲା ଓ ଏହି ଠାରୁ ଶତ୍ରୁମାନଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଉଥିଲା।

ଦୁର୍ଗକୁ ସୁରକ୍ଷିତ ରଖିବା ପାଇଁ ଚତୁର୍ଦ୍ଦିଗରେ ସୁଗଭୀର ଗଡ଼ଖାଇ ଥିଲା। ଏଇ ଗଡ଼ଖାଇରେ ବିଶାଳକାୟ କୁମ୍ଭୀର ଓ ମଗରମାନଙ୍କୁ ଛଡ଼ାଯାଇଥିଲା। ସେମାନେ ସର୍ବଦା ବିଚରଣ କରି ଶତ୍ରୁମାନଙ୍କ ମନରେ ଭୟ ସଞ୍ଚାର କରୁଥିଲେ। ଶିଶୁପାଳଗଡ଼ର ପଶ୍ଚିମରୁ ଦକ୍ଷିଣକୁ ଗନ୍ଧବତୀ ନଦୀ ପ୍ରବାହିତ ହେଉଥିଲା। ଏହା କାଳକ୍ରମେ ପୋତି ହୋଇପଡ଼ିଛି ଓ ଅନେକ ସ୍ଥାନରେ ପୋତାପୋତି କରି ଲୋକେ ବାସଗୃହ ନିର୍ମାଣ କରିଛନ୍ତି। ଉକ୍ତ ନଦୀର ଅଳ୍ପ କେତେକ ଅଂଶକୁ 'ଗଙ୍ଗୁଆ ନାଳ' କୁହାଯାଉଛି। ଗଡ଼ ମଧ୍ୟରେ ଥିବା 'ଷୋଳଖମ୍ବ' ବାସ୍ତବରେ ଐତିହାସିକ ଗୁରୁତ୍ୱ ବହନ କରେ। ଏହାର ପ୍ରତ୍ୟେକ ଖମ୍ବ ଗୋଟିଏ ଗୋଟିଏ ମାଙ୍କଡ଼ା ପଥରରେ ନିର୍ମିତ ଯେଉଁଥିରେ ଲୌହଭାଗ ଅଧିକ ରହିଛି। ସେଥିପାଇଁ ଏହା ଏବେ ମଧ୍ୟ କାଳବକ୍ଷରେ ସଗର୍ବେ ଠିଆ ହୋଇରହିଛି। ଲୋକେ କୁହନ୍ତି ଉକ୍ତ ପଥର ଖମ୍ବରେ ହାତୀମାନେ କୁଆଡ଼େ ବନ୍ଧା ହେଉଥିଲେ। ସୈନ୍ୟସାମନ୍ତ, ଗଡ଼ ଅଧିବାସୀ, ହାତୀ, ଘୋଡ଼ା ଆଦିଙ୍କ ବ୍ୟବହାର ପାଇଁ ଗଡ଼ ଭିତରେ ପାଞ୍ଚୋଟି ବୃହତ୍ ଜଳାଶୟ ଖୋଳାଯାଇଥିଲା। କାଳକ୍ରମେ ଏସବୁ ପୁଷ୍କରିଣୀ ପୋତି ହୋଇପଡ଼ିଛି।

ବିଭିନ୍ନ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଏଠାରେ ଭୂଖନନ କରାଯିବା ଦ୍ୱାରା ଅନେକ ମାଟିପାତ୍ର, ସ୍ୱର୍ଣ୍ଣମୁଦ୍ରା, ରୌପ୍ୟମୁଦ୍ରା ଓ ତାମ୍ରମୁଦ୍ରା ମିଳିଥିଲା। ସର୍ବାପେକ୍ଷା ଅଧିକ ଗୁରୁତ୍ୱ ବହନ କରିଛି ଏଠାରୁ ଆବିଷ୍କୃତ ଚତୁର୍ଭୁଜ ମାହେଶ୍ୱରୀ ମୂର୍ତ୍ତି। ତାଙ୍କ ଉପର ଡ଼ାହାଣ ହାତରେ ଡ଼ମ୍ବରୁ, ତଳ ଡ଼ାହାଣ ହାତରେ ଗଦା, ଉପର ବାମ ହାତରେ ତ୍ରିଶୂଳ ଓ ତଳ ବାମହାତରେ ଅକ୍ଷମାଳା ଶୋଭା ପାଉଛି। ଏହା ଗୋଟିଏ ମୁଗୁନି ପଥରରେ ନିର୍ମିତ ଓ ବାହନ ବୃଷଭ ମଧ୍ୟ ନିକଟରେ ସ୍ଥାନ ପାଇଛି। ଉକ୍ତ ମାହେଶ୍ୱରୀ ମୂର୍ତ୍ତି ଏବେ ଗଡ଼ଚଣ୍ଡୀ ଭାବରେ ପୂଜା ପାଉଛନ୍ତି। ମୂର୍ତ୍ତିର ପଛପଟେ ୧୭ ଧାଡ଼ିର ଗୋଟିଏ ଲେଖାଥିଲା, ମାତ୍ର ମୁଗୁନି ପଥରର କେତେକାଂଶ ଭାଙ୍ଗିଯାଇଥିବାରୁ ଏହା ଅସ୍ପଷ୍ଟ।

ମୌର୍ଯ୍ୟ ଯୁଗରୁ ପ୍ରସିଦ୍ଧି ଲାଭ କରିଥିବା ଶିଶୁପାଳ ଦୁର୍ଗ ମଧ୍ୟରେ ପରବର୍ତ୍ତୀ ସମୟରେ ଗଙ୍ଗ ସମ୍ରାଟ ଚୋଳଗଙ୍ଗ ବା ଗଙ୍ଗେଶ୍ୱର ଦେବଙ୍କ ରାଜତ୍ୱର ଶେଷଭାଗରେ ବିରାଟକାୟ ପ୍ରାସାଦ ବା ମନ୍ଦିର ନିର୍ମାଣ କରାଯାଇଥିଲା। କଟକର ମୋଗଲ ସୁବାଦାର ମହମ୍ମଦ ତକି ଖାଁ ୧୭୩୧ ଖ୍ରୀଷ୍ଟାବ୍ଦରେ ଆକ୍ରମଣ କରିଶିଶୁପାଳ ଦୁର୍ଗ ଧ୍ୱଂସ କରିଥିଲେ। ଫଳରେ ଉଚ୍ଚ ସୁଦୃଶ୍ୟ ମନ୍ଦିରଟି ମଧ୍ୟ ଭାଙ୍ଗିଯାଇଥିଲା। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିଥିବା ମହାମେଘବାହନ ଐରଖାରବେଳଙ୍କ କୀର୍ତ୍ତିରାଜି କାଳଦ୍ୱାରା କବଳିତ ହୋଇଛି। ମାତ୍ର ତାର ଶୌର୍ଯ୍ୟ- ବିକ୍ରମ ଧ୍ୱଜା ଧରି ଏବେ ମଧ୍ୟ ଏ ମାଟି କଳିଙ୍ଗର ଗୌରବ ଗାଥା ଗାଇଚାଲିଛି।

ଶିଶୁପାଳଗଡ଼ ସମ୍ପର୍କରେ ପ୍ରତ୍ନତତ୍ତ୍ୱବିତ୍ ଓ ଐତିହାସିକମାନେ ଗବେଷଣାକରି ଅନେକ ତଥ୍ୟ ଲୋକଲୋଚନକୁ ଆଣିପାରିଛନ୍ତି। ତେବେ ସେସବୁ ସମ୍ପୂର୍ଣ୍ଣ ନୁହେଁ, ଯେତିକି ଆଲୋକ- ସେତିକି ଅନ୍ଧାର। ସେଥିପାଇଁ ଏ ସମ୍ପର୍କରେ ବିଭିନ୍ନ ଦୃଷ୍ଟିକୋଣରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

**ପ୍ରାକ୍ତନ ଅଧ୍ୟକ୍ଷ, ଗଙ୍ଗୋତ୍ରୀ ନଗର,**
**ଲେନ୍- ୩, ଶିଶୁପାଳଗଡ଼,ଭୁବନେଶ୍ୱର- ୨**

## ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

| | | | | | | | | |
|---|---|---|---|---|---|---|---|---|
| | | 9 | | 3 | 2 | 5 | | |
| 3 | | 6 | | | 9 | | | 2 |
| | 1 | | | 5 | | 3 | 4 | 9 |
| | 6 | | | 2 | 7 | 1 | 3 | |
| | | 1 | 6 | | 5 | 2 | | 7 |
| | 7 | 5 | 1 | 8 | | | 6 | |
| 5 | 8 | 7 | | | | | 9 | |
| 1 | | | 5 | | | 6 | | 8 |
| | | | 3 | 9 | | 7 | | 1 |

ସୁ-ଡୋକୁ ଉତ୍ତର ୩୪ ପୃଷ୍ଠାରେ

(ଏବେ, କେବେ, କୋଉଠି- ୫୬)



# ଅନ୍ୟ ଏକ ଶ୍ରୀୟା

ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକଣ୍ଠ)

ପତ୍ନୀ ଆଜି ବହୁତ ଖୁସି। କାରଣ, ଆଜି ତାଙ୍କୁ ସାଥିରେ ଧରି ମୁଁ ମନ୍ଦିର ଆସିଛି। ତାହା ପୁଣି ସାବିତ୍ରୀ ବ୍ରତ ଭଳି ଦିନରେ। ଏଇ ବିଶେଷ ଦିନରେ କୁଆଡ଼େ ପତିପତ୍ନୀ ସାଥିହୋଇ ମନ୍ଦିର ଆସିଲେ ଅଧିକା ପୁଣ୍ୟ ଅର୍ଜନ କରିହୁଏ। ସୁତରାଂ, ବାହାଘରର ଅଠେଇଶି ବର୍ଷ ପରେ ସାବିତ୍ରୀବ୍ରତ ଦିନ ପତ୍ନୀଙ୍କୁ ସାଥିରେ ଧରି ମନ୍ଦିରରେ ପୁଣ୍ୟ ଅର୍ଜନ କରିବାର ଅନୁଭବ ଟିକିଏ ନିଆରା ଥିଲା। କାରଣ, ଏତେ ସଂଖ୍ୟାରେ ସ୍ୱାମୀମାନେ ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ପତ୍ନୀମାନଙ୍କୁ ଅପେକ୍ଷା କରିଥିବା ଓ ତା'ଭିତରେ ମୁଁ ଜଣେ ହୋଇଥିବାର ଅନୁଭବ ଏଇ ପ୍ରଥମ ଥିଲା। ତେବେ ସେ ଯାହାହେଉ, ସେଇ କିଛି ସମୟ ପାଇଁ ହେଉ ପଛେ ପତ୍ନୀଙ୍କ ପାଇଁ ମୁଁ କିଛିଟା ଆନନ୍ଦ ଆଣିପାରିଛି, ଏଥିରେ ଆତ୍ମସନ୍ତୋଷ ଆପଣଉଥିଲି ମନେ ମନେ।

ରାଜ୍ୟହରା ଅନ୍ଧ ରାଜା ଦ୍ୟୁମତ୍‌ସେନ୍‌ଙ୍କ ପୁଅ ସତ୍ୟବାନ। ପରିବାର ପ୍ରତିପୋଷଣ ପାଇଁ ଫଳମୂଳ ଓ କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିଲେ। ସାଥିରେ ପତିଗତପ୍ରାଣା ପତ୍ନୀ ସାବିତ୍ରୀ ଥିଲେ। ଆବଶ୍ୟକ ଫଳମୂଳ ସଂଗ୍ରହ କଲେ। ତାପରେ ଗଛରେ ଚଢ଼ି କାଠ ହାଣିଲେ। ଜ୍ୟେଷ୍ଠମାସିଆ ଉଦୁଉଦିଆ ଖରାବେଳ। ଆଜିଦିନଭଳି ସେଦିନ ବି ସେମିତି ଖରା ହୋଇଥିଲା। ଟାଇଁଟାଇଁଆ ଖରା। ସକାଳୁ ଯାଇଥିଲେ ଯେ ବେଳ ଦ୍ୱିପ୍ରହର ହେଲାଣି। ସତ୍ୟବାନଙ୍କର ମୁଣ୍ଡବିନ୍ଧା ଆରମ୍ଭ ହେଲା। ଦେହହାତ ଥରିଲା। ଫଳରେ, ଅଂଶୁଘାତରେ ଆକ୍ରାନ୍ତ ହୋଇ ସିଏ ମୂର୍ଚ୍ଛା ଗଲେ। ପତ୍ନୀ ସାବିତ୍ରୀ ବହୁ ଶ୍ରମ କରି ତାଙ୍କୁ ସାଷ୍ଟାମ କଲେ। ସତ୍ୟବାନ ନୂଆ ଜୀବନ ପାଇଲେ। କାଳକାଳକୁ କଥା ରହିଲା। ଆଖ୍ୟାନ ଯୋଡ଼ାଗଲା। ସାବିତ୍ରୀ-ସତ୍ୟବାନ-ଯମଙ୍କର ଏକ ତ୍ରିକୋଣୀୟ ଉପାଖ୍ୟାନ ପୁରାଣରେ ସ୍ଥାନିତ ହେଲା। ମଣିଷମନରେ ଧାର୍ମିକ ଚେତନାର ଉତ୍ତରଣ ପାଇଁ ଏପରି ଅନେକ ଭାକ୍ତିକମିଥ୍ୟା ତଥା ଲୌକିକତାକୁ ପୂର୍ବପୁରୁଷମାନେ ମହତ୍ତର ଉପଲବ୍ଧିଭାବେ କାଳକାଳରୁ ସମାଜରେ ଚଳେଇ ଆସିଛନ୍ତି।

ତେବେ, ଏଥର ପ୍ରସଙ୍ଗକୁ ଫେରିବା। ମନ୍ଦିର ଭିତରେ ପତ୍ନୀ, ଅନ୍ୟ ନାରୀମାନଙ୍କ ସହ ହାତରେ ଭୋଗଥାଳି ଧରି ଧାଡ଼ିରେ ଛିଡ଼ା ହୋଇଥା'ନ୍ତି। ଖୁବ୍ ହସଖୁସି ଚାଲିଥାଏ। ଏଇଟା ତାଙ୍କର ବନ୍ଧୁମିଳନର ପର୍ବ। ନାରୀମାନଙ୍କର ଏଇଟା ଗୋଟାଏ ବିଶେଷଗୁଣ। ଚିହ୍ନାଅଚିହ୍ନା ଯାହାକୁ ଦେଖିଲେ ଗପ ଜମେଇ ଦିଅନ୍ତି। ଗପର ପାଖୁଡ଼ା ମେଲିଯାଏ ଗୋଟିଏ ପରେ ଗୋଟିଏ। ଅସରନ୍ତି ସେ ଗପପେଡ଼ି। ବେଳେ ବେଳେ ଉଚ୍ଛୁଳାହସର ଲହଡ଼ି ମନ୍ଦିର ଭିତରୁ ବାହାରକୁ ଆସି ଯାଉଥାଏ।

ଦେଖିଲି, ମହିଳା ଜଣେ ହାତରେ ଭୋଗଥାଳି ଧରି ମନ୍ଦିର ଭିତରକୁ ଯାଉଯାଉ ହଠାତ୍ ଅଟକି ଗଲେ। ଖୁବ୍ ଗୋଟାଏ ବିଦ୍ୟୁତ୍ ଝଟ୍‌କା ପାଇଲେ ଲୋକ ଯେମିତି ଅଟକି ଯାଏ ସେମିତି। କାକୁସ୍ଥ ହୋଇ ଚାହିଁଲେ ଖୁବ୍ ବିକଳ ଭାବରେ। କେହି ଜଣେ ତା'ଠାରୁ ଭୋଗଥାଳି ନେବା ପାଇଁ ହାତ ଠାରି ଡାକିଲେ ଓ ଭୋଗଥାଳିଟିକୁ ବେଢ଼ା ପାଚେରି ଉପରେ ଥୋଇଦେଲେ। ଛୋଟପିଲାଟିଏ ଭୋଗଥାଳିଟିକୁ ମନ୍ଦିର ଭିତରକୁ ନେଇଗଲା। ଏଥର ମହିଳାଜଣକ ମୁଣ୍ଡିଆ ମାରିବାର ଉପକ୍ରମ କଲେ। ତୁ ତୁ ଖରା ଆଉ ସିମେଣ୍ଟ ଚଟାଣ। ଅଗଣାରେ ଲିଆଫୁଟା ତତଲା। ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ମହିଳାଜଣକ ଭୂଇଁ ଉପରେ ନିଜକୁ ଲୋଟାଇଦେଲେ। ସେ ଏକ ଅଭିନବ ମୁଦ୍ରା। କିଛି ସମୟ ପରେ ସିଏ ଛିଡ଼ା ହେଲେ। ଲକ୍ଷ୍ୟକଲି ତାଙ୍କ ଆଖିରୁ ଦୁଇଧାର ଲୁହ ନିଗିଡ଼ି ପଡୁଛି। ମହିଳାଜଣକ ଯେମିତି ସମ୍ପୂର୍ଣ୍ଣ ସମର୍ପିତା। ସ୍ୱାମୀଙ୍କର ମଙ୍ଗଳକାମନା କରିବାର ଭାକ୍ତିକଶ୍ରଦ୍ଧା ଏତେ ଚରମ ଓ ପରମ, ଏଇ ପ୍ରଥମଥର ହୃଦବୋଧ ହେବାର ଅନୁଭବ କଲି।

ନିଜକୁ ସତ୍ୟବାନ ସଜାଇ ମୋ ପାଖରେ ଛିଡ଼ାହୋଇଥିବା ନୀଳାମ୍ବରକୁ ଚାହିଁଲି। କହିଲି, ଦେଖ୍ ତ ସେଇ ସ୍ତ୍ରୀଲୋକଟିକୁ! କେତେ ଶ୍ରଦ୍ଧାର ସହ ଠାକୁରଙ୍କ ପାଖରେ ନିଜକୁ ସମର୍ପଣ କରିଦେଇଛି? ସମ୍ପୂର୍ଣ୍ଣ ସମର୍ପଣ କଲାପରେ ତ ଯାଇ ଆଖିରୁ ଲୁହ ବାହାରେ। ଲୁହଟିକିଏ ଝରାଇବା ପାଇଁ କେତେ କେତେ ମୁନିଋଷି ବଣଜଙ୍ଗଲରେ ଓ ପାହାଡ଼ଗୁମ୍ଫାରେ ସମାଧିସ୍ଥ ହୋଇଛନ୍ତି। ମାତ୍ର ଲୁହ କେତେଜଣଙ୍କ ଆଖିରୁ ବାହାରିଛି?

ସ୍ତ୍ରୀଲୋକଟିକୁ ନୀଳାମ୍ବର ଚାହିଁଲା। ସିଏ ତାକୁ ଚିହ୍ନେ। କହିଲା, ସିଏ ପରା ଅମୁକର ସ୍ତ୍ରୀ। ଭୁବନେଶ୍ୱରରେ କୋଉ ଗୋଟେ କମ୍ପାନୀରେ ତା ସ୍ୱାମୀ ଚାକିରି କରିଛି। ବହୁତ ଦରମା ପାଉଛି। ଗାଡ଼ିଘୋଡ଼ା କାହିଁରେ ଅଭାବ ନାହିଁ। ପୁଅଝିଅ ଦୁଇଟି। ଦୁହେଁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଛନ୍ତି। ହେଲେ କଣ ହେବ! ମନ୍ଦିର ଭିତରକୁ ଯାଇପାରୁନି। ସିଏ ପରମ୍ପରା ଅନୁସାରେ ସାମାଜିକ ବାସନ୍ଦ।

ପୁଣିଥରେ ଚାହିଁଲି ସ୍ତ୍ରୀଲୋକଟିକୁ। ଅତି ସୁନ୍ଦର ନହେଲେ ବି ସୁନ୍ଦର। ବୟସ ତିରିଶି ପାଖାପାଖି। ସିଏ ସେତେବେଳକୁ ବେଢ଼ା ଭିତରେ ଥିବା ଗୋଟିଏ ସିମେଣ୍ଟ ପିଣ୍ଡି ଉପରେ ତଳକୁ ମୁହଁ ପୋତି ବସିଛନ୍ତି। ଆଖିରୁ ଲୁହ ବୋହିଚାଲିଛି। ମନ ସ୍ଥିର କୌଣସି ଏକ ବିନ୍ଦୁରେ। ହଠାତ୍ ମୋ ମନରେ ଉଙ୍କିମାରିଲା ଲକ୍ଷ୍ମୀ ପୁରାଣର ଶ୍ରୀୟା ଚଣ୍ଡାଲୁଣୀ କଥା। ଶ୍ରୀୟା କେତେ ସତ, କେତେ ମିଛ; ଜଗନ୍ନାଥ-ବଳଭଦ୍ର ବାରବର୍ଷ ଅନାହାରରେ କଦର୍ଥନୀୟ ଦୁର୍ଦ୍ଦଶା ଭୋଗିଥିଲେ କି ନାହିଁ, ତାହା ବ୍ୟକ୍ତିର ଭାକ୍ତିକ ଶ୍ରଦ୍ଧା କିମ୍ବା ଅଶ୍ରଦ୍ଧା

ଉପରେ ନିର୍ଭର କରେ। ମାତ୍ର, ମୋ ଆଖି ସାମନାରେ ଏଇ ଯେ ଜୀବନ୍ତ ଏକ 'ଶ୍ରୀୟା'! ଯଦି ସତ ହୋଇଥାଏ, ସେଦିନ ସାମାଜିକ ବାସନ୍ଦଜନିତ କ୍ଷୋଭ ହେତୁ ଶ୍ରୀୟା ଚଣ୍ଡାଲୁଣୀ ଲକ୍ଷ୍ମୀଗତପ୍ରାଣା ହେବାର ଆବେଗ ମୋ ସାମନାରେ ଏଇ ନାରୀଟିର ଚରିତ୍ର ସହ ଏକାତ୍ମ ହୋଇଯାଉଥିବାର ଅନୁଭବ କଲି। କାରଣ, ମୁଁ ସେଇ ନାରୀ ହୃଦୟର ପ୍ରତିଟି ସ୍ପନ୍ଦନକୁ ମୋ ଭିତରେ ଆପଣେଇ ଦେଖୁଥିଲି, ତା' ଭିତରେ ଥିଲା ଠାକୁରଙ୍କ ପ୍ରତି ଗୋଟିଏ ମାତ୍ର ଅଭିଯୋଗ। ସେ ଯେମିତି କହୁଥିଲା, "ଠାକୁରେ ମୋତେ କାହିଁକି ଏପରି କୁଳରେ ଜନ୍ମ ଦେଲ, ଯାହାର ପରିଚୟ ନେଇ ମୁଁ ତୁମ ସାମନାକୁ ଯାଇପାରୁନି। ମୁଁ ସଜୀବ। ମୋର ପ୍ରାଣ ଅଛି। ପ୍ରାଣରେ ସ୍ପନ୍ଦନ ଅଛି। ସ୍ପନ୍ଦନର ଅନୁଭବ ଅଛି। ଅନୁଭବର ମୋହ ଅଛି। ସେହି ମୋହର ବଶବର୍ତ୍ତୀ ହୋଇ କାହିଁ କିଏ କେତେ ଦୂରରୁ ଧାଇଁ ଆସିଛନ୍ତି ତୁମରି ଦର୍ଶନ ପାଇଁ। ହେଉ ପଛେ କାଠ କି ପାଷାଣ! ତାରିଠି ବିଶ୍ୱାସକୁ ଆରୋପକରି କାଳକାଳରୁ ମଣିଷ ତାରି ଉପରେ ମୁଣ୍ଡ ପିଟି ଚାଲିଛି। କାଠ-ପଥର କଥା କହନ୍ତିନି! କଥା କହେ ମଣିଷର ବିଶ୍ୱାସ। କାଠ-ପଥର କିଛି ଦେଇପାରନ୍ତିନି। ଦିଏ ମଣିଷର ବିଶ୍ୱାସ।" ମୋତେ ଲାଗିଲା ନାରୀଟି ବସିଥିବା ସ୍ଥାନଟି ଦେବମୟ ହୋଇଯାଇଛି। ମନ୍ଦିର ଛାଡ଼ି ଠାକୁର ଏହି ନାରୀଟିର ବିଶ୍ୱାସ ପାଖରେ ଯେମିତି ବନ୍ଧା ପଡ଼ିଯାଇଛନ୍ତି।

ଏକଲୟରେ ଲକ୍ଷ୍ୟ କରୁଥିଲି ନାରୀଟିର ଆଖିଦୁଇଟିରୁ ବୋହିଯାଉଥିବା ଅବାରିତ ଲୁହ ଦୁଇଧାରକୁ। ଭାବିଲି, ଏ ଲୁହ, ଲୁହ ନୁହେଁ; ଶ୍ରଦ୍ଧା ଓ ବିଶ୍ୱାସର ଦୁଇଟି ଫଲଗୁଧାରା। କେମିତି ଏକ ଆବେଗମିଶା କୌତୂହଳରେ ନାରୀଟିର ଆପାଦମସ୍ତକ ନିରୀକ୍ଷଣକରୁଥିବାବେଳେ, ମୋର କାନ୍ଧରେ କାହାର ଚପେଟାଘାତ ହେତୁ ଧ୍ୟାନଭଙ୍ଗ ହେଲା। ଦେଖିଲି, ମୋର ବାଁପଟେ ପତ୍ନୀ କୈଫିୟତ ତଲବ ଢଙ୍ଗରେ ଛିଡ଼ା ହୋଇଛନ୍ତି। ଆଜିଭଳି ପବିତ୍ର ଦିନରେ ନିଜେ ସତ୍ୟବାନ ସାଜି ପତ୍ନୀଙ୍କୁ ମନ୍ଦିର ଆଣିଥିବାବେଳେ, ଅନ୍ୟ ଜଣେ ନାରୀକୁ ନିବିଷ୍ଟ ଚିତ୍ତରେ ଚାହିଁବାଟାକୁ ପତ୍ନୀ ବୋଧେ ହଜମ କରିପାରିନାହାଁନ୍ତି।

ପ୍ରକୃତିସ୍ଥ ହେଲି। ପତ୍ନୀଙ୍କୁ ପଚାରିଲି, ପୂଜା ସରିଲା?

ଖୁବ୍ ଗମ୍ଭୀର ହୋଇ ପତ୍ନୀ 'ହୁଁ' ବୋଲି କହିଲେ ଏବଂ କହିଲେ ଘରକୁ ଚାଲ।

ଅନୁଭବକଲି, ପତ୍ନୀଙ୍କ ଆଖିରେ ଶ୍ରଦ୍ଧା ଓ ବିଶ୍ୱାସର ଲୁହ ତ ନଥିଲା ବରଂ ଥିଲା ଅନେକ ସନ୍ଦେହ, ଘୃଣା ଓ ଅବାଞ୍ଛିତ ସେହି ସ୍ତ୍ରୀ ଲୋକଟି ପ୍ରତି ଅନେକ ଅଭିସମ୍ପାତ।

**ବେଗୁନିଆ, ଜି- ଖୋରଧା,**
**ମୋ- ୯୪୩୮୭୩୪୮୧୬**

# ତୁଳସୀ



ଶରତଚନ୍ଦ୍ର ମହାପାତ୍ର

ତୁଳସୀ ଚଉରା ଅଗଣାରେ ଥିଲେ
ଅଗଣାର ଶୋଭା ବଢ଼େ,
ତୁଳସୀ ଗନ୍ଧରେ ବିଷଧର କୀଟ
ରହିପାରନ୍ତିକି ଘରେ।
ତୁଳସୀ ପତର ନିତି ସେବୁଥିଲେ
ଅନେକ ରୋଗରୁ ମୁକ୍ତି,
ତୁଳସୀ ମୂର୍ତ୍ତିକା କପାଳେ ନାଇଲେ
ମନକୁ ମିଳଇ ଶାନ୍ତି।
ତୁଳସୀର ମାଳୀ ଗଳାରେ ଧରିଲେ
ଗଳା ରୋଗହୁଏ ଦୂର,
ତୁଳସୀ ପତର ମହୁସେବନରେ
ରହେ ନାହିଁ ଥଣ୍ଡା ଜ୍ୱର।
ସଞ୍ଜ ନଇଁଗଲେ, ତୁଳସୀ ମୂଳରେ
ସଞ୍ଜବତୀ ଯେବେ ଜଳେ,
ମଥା ନତକରି ଶୁଭ ମନାସିଲେ
ଶୁଭ ଫଳଟିଏ ମିଳେ।
ତୁଳସୀ ମୂଳରେ ମନ୍ତ୍ର ଜପକଲେ
ସିଦ୍ଧହୁଏ ଜପ-ତପ,
ମନେ ଆସେ ଶାନ୍ତି ଶରୀରରେ ଶକ୍ତି
ଦୂର ହୁଏ ଭବ ଦୁଃଖ।
କି ବର୍ଣ୍ଣିବା ଗୁଣ ମହିମା ତାହାର
ତୁଳସୀ ଜଗତେ ସାର,
ଜୀବନ ମଙ୍ଗଳ ବୃକ୍ଷଟିଏ ସିଏ
ଯତନେ ଲଗାଇ ପାଳ।
ତୁଳସୀ ସାମାନ୍ୟ ବୃକ୍ଷଟିଏ ନୁହେଁ
ସେ'ତ ମା ବୃନ୍ଦାବତୀ,
ପ୍ରସନ୍ନ ହୋଇଲେ ଭାଗ୍ୟ ଆକାଶରେ
ଉଇଁଯାଏ ନବ ଜ୍ୟୋତି।

ଏକରୁଖା, ତିପୁରୀ,
କଣାସ, ପୁରୀ-୧୭ ମୋ- ୯୬୯୨୦୨୯୩୨୪

# ଛଦ୍ମ ନାମ

**ଅଧ୍ୟାପକ ଶିବପ୍ରସାଦ ପାଢ଼ୀ**

ଆମେରିକାର ପରମାଣୁ ବୋମା କାରଖାନାରେ ଯେଉଁମାନେ କାମ କରୁଥିଲେ, ସେମାନଙ୍କ ପ୍ରକୃତ ନାମ ଲୁଚାଯାଇ ଅନ୍ୟଏକ ନାମ ଦିଆଯାଏ। କାରଣ ଯୋଜନାଟିର ରୂପରେଖ ଏବଂ କାମ କରୁଥିବା ବ୍ୟକ୍ତିଙ୍କ ବିଷୟରେ ଗୁପ୍ତ ରଖାଯାଉଥିଲା। ଏହି କାରଖାନାର ଏକ ପ୍ରଧାନ କାର୍ଯ୍ୟରେ ନିଯୁକ୍ତ ଥିବା ଏନ୍‌ରିକୋ ଫ୍ଲେମିଙ୍ଗଙ୍କ ନାମ ଥିଲା ଫାରାମର। କାରଖାନାର ଜଗୁଆଳୀ କାମରେ ଥିବା ସୈନ୍ୟବାହିନୀ ଏହି ଛଦ୍ମନାମରେ ଏଭଳି ପରିଚିତ ହୋଇଯାଇଥିଲେ ଯେ ପ୍ରକୃତ ନାମ କହିଲେ ଛାଡ଼ନ୍ତି ନାହିଁ। ସେଇଭଳି ୱାଗନରଙ୍କ ନାମ ଥିଲା ମିଷ୍ଟର ୱାଗନର। ସେ ପରମାଣୁ ବୋମାର ରୂପରେଖ ଦାୟିତ୍ୱରେ ଥିଲେ। ଏକଦା ୱାଗନର୍ ନିଜ ଛଦ୍ମନାମ ଭୁଲିଯିବା ଦ୍ୱାରା ଜଗୁଆଳୀ ତାଙ୍କୁ ଛାଡ଼ିନଥିଲା। ଏହି ସମୟରେ ଫ୍ଲେମିଙ୍ଗ୍ ସେହି ବାଟରେ ଯାଉଥିଲେ। ସେ ଦରୱାନଙ୍କୁ କହିଲେ ଏହାଙ୍କ ନାମ ୱାଗନର୍ ଯେପରି ମୋର ନାମ ଫାରାମର୍। ତାପରେ ଉଇଗନର୍ ଭିତରକୁ ଯିବାପାଇଁ ଅନୁମତି ପାଇଲେ। ସେହିଭଳି ଅନ୍ୟଏକ ବୈଜ୍ଞାନିକ କଣ୍ଡନ୍‌ଙ୍କର ଦୁଇଟି ନାମ ଥିଲା ଗୋଟିଏ ପୂର୍ବ ଉପକୂଳ ଓ ଅନ୍ୟଟି ପଶ୍ଚିମ ଉପକୂଳ ପାଇଁ। ଏକଦା ସେ ଉଡ଼ାଜାହାଜରେ ଆସିଲାବେଳେ ସେବିକା ତାଙ୍କର ପରିଚୟ ପାଇଁ ନାମ ପଚାରିଲେ। ସେ ଦ୍ୱନ୍ଦ ମଧ୍ୟରେ ପଡ଼ିଗଲେ କେଉଁନାମ କହିବେ। ତେଣୁ ଓଲଟା ପ୍ରଶ୍ନ କଲେ "ଆମ ଉଡ଼ାଜାହାଜ ବର୍ତ୍ତମାନ କେଉଁଠି ମହାଶୟା"।

**ବରିଷ୍ଠ ଅଧ୍ୟାପକ ପଦାର୍ଥ ବିଜ୍ଞାନ,**
**ପ୍ରାଣନାଥ ସ୍ୱୟଂଶାସିତ**
**ମହାବିଦ୍ୟାଳୟ,ଖୋର୍ଦ୍ଧା**

# ନନ୍ଦନକାନନ

**ଜଗନ୍ନାଥ ମୁଦୁଲି**



ଆମ ଓଡ଼ିଶାରେ ନନ୍ଦନକାନନ ନାମରେ ଗୋଟିଏ ଚିଡ଼ିଆଖାନା ଅଛି। ବିଭିନ୍ନ ପ୍ରକାର ପ୍ରାଣୀ ଓ ଉଦ୍ଭିଦମାନଙ୍କୁ ନେଇ ଏହା ସମୃଦ୍ଧ। ଏହାଛଡ଼ା ଏଠାରେ ଗୋଟିଏ ଜୀବଜନ୍ତୁଙ୍କ ସଂଗ୍ରହାଳୟ ରହିଛି। ସବୁ ବୟସର ଲୋକମାନଙ୍କ ପାଇଁ ଏହା ଗୋଟିଏ ମନୋରମ ସ୍ଥାନ। ତେବେ ଆସନ୍ତୁ ଏହାର ଇତିହାସ ସମ୍ପର୍କରେ ଜାଣିବା।

୧୯୬୦ ମସିହା ଜାନୁଆରୀ ମାସର ଘଟଣା। ନୂଆଦିଲ୍ଲୀଠାରେ ଗୋଟିଏ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହେଲା। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବନ୍ୟପ୍ରାଣୀମାନଙ୍କୁ ନିଆଯାଇଥିଲା। ପ୍ରଦର୍ଶନୀ ଶେଷହେବା ପରେ ସେହି ବର୍ଷ ମେ'ମାସରେ ସମସ୍ତ ବନ୍ୟପ୍ରାଣୀମାନଙ୍କୁ ଓଡ଼ିଶାକୁ ଫେରାଇ ଅଣାଗଲା; ଏବଂ ସେହି ପ୍ରାଣୀମାନଙ୍କୁ ରଖିବା ପାଇଁ ଭୁବନେଶ୍ୱର ନିକଟବର୍ତ୍ତୀ ବାରଙ୍ଗ ଠାରେ ନନ୍ଦନକାନନ ନାମରେ ଚିଡ଼ିଆଖାନାଟିଏ ପ୍ରତିଷ୍ଠା ହେଲା।

ଏହାର ଦୀର୍ଘ ସାତବର୍ଷ ପରେ ଅର୍ଥାତ୍ ୧୯୬୭ ମସିହାରେ ବାଘମାନଙ୍କ ପାଇଁ ଆବଦ୍ଧସ୍ଥଳୀ ନିର୍ମାଣ କରାଗଲା। ଚନ୍ଦକା ଜଙ୍ଗଲରେ ବଞ୍ଚି ରହିଥିବା ଶେଷ ବାଘୁଣୀ ଏହି ଆବଦ୍ଧସ୍ଥଳୀ ମଧ୍ୟକୁ ଡ଼େଇଁଥିଲା। ଏତଦ୍ ବ୍ୟତୀତ ବର୍ତ୍ତମାନ ନନ୍ଦନକାନନରେ ଗୋଟିଏ ଧଳାବାଘ ସଫାରୀ ରହିଛି ଯାହାକି ଭାରତରେ ବିରଳ।

**ଗାନ୍ଧୀନଗର, ଜଟଣୀ- ୭୫୨୦୫୦**
**ଦୂରଭାଷା- ୯୪୩୯୩୩୫୬୫୮**





# ଜଣେ ଭାରତୀୟ ସୈନିକଙ୍କ ମାନବସେବା

**ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଡ଼େରାଡୁନ୍‌ର ଭାରତୀୟ ମିଲିଟାରୀ ଏକାଡ଼େମୀ। ସେହି ଏକାଡ଼େମୀରେ ଆମ ଦେଶରକ୍ଷା ବିଭାଗର ଅଫିସରମାନେ ତାଲିମ ନେଇଥାନ୍ତି। ସେଠାରେ ରହିଛି ଫଳକଟିଏ। ଫଳକଟିରେ କଅଣ ଲେଖାରହିଛି ? ତାଲିମ ନେଉଥିବା ଅଫିସରମାନଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି– "ସବୁସମୟରେ ଏବଂ ସବୁବେଳେ ଦେଶର ସୁରକ୍ଷା, ସମ୍ମାନ ଏବଂ ମଙ୍ଗଳ ପ୍ରତି ଧ୍ୟାନ ଦେବା ତୁମର ସର୍ବପ୍ରଥମ କର୍ତ୍ତବ୍ୟ। ଯେଉଁମାନେ ତୁମ ଅଧିନରେ କାମ କରୁଛନ୍ତି, ସେମାନଙ୍କ ସମ୍ମାନ, ମଙ୍ଗଳ ଓ ସୁଖସୁବିଧାପ୍ରତି ଧ୍ୟାନଦେବା ହେଉଛି ତୁମର ପରବର୍ତ୍ତୀ କର୍ତ୍ତବ୍ୟ। ତୁମ ନିଜର ଆରାମ୍, ସୁଖସୁବିଧା ଏବଂ ସୁରକ୍ଷା କଥା ତୁମେ ଭାବିବ ସବା ଶେଷରେ।"

ଏହି ଲେଖାଟି ସବୁ ଅଫିସର୍ ଏବଂ ସେମାନଙ୍କ ଅଧିନରେ କାମ କରୁଥିବା ବ୍ୟକ୍ତିମାନଙ୍କୁ ସବୁ ସମୟରେ ପ୍ରେରଣା ଦେଇଆସୁଛି। ଜଣେ ଜଣେ ସୈନିକ ଭାବରେ ସେମାନଙ୍କ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସଚେତନ କରେଇଚାଲିଛି ସଦାସର୍ବଦା। ଅଧିକାଂଶ ଅଫିସର ଏହାକୁ ହିଁ ନିଜ ନିଜର ଆଦର୍ଶ ବଚନ ଭାବରେ ଗ୍ରହଣ କରିନେଇ ସେଇ ଅନୁସାରେ କର୍ତ୍ତବ୍ୟ କରିଚାଲିଛନ୍ତି। ଦେଶର ସୁରକ୍ଷା ପାଇଁ ଦେଶରକ୍ଷା ବିଭାଗରେ କାମ କରୁଥିବା ଅନ୍ୟମାନଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବଳି ପକାଇବା ନିମନ୍ତେ ସେମାନେ ସବୁବେଳେ ତତ୍ପର।

ଚନ୍ଦ୍ରକାନ୍ତ ସିଂହ ଜଣେ ମେଜର୍। ସୈନ୍ୟ ବିଭାଗରୁ ଅବସର ନେଇ ସାରିଛନ୍ତି। ଦେଶର ସୀମାକୁ ଶତ୍ରୁ କବଳରୁ ରକ୍ଷା କରିବା ନିମନ୍ତେ ନିଜ ଜୀବନକୁ ଖାତିର ନକରି ଯୁଦ୍ଧ କରିଛନ୍ତି। ଗୁରୁତର ଭାବରେ ଆହତ ହୋଇଛନ୍ତି। ନିଜ ସାହସିକତା ପାଇଁ ପାଇଛନ୍ତି ପୁରସ୍କାର। ସେ ଭାଗ ନେଇଥିଲେ ଐତିହାସିକ ୧୯୭୧ ମସିହାର ବଙ୍ଗଳାଦେଶ ମୁକ୍ତି ଯୁଦ୍ଧରେ କିନ୍ତୁ ସେ ବଖାଣିବାକୁ ଯାଉଛନ୍ତି ୧୯୯୪ ମସିହାର ଘଟଣାକୁ। ଆମ ଦେଶବାସୀଙ୍କୁ ଭରସା ଦେଇ ସେ କହିଛନ୍ତି, "ହେ ମୋର ଦେଶବାସୀ, ଆପଣମାନଙ୍କ ନିରାପତ୍ତା, ସମ୍ମାନ, ଏବଂ ସର୍ବବିଧ ମଙ୍ଗଳ ଆମ ସେନାବାହିନୀ ଏବଂ ଆକାଶବାହିନୀ ଦ୍ୱାରା ସଂପୂର୍ଣ୍ଣ ସୁରକ୍ଷିତ।" ତା'ପରେ ସେ ଜଣେଇଛନ୍ତି ଲେଫ୍‌ଟ୍‌ନାଣ୍ଟ୍ ଡ଼ିପିକେ ପିଲ୍ଲାଇଙ୍କ ମାନବିକତାର କାହାଣୀ। ସେ ଲେଖିଛନ୍ତି–

"ଲେଫ୍‌ଟ୍‌ନାଣ୍ଟ୍ ଡ଼ିପିକେ ପିଲ୍ଲାଇ ଥିଲେ ଜଣେ ପ୍ଲାଟୁନ୍ କମାଣ୍ଡର୍। ତାଙ୍କ ୟୁନିଟ୍ ପାଖରେ ଆସି ଖବର ପହଞ୍ଚିଲା ଯେ ମଣିପୁରର ଏକ ଦୁର୍ଗମ ଅଞ୍ଚଳରେ ଦୁଇଟି ଆଦିବାସୀ ଗୋଷ୍ଠୀଙ୍କ ଭିତରେ ଚାଲିଛି ଘୋର ସଂଘର୍ଷ। ଏହାଥିଲା ୧୯୯୪ ମସିହାର ଘଟଣା। ସେହି ସମୟରେ ଆଦିବାସୀ ଗୋଷ୍ଠୀଗୁଡ଼ିକ ପରସ୍ପରକୁ ଧ୍ୱଂସ କରିବା ନିମନ୍ତେ ଖୁବ୍ ସକ୍ରିୟ ହୋଇଉଠିଥିଲେ। ହୋଇପଡ଼ିଥିଲେ ରକ୍ତମୁଖା। ସେଠାରେ ଶାନ୍ତି ସ୍ଥାପନ କରି ସ୍ୱାଭାବିକ ଅବସ୍ଥା ଫେରେଇ ଆଣିବା ନିମନ୍ତେ ସେନାବାହିନୀକୁ ଦାୟିତ୍ୱ ଦିଆଯାଇଥିଲା।"

ଘନ ଜଙ୍ଗଲ। ଲାଗି ରହିଥାଏ ତୁହାକୁ ତୁହା ବର୍ଷା। ନିଜର ପ୍ଲାଟୁନ୍‌କୁ ନେଇ ଘୋର ଅନ୍ଧାର ରାତିରେ ବାହାରି ପଡ଼ିଲେ ଲେଫ୍‌ଟ୍‌ନାଣ୍ଟ୍ ପିଲ୍ଲାଇ। ଆଦିବାସୀ ଆକ୍ରମଣକାରୀମାନେ ଯେଉଁଠି ଲୁଚିରହିଥିଲେ, ଅତର୍କିତ ଭାବରେ ପହଞ୍ଚିଗଲେ ସେମାନଙ୍କ ସାମନାରେ। ତାହାଥିଲା ଏକ ଗାଁଆ। ଗାଁଆ ନାଆଁ ଟାମେଙ୍ଗ୍‌ଲଙ୍ଗ୍ । ଆକ୍ରମଣକାରୀ ଏବଂ ପିଲ୍ଲାଇଙ୍କ ଯବାନ୍‌ମାନଙ୍କ ଭିତରେ ଚାଲିଲା ତୁମୂଳ ସଂଘର୍ଷ। ଗୁଳିଗୋଳାର ବିନିମୟ ଚାଲିଲା ଦୀର୍ଘ ତିନିଘଣ୍ଟା ଧରି। ଶତ୍ରୁପକ୍ଷର ଅନେକ ପ୍ରାଣ ହରାଇଲେ। କେତେକ ଆହତ ହୋଇପଡ଼ିଲେ ଗୁରୁତର ଭାବରେ। ମାରାତ୍ମକ ଭାବରେ ଆହତ ହୋଇପଡ଼ିଲେ ନିଜେ ଲେଫ୍‌ଟ୍‌ନାଣ୍ଟ ପିଲ୍ଲାଇ। ଶତ୍ରୁପକ୍ଷର ଗୋଟିଏ ଗୁଳି ତାଙ୍କ ଛାତିକୁ ବନ୍ଧ କରିଥିଲା। ତିନୋଟି ଗୁଳି ବାଜିଥିଲା ତାଙ୍କ ବାହୁରେ। ହାତ ବୋମାର ଟୁକୁରା ଖଣ୍ଡଗୁଡ଼ିକ ଗଳି ରହିଥିଲା ତାଙ୍କ ଗୋଡ଼ରେ। ପିଲ୍ଲାଇ ନିଜର ଅବସ୍ଥାକୁ ଖାତିର ନକରି ଚଳାଇଲେ ହାତାହାତି ଯୁଦ୍ଧ। ଏତିକି ବେଳେ ଶତ୍ରୁପକ୍ଷର ଜଣେ ଆକ୍ରମଣକାରୀ ନିଜ ରାଇଫଲ୍‌ର 'ବଟ୍' ବା ପଛର ଓସାରିଆ ଅଂଶ ସାହାଯ୍ୟରେ ପିଲ୍ଲାଇଙ୍କ ପିଠି ପଟକୁ ଦେଲା ଏକ ଶକ୍ତ ଆଘାତ। ଏହି ମାଡ଼ରେ ଭାଙ୍ଗିଗଲା ପିଲ୍ଲାଇଙ୍କ ମେରୁଦଣ୍ଡ। ତାଙ୍କର ଚେତା ବୁଡ଼ିବା ବୁଡ଼ିବା ଅବସ୍ଥା। ଏହି ସମୟରେ କେହିଜଣେ ତାଙ୍କୁ ଜଣେଇଦେଲା ଯେ ଗୁଳି ବିନିମୟ ଚାଲିଥିବା ବେଳେ ଜଣେ ପୁଅ ଓ ଜଣେ ଝିଅ ଗୁରୁତର ଭାବରେ ଆହତ ହୋଇଛନ୍ତି।

ଏତିକିବେଳେ ସେମାନଙ୍କ ପାଖରେ ଆସି ଓହ୍ଲେଇଲା ଭାରତୀୟ ଆକାଶବାହିନୀର ହେଲିକପ୍‌ଟର୍। ପ୍ରଥମେ ସେଇ ପୁଅଝିଅଙ୍କୁ ନେଇ ହେଲିକପ୍‌ଟର୍ ଡ଼ାକ୍ତରଖାନାରେ ପହଞ୍ଚେଇଦେବା ନିମନ୍ତେ ପିଲ୍ଲାଇ ଜିଦ୍ ଧରିଲେ। ପାଇଲଟ୍ ଜଣକ ପ୍ରଥମେ ଏଥିରେ ରାଜି ନହୋଇଥିଲେ ବି ପିଲ୍ଲାଇଙ୍କ ନିର୍ଦ୍ଦେଶମାନି ପିଲା ଦୁଇଜଣଙ୍କୁ ନେଇ ଚାଲିଗଲେ। ପରେପରେ ଚେତା ହରାଇଲେ ପିଲ୍ଲାଇ। ପିଲା ଦୁହିଁଙ୍କୁ ପହଞ୍ଚେଇଦେଇ ହେଲିକପଦ୍‌ଟର୍ ଫେରିଆସିଲା ପିଲ୍ଲାଇଙ୍କ ନିକଟକୁ।

ତାଙ୍କର ଚେତା ଫେରିବା ବେଳକୁ ସେ ନିଜକୁ ଆବିଷ୍କାର କଲେ ହସ୍‌ପିଟାଲର ଅପରେସନ୍ ଟେବୁଲ୍ ଉପରେ। ତାଙ୍କୁ ଘେରିକରି ରହିଥାନ୍ତି

ଡ଼ାକ୍ତର ଓ ନର୍ସମାନେ। ସୌଭାଗ୍ୟ ବଶତଃ ପିଲ୍ଲାଇ ବଞ୍ଚିଗଲେ।

ବିତିଗଲା କିଛି ବର୍ଷ। ପିଲ୍ଲାଇ ନିଯୁକ୍ତି ପାଇଲେ ଦିଲ୍ଲୀସ୍ଥିତ ଆର୍ମି ହେଡ୍‌କ୍ୱାର୍ଟର୍‌ରେ। ସେଠାରେ ରହିଥିବା ସମୟରେ ମଣିପୁରକୁ ଯିବାପାଇଁ ତାଙ୍କୁ ଏକ ସୁଯୋଗ ମିଳିଗଲା। ସେଠାରେ ପହଞ୍ଚି ସେ ଟାମେଙ୍ଗ୍‌ଲଙ୍ଗ୍ ଗାଁଆକୁ ଯିବା ନିମନ୍ତେ ମନସ୍ଥ କଲେ। ପହଞ୍ଚିଗଲେ ମଧ୍ୟ ଗାଁଆରେ।

ପିଲ୍ଲାଇ ପହଞ୍ଚିବାର ଖବର ବିଜୁଳି ବେଗରେ ଖେଳିଗଲା ଗାଁଆସାରା। ତାଙ୍କୁ ସ୍ୱାଗତ ଜଣେଇବା ପାଇଁ ନିଜ ନିଜ ଘରଛାଡ଼ି ସମସ୍ତେ ଆସି ଜମାହୋଇପଡ଼ିଲେ ତାଙ୍କ ପାଖରେ। ନିଜ ଜୀବନକୁ ଖାତିର ନକରି ଆଗେ ତାଙ୍କ ଗାଁଆର ଗୋଟେ ପୁଅ ଓ ଗୋଟିଏ ଝିଅର ଜୀବନ ରକ୍ଷିବାରେ ସେ ଯେଉଁ କର୍ମ କରିଥିଲେ ତାହା ଖୁବ୍ ଅଭିଭୂତ କରିପକେଇଥିଲା ସେଇ ଗାଁଆବାଲାଙ୍କୁ। ଭାରତୀୟ ସେନାବାହିନୀର ଅଫିସର୍ ଓ ସୈନିକମାନଙ୍କ ପ୍ରତି ସମ୍ମାନ ଓ ସ୍ନେହଶ୍ରଦ୍ଧାର ସୀମା ନଥିଲା। ସେମାନେ ଭାରତୀୟ ସେନାବାହିନୀକୁ ନିଜର ପରମବନ୍ଧୁଭାବେ ବିଚାର କରୁଥିଲେ।

କିନ୍ତୁ ଗାଁଆଟିକୁ ଦେଖି ପିଲ୍ଲାଇଙ୍କ ମନରେ ଖୁବ୍ ଦୁଃଖ ହେଲା। କାରଣ ଗାଁଆଟି ଥିଲା ଅତି ଅନୁନ୍ନତ। ଯେଉଁ ଝିଅଟିର ଜୀବନ ସେ ବଞ୍ଚେଇଥିଲେ ସେ ଏଥିମଧ୍ୟରେ ବାହାହୋଇ ମାଆ ହୋଇସାରିଥିଲା। ପୁଅଟି ଯାଇ ଚାକିରି କରୁଥିଲା ମଣିପୁର ବାହାରେ।

ବାସ୍ ଆରମ୍ଭ ହୋଇଗଲା ପିଲ୍ଲାଇଙ୍କ କାମ।ସେଇ ଆଦିବାସୀ ଗାଁଆଟିର କିପରି ବିକାଶ ହେବ ସେଠାରେ ସମସ୍ତଙ୍କ ପାଇଁ କିପରି ବିଶୁଦ୍ଧ ଜଳ ମିଳିପାରିବ, ଗ୍ରାମବାସୀମାନେ କିପରି ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ, ଗାଁଆର ପିଲାମାନେ କିପରି ଚାକିରିବାକିରି ପାଇ ନିଜ ପରିବାର ରୋଜଗାର ବଢ଼େଇପାରିବେ- ଏଇସବୁ କାମ କରେଇବାର ସଂକଳ୍ପ ନେଲେ ପିଲାଇ। ସାହାଯ୍ୟ କରିବା ପାଇଁ ଆଗେଇ ଆସିଲା ସେନାବିଭାଗ। ଅନେକ କେତେକ ସଂସ୍ଥା ମଧ୍ୟ ଏଥିପାଇଁ ଆଗ୍ରହ ପ୍ରକାଶ କଲେ। ମାତ୍ର ଗାଁଆଟି ଏତେ ଦୂରରେ ଓ ଜଙ୍ଗଲ ଭିତରେ ରହିଥିଲା ଯେ କାମମାନ କରିବା ଆଦୌ ସହଜ ହେଲାନାହିଁ।

ଯୋଗକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ନିତିନ୍ ଗଡ଼କାରୀଙ୍କୁ ସାକ୍ଷାତ୍ କରିବାର ଏକ ସୁଯୋଗ ମିଳିଗଲା ପିଲ୍ଲାଇଙ୍କୁ। ଗଡ଼କରୀ ହେଉଛନ୍ତି ଭୂପୃଷ୍ଠ ପରିବହନ ବିଭାଗର ମନ୍ତ୍ରୀ। ପିଲ୍ଲାଇ ତାଙ୍କୁ ଟାମେଙ୍ଗ୍‌ଲଙ୍ଗ୍ ଗାଁଆର ଶୋଚନୀୟ ଅବସ୍ଥା ବିଷୟରେ ଜଣେଇ ସାହାଯ୍ୟ କରିବା ନିମନ୍ତେ ନିବେଦନ କଲେ। କଅଣ କିଛି ଫାଇଦା ମିଳିଲା ?

ହଁ ମିଳିଲା ଯଥେଷ୍ଟ ଫାଇଦା। ଦୁର୍ଗମ ଗାଁଆ ଟାମେଙ୍ଗ୍‌ଲଙ୍ଗ୍‌କୁ ଏବେ ଲମ୍ବିଛି ଜାତୀୟ ରାଜପଥ। ମଣିପୁରର ଏହି ଗାଁଆଟି ଏବେ ସାରା ଦେଶର ସବୁ ବଡ଼ ବଡ଼ ସ୍ଥାନ ସହ ସଂଯୁକ୍ତ।

ପିଲ୍ଲାଇ ରାଜପୁତ ବ୍ରିଗେଡ୍‌ର ଅଫିସର୍। ମୁଁ ମେଜର୍ ଚନ୍ଦ୍ରକାନ୍ତ ସିଂହ ମଧ୍ୟ ଅଫିସର୍ ଥିଲି ସେହି ବ୍ରିଗେଡ୍‌ରେ।"

ନିଜର ଅସାଧାରଣ ବୀରତ୍ୱ ପାଇଁ ଶୌର୍ଯ୍ୟଚକ୍ର ପୁରସ୍କାରରେ ଭୂଷିତ ହୋଇଛନ୍ତି ଡ଼ିପିକେ ପିଲ୍ଲାଇ।

ପିଲ୍ଲାଇଙ୍କ କାର୍ଯ୍ୟ ହେଉଛି ଭାରତୀୟ ଦେଶରକ୍ଷା ବାହିନୀରେ କାର୍ଯ୍ୟରତ ଯବାନ୍‌ମାନଙ୍କୁ ମାନବିକ ମୂଲ୍ୟବୋଧର ଉଦାହରଣ। ଦେଶର ସୁରକ୍ଷା ସାଥେ ସାଥେ ମାନବ ଧର୍ମ ପାଳନପାଇଁ ମଧ୍ୟ ସେମାନେ ସବୁବେଳେ ପ୍ରସ୍ତୁତ।

'ଅଭୀପ୍ସା' ସେକ୍ଟର-୬, ପ୍ଲଟ ନଂ- ୧୧୩୧
ଅଭିନବବିଡ଼ାନାସୀ, କଟକ- ୭୫୩୦୧୪

# ପେଟ ପାଇଁ ନାଟ

*ଅଜୟ କୁମାର ସାହୁ*



ଘଟଣାଟି ଏକ ସତ୍ୟ ତଥ୍ୟ ତଥା ଅନୁଭୂତି ଉପରେ ଆଧାରିତ । ଫୁଲବାଣୀର ଏକ ହୋଟେଲ। ସେଠାରେ ଶାଳପତ୍ର ଥାଳିରେ ଭୋଜନ ପରଷା ହୋଇଥାଏ। ଭୋଜନ ପରେ ସମସ୍ତଙ୍କୁ ନିଜନିଜର ଅଇଁଠା ପତ୍ରକୁ ଏକ ଖୋଲା ଝରକା ବାଟେ ବାହାରକୁ ଫୋପାଡିବାକୁ ପଡେ । ମୁଁ ଅଫିସ କାମରେ ଫୁଲବାଣୀ ଯାଇଥିଲି। ଅନ୍ୟ ସହକର୍ମୀମାନଙ୍କ ସହ ସେଦିନ ମୁଁ ଉକ୍ତ ହୋଟେଲକୁ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥାଏ, ଦେଖିଲି ଝରକା ଦେଇ ଫୋପଡା ହୋଇଥିବା ଅଇଁଠା ପତ୍ରରୁ ଥୁରୁଥୁରୁ ହେଉଥିବା ବୁଢୀଟିଏ ଖାଦ୍ୟ ସଂଗ୍ରହ କରୁଥାଏ । କୁକୁରଟିଏ ଦୌଡି ଆସି ବୁଢୀ ହାତରୁ ପୁଡିଆଟିଏ ଛଡାଇ ନେବାରେ ଲାଗିଗଲା ବୁଢୀଟି ଭୟରେ ପତ୍ରଟିକୁ ଛାଡି ଦେବାରୁ କୁକୁରଟି ପତ୍ରପୁଡିଆଟିକୁ ନେଇ ନିକଟସ୍ଥ ଏକ କୂଅ ନିକଟକୁ ଯାଇ ସେଥିରେ ଥିବା ଖାଦ୍ୟ ଖାଇବାକୁ ଉଦ୍ୟତ ହେଲାବେଳେ କାଉଟିଏ ଉଡିଆସି ସେ ପତ୍ର ପୁଡିଆଟିକୁ ଝାମ୍ପି ନେଇ ଏକ ଗଛ ଉପରକୁ ଉଡିଗଲା ବାଧ ହୋଇ ବୁଢୀଟି ଅନ୍ୟ ଅଇଁଠା ପତ୍ରରୁ ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲା ,ଦେଖିଲି ପେଟ ଚାଖଣ୍ଡକ ପାଇଁ କିପରି ସଂଘର୍ଷ ଚାଲିଥିଲା । ବଞ୍ଚିବା ପାଇଁ ସଂଘର୍ଷ । ପେଟର ଅଗ୍ନି ଜ୍ୱଳାକୁ ଶାନ୍ତ କରିବାକୁ ସଂଘର୍ଷ । ଏହା- ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଥିଲା ସେତେବେଳେ ମୁଁ ଭାବୁଥିଲି କାହାପାଇଁ ତେବେ ସରକାରଙ୍କର "୨ଟଙ୍କିଆ ଚାଉଳ" ଏବଂ "ଆହାର" ଯୋଜନା, ଗରିବଙ୍କ ସ୍ୱାର୍ଥପାଇଁ ସରକାରଙ୍କର ପ୍ରଚଳିତ ଯୋଜନାସବୁର ବିଫଳତାର ଏହା ଏକ ନଗ୍ନ ଦୃଷ୍ଟାନ୍ତ ନୁହେଁ କି ?

*ଏନ୍-୫,୨୨୩, ଆଇ.ଆର.ସି. ଭିଲେଜ,*
*ଭୁବନେଶ୍ୱର-୧୫*

# ଅଦ୍ଭୁତ ଚିତ୍ରଗୁପ୍ତ

ଇଂ ଯଜ୍ଞପ୍ରକାଶ ଦାସ



ଆଜିକାଲି 'ଷ୍ଟିଙ୍ଗ୍' ଅପରେସନ ଦ୍ୱାରା ଲୋକମାନେ ଲାଂଚ ନେବା ସମୟରେ ଧରା ପଡୁଛନ୍ତି । ନିକଟ ଅତୀତରେ ସ୍ୱାମୀ ନିତ୍ୟାନନ୍ଦ ନାମକ ଜଣେ ସନ୍ୟାସୀ ଜଣେ ତାମିଲ ଅଭିନେତ୍ରୀଙ୍କ ସହ ଅସଂଯତ ଅବସ୍ଥାରେ ଥିବା ବିଷୟ ଟେଲିଭିଜନ ମାଧ୍ୟମରେ ପ୍ରସାର କରାଯାଇଥିଲା । ଗୁପ୍ତ ସିସିଟିଭି କ୍ୟାମେରା ଦ୍ୱାରା ଏଟିଏମ୍ କାଉଣ୍ଟର ବା ସୁନାଗହଣା ଦୋକାନରୁ ଚୋରି କରୁଥିବା ଲୋକମାନଙ୍କୁ ଧରାଯାଇପାରୁଛି । କିନ୍ତୁ ମନୁଷ୍ୟର ହୃଦୟର ଭାବନା ଅତି ଗୁପ୍ତ । ଏହା କେହି ଜାଣିବା ସମ୍ଭବ ନୁହେଁ । ତାହାର ଅଜଣାତରେ ଏକମାତ୍ର ପରମାତ୍ମା ତାହାର ହୃଦୟର କଥାକୁ ଗୁପ୍ତ ଭାବରେ ଚିତ୍ରଗ୍ରହଣ କରନ୍ତି । ସେଥିପାଇଁ ସେ 'ଚିତ୍ରଗୁପ୍ତ' ।

ପାପ କରିବା ପୂର୍ବରୁ ମନୁଷ୍ୟ ମନରେ ସ୍ୱତଃ ଭୟ ଓ ଶଂକାଜାତ ହୁଏ । ଲୋକଲଜ୍ଜା ଓ ଧରାପଡ଼ିବାର ଭୟ ଅନେକ ସମୟରେ ପାପକାର୍ଯ୍ୟରୁ ନିବୃତ୍ତ ହେବାପାଇଁ ତାହାକୁ ପ୍ରବର୍ତ୍ତାଏ ସିନା, ନିର୍ଲଜତା ପ୍ରବଳ ହେଲେ ସେ ନିର୍ଜନ ସ୍ଥଳ ଖୋଜିବୁଲେ । ସେ ପାପୀମାନଙ୍କ ସହ ସଂପର୍କ ରଖି ସେମାନଙ୍କ ସହ ଗୁପ୍ତ ମନ୍ତ୍ରଣା କରେ । ଅନ୍ୟ ପକ୍ଷରେ ସମାଜରେ ନିନ୍ଦିତ ଓ ଲାଂଛିତ ହେବାର ଭୟ ତାହାର ମନକୁ ଗ୍ରାସ କରେ ।

ଅଥର୍ବବେଦ କହିଛନ୍ତି- 'ଯଃ ତିଷ୍ଠତି ଚରିତ ଯଃ ଚ ବଞ୍ଚତି ଯଃ ନିଲାୟଂ ଚରତି'- ଅର୍ଥାତ୍- ଯେଉଁ ବ୍ୟକ୍ତି ସ୍ଥିର ଥାଇ ବା ଚଳପ୍ରଚଳ ହୋଇ ଅନ୍ୟମାନଙ୍କୁ ଠକେ ବା ସେମାନଙ୍କ ସହ ବିଶ୍ୱାସଘାତକତା କରେ, ସେ ନିଶ୍ଚିନ୍ତ ଥାଏ ଯେ ଅନ୍ୟମାନେ ଏ ବିଷୟରେ କିଛି ଜାଣିପାରିବେ ନାହିଁ । ଅନ୍ୟକୁ ପ୍ରତାରଣା କରିବା, ରାଜସ୍ୱ ଠକିବା, ରାଷ୍ଟ୍ରର ଧନ ଲୁଣ୍ଠନ କରିବା, ଭ୍ରଷ୍ଟାଚାର କରିବା, ଅତ୍ୟାଚାର କରିବା- ଆଦି କାର୍ଯ୍ୟ କରିବା ସମୟରେ ମନୁଷ୍ୟ ଭୁଲିଯାଏ ଯେ ସର୍ବଦ୍ରଷ୍ଟା ପ୍ରଭୁ ତାହାର ପ୍ରତ୍ୟେକ କାର୍ଯ୍ୟକୁ ନିରୀକ୍ଷଣ କରନ୍ତି । ବେଦ କହିଛନ୍ତି- 'ଯଃ ପ୍ରତଂକମ୍ ଦ୍ୱୌ ସନ୍ନିଷଦ୍ୟ ଯତ୍ ମନ୍ତୟତେ ରାଜା ତଦ୍ୱେଦ ବରୁଣ ସ୍ତୃତୀୟଃ'- ଅର୍ଥାତ୍- ଯେ ଦୁର୍ବଳ, ନିରପରାଧ ଓ ନିଷ୍ପାପ ଲୋକଙ୍କ ଉପରେ ଅତ୍ୟାଚାର କରେ, ନୃଶଂସ ଭାବରେ ହତ୍ୟାକରେ, ସମାଜରେ ଆତଙ୍କ ସୃଷ୍ଟିକରେ ବା ଚୋରି-ଲୁଣ୍ଠନ ବଳାତ୍କାର କରିବା ପାଇଁ ଷଡ଼ଯନ୍ତ୍ର ରଚନାକରେ, ସେ ମନେ ରଖିବା ଉଚିତ ଯେ, ପରମାତ୍ମା ଅପରାଧ କରୁଥିବା ସ୍ଥଳରେ ପ୍ରଥମରୁହିଁ ବିଦ୍ୟମାନ ଥାଆନ୍ତି । ଚକ୍ରାନ୍ତକାରୀଙ୍କ ପାଇଁ ଯାହା ଗୁପ୍ତ, ପରମେଶ୍ୱରଙ୍କ ପାଇଁ ତାହା ପ୍ରତ୍ୟକ୍ଷ । ଗୁପ୍ତ ଭାବରେ ମନୁଷ୍ୟ ମନର କଥା ଜାଣିପାରନ୍ତି ବୋଲି ପ୍ରଭୁ 'ଚିତ୍ରଗୁପ୍ତ' । ସର୍ବାନ୍ତର୍ଯ୍ୟାମୀ ପ୍ରଭୁଙ୍କ ପାଖରେ କିଛି ଅଜଣା ବା ଅଛପା ନଥାଏ । ଯେତେବେଳେ ମନୁଷ୍ୟ ଏହି ସତ୍ୟକୁ ହୃଦୟଙ୍ଗମ କରେ, ପାପ ତାହାର ମନକୁ ସ୍ପର୍ଶ କରିପାରେ ନାହିଁ । ଶୁଭ ବା ଅଶୁଭ କୌଣସି କାର୍ଯ୍ୟ କରିବା ସମୟରେ ସେ ଅଦ୍ଭୁତ ଚିତ୍ରଗୁପ୍ତଙ୍କର ଉପସ୍ଥିତି ଅନୁଭବ କରେ ।

ରାଉରକେଲା
ମୋ : ୮୮୯୫୫୦୦୪୫୪

# ଡାକ୍ତର ଶରତ ମିଶ୍ରଙ୍କୁ ମଦର ଟେରେସା ଏକ୍ସଲେନ୍ସ ପୁରସ୍କାର



ଇଣ୍ଟରନ୍ୟାସନାଲ ଫ୍ରେଣ୍ଡସିପ୍ ସୋସାଇଟି ପକ୍ଷରୁ ତାଙ୍କୁ ଆଦିବାସୀ ଓ ଦଳିତଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପାଇଁ ମଦର ଟେରସା ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି । ଡାକ୍ତର ମିଶ୍ର କଳାହାଣ୍ଡି ,କେନ୍ଦୁଝର ଗ୍ରାମାଞ୍ଚଳରେ କାମ କରିବା ସହ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଚିକିତ୍ସା କରିଛନ୍ତି ।

**ଏଇ ଆମ ମାନବିକତା...**

## ୱାର୍ଡ ବଏ ପ୍ରବେଶିକ ଶୁଳ୍କ ଦଶ ଟଙ୍କା ଦେଇଥିବାରୁ ପିଲାଟିର ଚିକିତ୍ସା ହେଲା

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳଠାରୁ ଦାମୋହେଁଠାରେ ଦୁର୍ଘଟଣାର ଶିକାରରେ ମା'ଟି ମରିଯାଇଛି ବୋଲି ଜାଣିନପାରି ୧ ବର୍ଷର ଶିଶୁପୁତ୍ର ମା'ଠାରୁ ସ୍ତନ୍ୟପାନ କରିବାର ଅଭାବନୀୟ ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରଥିଲା । ମହିଳାଙ୍କ ଶବ ବ୍ୟବଚ୍ଛେଦ ପାଇଁ ପୋଲିସ ଜବତ୍ କରିବା ପରେ ଶିଶୁଟିକୁ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ କିନ୍ତୁ ପ୍ରବେଶିକା ଶୁଳ୍କ ୧୦ ଟଙ୍କା କେହି ଦେଇନଥିଲେ । ପିଲାଟି ବିକଳ ହୋଇ କାନ୍ଦୁଥିବାବେଳେ ହସ୍ପିଟାଲର ଡାକ୍ତର, ନର୍ସ ଓ ଅନ୍ୟଲୋକମାନେ ବଲବଲ ହୋଇ ଚାହିଁଥିଲେ । ଏହି ସମୟରେ ଜଣେ ୨୧ ବର୍ଷର ୱାର୍ଡ ବଏ ପ୍ରବେଶିକ ଶୁଳ୍କ ଦେଇଥିବାରୁ ପିଲାଟିର ଚିକିତ୍ସା ହୋଇଥିଲା ଓ ପିଲାଟିକୁ ନବଜାତ ଶିଶୁ ଗୃହକୁ ପଠାଇ ଦିଆଯାଇଛି ।

# ବିଶ୍ୱବିଦିତ ପାଞ୍ଚଗୋଟି ଐତିହ୍ୟପୂର୍ଣ୍ଣ ବୃକ୍ଷ

ଡ.ରାମଚନ୍ଦ୍ର ଦେଓ

ଇତିହାସ ସହିତ ବୃକ୍ଷର ନାମକୁ ଜଡ଼ିତ ହେବା ଶୁଣିଲେ ଚିନ୍ତାର ଦୋଳରେ ମନ ଦୋଳାୟିତ ହୋଇଉଠେ। ମାତ୍ର ପୃଥିବୀର ବିଭିନ୍ନ ସ୍ଥାନରେ ଏମିତି କିଛି ଗଛ ରହିଛି, ଯାହାକି ଇତିହାସର କୌଣସି ନା କୌଣସି ଘଟଣା ସହିତ ନିବିଡ଼ ଭାବରେ ଜଡ଼ିତ ହୋଇ ସ୍ମରଣୀୟ ହୋଇଯାଇଛନ୍ତି। ଏସବୁ ଗଛ ଯେ ବର୍ତ୍ତମାନ ସୁଦ୍ଧା ବଞ୍ଚିରହିଛନ୍ତି ତାହା ନୁହେଁ, ହେଲେ ଏଗୁଡ଼ିକ ଜୀବିତ ବା ମୃତ ହେଲେ ବି ଅମର ହୋଇ ଯାଇଛନ୍ତି ଇତିହାସର ସାକ୍ଷୀ ଭାବରେ। ଏମିତି ଗଛ ସବୁହେଲେ- ଆମେରିକାର ୱାସିଙ୍ଗଟନ ଡ଼ି.ସିର ଜାପାନୀଚେରି ବୃକ୍ଷ, ଆମେରିକାର ନିୟୁର୍କସ୍ଥିତ ସେପ୍ଟେମ୍ବର ଇଲେଭେନ୍ ସରଭାଇଭାର ବୃକ୍ଷ, **ଆମେରିକାର ଭର୍ଜିନିୟାରେ ଅବସ୍ଥିତ ଏମାନସିପେସନ ଓକ୍ ଗଛ, ଜର୍ମାନର ଆମଷ୍ଟାରଡ଼ମ୍ ସ୍ଥିତ ଆନାଫ୍ରାଙ୍କ ଚେଷ୍ଟନାଟ୍ ବୃକ୍ଷ** ଓ ଭାରତର ବୋଧି ବୃକ୍ଷ।

**ଆମେରିକାର ୱାସିଂଗଟନ ଡ଼ି.ସି.ର ଜାପାନୀ ଚେରି ବୃକ୍ଷ-**

ୱାସିଙ୍ଗଟନ୍ ଡ଼ି.ସି.ର ଟାଇଡେଲ ବାସିନେର ଚେରିଗଛଗୁଡ଼ିକ ବସନ୍ତର ଆଗମନରେ ଯେତେବେଳେ ମନହାରିଣୀ ଫୁଲରେ ହସିଉଠେ ସେତେବେଳେ ଦୁଇଟି ପ୍ରମୁଖ ଦେଶ ମଧ୍ୟରେ ଦୃଢ଼ ବନ୍ଧୁତାର ସେତୁ ପ୍ରତିବିମ୍ବ ହୋଇଉଠେ। ଏଇ ଚେରି ଗଛଗୁଡ଼ିକ ସାଧାରଣ ମନେହେଲେ ବି ଏହା ହେଉଛି ମାର୍କିନ ଯୁକ୍ତରାଷ୍ଟ୍ର ଓ ଜାପାନ ଭଳି ଦୁଇଟି ଦେଶ ମଧ୍ୟରେ ସୌହାର୍ଦ୍ଦର ଅସାଧାରଣ ସ୍ମୃତି ବହନ କରୁଥିବା ଏକ ସ୍ମାରକୀ। ୧୯୧୨ମସିହା ମାର୍ଚ୍ଚ ୨୭ ତାରିଖରେ ଟୋକିଓର ମେୟର ଯୁକିଓ ଓଜାକି ୱାସିଂଟନ୍‌କୁ ଉପହାର ସ୍ୱରୂପ ପଠାଇଥିଲେ ତିନିହଜାର ଚେରି ବୃକ୍ଷ। ଦୁଇଦେଶ ମଧ୍ୟରେ ମୈତ୍ରୀର ସଂପର୍କକୁ ଅଧିକରୁ ଅଧିକ ଦୃଢ଼ କରିବାପାଇଁ ଏହା ଥିଲା ଏକ ସଫଳ ପ୍ରୟାସ। ଅମେରିକାର ପ୍ରଥମ ମହିଳା ହେଲେନ୍ ହେରନ ଟାଫ୍ଟ ଏବଂ ଜାପାନର ଏମ୍ବାସାଡ଼ାରଙ୍କ ସ୍ତ୍ରୀ ଭିସ୍କାଉଣ୍ଟେସ୍ ଚିଣ୍ଡା ପ୍ରଥମେ ଦୁଇଟି ଗଛ ପଶ୍ଚିମ ପୋଟୋମାକ୍ ପାର୍କରେ ରୋପଣ କରି ଦୁଇଟି ଦେଶର ବନ୍ଧୁତାକୁ ଚିରସ୍ମରଣୀୟ କରିଥିଲେ। ଏହାପରେ ଏକାଧିକବାର ବୃକ୍ଷ- ଉପହାର ବିନିମୟ ହୋଇଛି ଦୁଇଦେଶ ମଧ୍ୟରେ। ଚେରିଗଛ ପଠାଇବାର ଘଟଣାକୁ ସ୍ମରଣୀୟ କରି ରଖିବାପାଇଁ ପ୍ରତିବର୍ଷ ୱାସିଂଟନ୍‌ରେ ଅନୁଷ୍ଠିତ ହୋଇଆସୁଛି ଜାତୀୟ ଚେରିବ୍ଲସମ ଉତ୍ସବ। ଯେହେତୁ ଆମେରିକାର ପ୍ରଥମ ମହିଳା ଏହି ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ସଂପୃକ୍ତ ହୋଇଥିଲେ। ପ୍ରଥମ ମହିଳା ସାମୀ ଆଇଜେନହୋର୍, ବାର୍ଡ଼ ଜନସନ୍, ହିଲାରୀ କ୍ଲିଣ୍ଟନ, ଲରାବୁସ, ମାଇକେଲ ଓବାମା ଆଦି ଏହି ଜାତୀୟ ଉତ୍ସବକୁ ସଫଳ କରିବାରେ ସମସ୍ତ ପ୍ରଚେଷ୍ଟା କରିଛନ୍ତି। ଏଇ ଉତ୍ସବ ଚାରି ସପ୍ତାହଧରି ଚାଲେ ଓ ପ୍ରାୟ ପନ୍ଦର ଲକ୍ଷରୁ ଅଧିକ ଦର୍ଶକ ଏହାକୁ ଉପଭୋଗ କରିଥାନ୍ତି। ୨୦୧୨ମସିହା ଥିଲା ଏଇ ଉତ୍ସବର ଶତବର୍ଷ ଉଦ୍‌ଯାପନ ଦିବସ। ଚେରିଗଛ ଏକ ସାଧାରଣ ଗଛ ହେଲେ ମଧ୍ୟ ଇତିହାସର ଘଟଣା ପ୍ରବାହରେ ହୋଇଉଠିଛି ଚିରଞ୍ଜୀବୀ।

**ଆମେରିକାର ଭର୍ଜିନିୟାରେ ଅବସ୍ଥିତ ଏମାନସିପେସନ ଓକ୍ ଗଛ-**

ଆମେରିକାର ଭର୍ଜିନିୟା ହାମ୍ପଟନ ବିଶ୍ୱବିଦ୍ୟାଳୟରେ ରହିଛି ଗୋଟିଏ ଐତିହାସିକ ଓକ୍ ଗଛ। ଇତିହାସ ଭାଷାରେ ତାର ନାମ ଏମାନସିପେସନ ଓକ୍। ୧୮୬୧ ମସିହାରୁ ୧୮୬୫ ମସିହା ପର୍ଯ୍ୟନ୍ତ ଆମେରିକାର ସିଭିଲ ୱାର ସମୟରେ ଫୋର୍ଟ ମନରୋ ଥିଲା ଆଫ୍ରୋ- ଆମେରିକାନ୍ କ୍ରୀତଦାସଙ୍କ ସନ୍ତାନମାନଙ୍କୁ ଶିକ୍ଷା ଦେବାପାଇଁ ଅନୁରୋଧ କରିଥିଲେ। ଏହା ପୂର୍ବରୁ ଭର୍ଜିନିୟାର ଆଇନ୍ ଅନୁସାରେ କ୍ରୀତଦାସମାନଙ୍କର କୌଣସି ବ୍ୟବସ୍ଥା ନଥିଲା। ଏଇ ଓକ୍ ବୃକ୍ଷ-ତଳ ଥିଲା ସେମାନଙ୍କର ପ୍ରଥମ ପାଠଶାଳା। ପିକ୍ ଥିଲେ ଆମେରିକୀୟ ମିଶନାରୀ ଏସୋସିଏସନର ପ୍ରଥମ କୃଷ୍ଣକାୟ ଶିକ୍ଷୟତ୍ରୀ। ସେ ଦିନବେଳେ ୫୦ଜଣ କ୍ରୀତଦାସ ସନ୍ତାନଙ୍କୁ ଓ ରାତିରେ ୨୦ଜଣ କ୍ରୀତଦାସ ପ୍ରୌଢ଼ଙ୍କୁ ସେଇ ବୃକ୍ଷ ମୂଳରେ ଶିକ୍ଷାଦାନ କରୁଥିଲେ। ପରବର୍ତ୍ତୀ ସମୟରେ ୧୮୬୩ ମସିହାରେ ଅସଂଖ୍ୟ କୃଷ୍ଣକାୟ ଆଫ୍ରୋ- ଆମେରିକାନ୍ ରାଷ୍ଟ୍ରପତି ଆବ୍ରାହିମ ଲିଙ୍କନଙ୍କ ଦାସମୁକ୍ତିର ଘୋଷଣା ଶୁଣିବା ପାଇଁ ଏକତ୍ରିତ ହୋଇଥିଲେ ଏହି ଗଛଟିର ତଳେ। ଏହାପରେ ସେ ଗଛଟି ପରିଚିତ ହୋଇଉଠିଲା ମୁକ୍ତିର ଓକ୍ ଗଛ ଭାବରେ। କ୍ରୀତଦାସ ପ୍ରଥା ଉଚ୍ଛେଦ ଓ ବର୍ଣ୍ଣ ବିଦ୍ୱେଷ ବିଲୋପର ମୂକ ସାକ୍ଷୀ ଭାବରେ ଇତିହାସର ପୃଷ୍ଠା ମଣ୍ଡନ କରିଛି ଏଇ ଓକ୍ ଗଛ। ପରିସ୍ଥିତି ଶାନ୍ତ ପଡ଼ିଲା ପରେ ଏଇ ଗଛଟିକୁ କୋଳରେ ଧରି ଏଠାରେ ଗଢ଼ିଉଠିଲା ହାମ୍ପଟନ୍ ନର୍ମାଲ ଏଣ୍ଡ୍ ଏଗ୍ରିକାଲଚାରେଲ ଇନଷ୍ଟିଚ୍ୟୁଟ୍। ୧୯୩୦ ମସିହାରେ ଏହି ହାମ୍ପଟନ୍ ନର୍ମାଲ ଏଣ୍ଡ ଏଗ୍ରିକାଲଚାରେଲ ଇନଷ୍ଟିଚ୍ୟୁଟ ହେଲା ହାମ୍ପଟନ୍ ଇନଷ୍ଟିଚ୍ୟୁଟ୍। ଏହି ଇନଷ୍ଟିଚ୍ୟୁଟ୍ ୧୯୮୪ ମସିହାରେ ହାମ୍ପଟନ୍ ବିଶ୍ୱବିଦ୍ୟାଳୟ ଭାବରେ ପରିଚିତ ହେଲା। ଏକବିଂଶ ଶତାବ୍ଦୀ ବେଳକୁ ଉଚ୍ଚତର ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ଭର୍ଜିନିୟାରେ ଏକ ପ୍ରମୁଖ ସ୍ଥାନ ଅଧିକାର କଲା। ଦିନେ ଯେଉଁ ଓକ୍ ଗଛ ଦେଖୁଥିଲା ତାର ଛାୟା ତଳେ ସଦ୍ୟ ଦାସମୁକ୍ତ କୃଷ୍ଣକାୟ ପିଲାମାନେ ଆରମ୍ଭ କରିଥିଲେ ସେମାନଙ୍କର ଆଦ୍ୟଶିକ୍ଷା, ଏବେ ସେ ଦେଖୁଛି ତାର ଛାୟା ତଳେ ବିଶ୍ୱବିଦ୍ୟାଳୟର ପିଲାମାନେ ଆଲୋଚନା କରୁଛନ୍ତି ଇତିହାସର ଗବେଷଣା ପତ୍ର। ଏହା ହିଁ ଇତିହାସର ବିଡ଼ମ୍ବନା।

**ଜର୍ମାନର ଆମଷ୍ଟାରଡ଼ମ୍ ସ୍ଥିତ ଆନାଫ୍ରାଙ୍କ ଚେଷ୍ଟନାଟ୍ ବୃକ୍ଷ-**

ତରୁଣ ଜର୍ମାନ ଲେଖିକା ଆନା ଫ୍ରାଙ୍କଙ୍କ 'ଦି ଡ଼ାଏରୀ ଅଫ୍ ୟଙ୍ଗ ଗାର୍ଲ' ନେଦରଲ୍ୟାଣ୍ଡ। ନାଜିମାନଙ୍କର ଅତ୍ୟାଚାରରୁ ପ୍ରାଣ ବଞ୍ଚାଇବା ପାଇଁ

ଆନା ଫ୍ରାଙ୍କ ତାଙ୍କ ପରିବାର ସହ ଆଶ୍ରୟ ନେଇଥିଲେ ଗୋଟିଏ ଗୋପନୀୟ ଗୃହରେ। ଆଶ୍ରୟ ନେଇଥିବା ଘରଟିର ସଦର ଦରଜା ବନ୍ଦ କରାଯାଇଥିଲା ଗୋଟିଏ ବହିର ଆଲମାରୀ ଦ୍ୱାରା। ରୁଦ୍ଧ କୋଠରୀର କ୍ଷୁଦ୍ର ଫାଙ୍କଦେଇ ଆନା ଦେଖୁଥିଲେ ମୁକ୍ତ ଆକାଶ ଆଉ ପ୍ରକୃତି କୋଳରେ ସ୍ୱାଧିନ ଭାବରେ ବର୍ଦ୍ଧିତ ଗବାକ୍ଷ ନିକଟସ୍ଥ ବହୁ ପୁରୁଣା ଚେଷ୍ଟନାଟ୍ ଗଛ। ଏଇ ଗଛଟି ସେ ବାରମ୍ବାର ଦେଖୁଥିଲେ ଆଉ ପାଉଥିଲେ ଅପାର ଆନନ୍ଦ। ୧୯୪୨ ମସିହାରୁ ୧୯୪୪ ମସିହା ଦୁଇବର୍ଷ ଥିଲା ତାଙ୍କ ଜୀବନର ଏକ ନିଃସଙ୍ଗ ସମୟ ଆଉ ଏଇ ସଙ୍ଗବିହୀନ ଜୀବନ ଭିତରେ ଚେଷ୍ଟନାଟ୍ ଗଛଟି ଥିଲା ତାଙ୍କ ସୁଖଦୁଃଖର ଏକମାତ୍ର ସାଥି। ଋତୁ ଚକ୍ରର ପ୍ରଭାବରେ କେତେବେଳେ ଗଛଟି ହୋଇଯାଉଥିଲା ପତ୍ରଶୂନ୍ୟ ତ ଆଉ କେତେବେଳେ ହୋଇଉଠୁଥିଲା ସବୁଜ ପତ୍ର ବିମଣ୍ଡିତ।ପୁଣି କେତେବେଳେ ଗଛଟି ପୁଷ୍ପ ଭାରରେ ନଇଁ ପଡୁଥିଲା ତ ଆଉ କେତେବେଳେ ଗଛକୁ ଆଶ୍ରୟ କରୁଥିବା ପକ୍ଷୀଙ୍କର କଳରବରେ ହୋଇଉଠେ ମୁଖରିତ। ଥରେ ଅଧେ ନୁହେଁ, ତିନି ତିନି ଥର ଆନା ତାଙ୍କ ଡ଼ାଇରୀରେ ଗଛଟି ସହିତ ବାଣ୍ଟୁଥିବା ସୁଖଦୁଃଖର କାହାଣୀ ବର୍ଣ୍ଣନା କରିଛନ୍ତି। ୧୯୪୪ ମସିହା ମେ ୧୩ ତାରିଖରେ ଶେଷଥର ପାଇଁ ଗଛଟିର କଥା ଡ଼ାଇରୀରେ ଉଲ୍ଲେଖ କରିଛନ୍ତି ଆନା। ପରବର୍ତ୍ତୀ ସମୟରେ ଆନା ରହୁଥିବା ଘରଟି ଆନାଫ୍ରାଙ୍କ ହାଉଜ୍ ନାମରେ ପରିଚିତ ହୋଇଉଠିଲା। ଗଛଟିର ପତନୋନ୍ମୁଖୀ ଅବସ୍ଥା ଦେଖି 'ସାପୋର୍ଟ ଆନା ଫ୍ରାଙ୍କ ଟ୍ରୀ' (Support Anna Frank Tree) ଫାଉଣ୍ଡସନ ତତ୍ତ୍ୱାବଧାନରେ ଦୀର୍ଘଦିନ ଧରି ତାର ଯତ୍ନ ନିଆ ଯାଇଆସୁଥିଲା। ମାତ୍ର ୨୦୧୦ ମସିହା ଅଗଷ୍ଟ ମାସ ୨୩ ତାରିଖର ପ୍ରବଳ ଝଡ଼ର ତାଣ୍ଡବଲିଳା ସହ୍ୟ କରିନପାରି ଗଛଟି ମାଟିରୁ ପ୍ରାୟ ଏକମିଟର ଉଚ୍ଚତା ଉପରୁ ଭାଙ୍ଗିଗଲା। ସେତେବେଳକୁ ତାର ବୟସ ହୋଇଥିଲା ୧୫୦ରୁ୧୭୦ ବର୍ଷ। ତେବେ କିଛିଦିନ ଉତ୍ତାରୁ ଗଛଟିର ମୂଳ ଅଂଶରୁ ଗଜୁରି ଉଠିଥିଲା କିଛି କୁଆଁଡ଼ାଳ। ଏଇ ଡ଼ାଳରୁ ଚାରା ସୃଷ୍ଟି କରାଯାଇ ଏଗାରଟି ଚାରା ଯୁକ୍ତରାଷ୍ଟ୍ର ଆମେରିକାକୁ ପଠାଯାଇଥିଲା ଆଉ ୨୦୧୩ ମସିହା ଏପ୍ରିଲ ମାସରେ ପ୍ରଥମ ଚାରା ରୋପଣ କରାଯାଇଥିଲା ଆମେରିକାର ଇଣ୍ଡିଆନାପୋଲିସ ରାଜ୍ୟର ଚିଲଡ୍ରେନସ ମିଉଜିୟମ ପରିସରରେ। ଅନ୍ୟ ଚାରା ଗୁଡ଼ିକୁ ନିଉୟର୍କର ସିଟି ପାର୍କରେ ରୋପଣ କରାଯାଇ ଆମେରିକାର ୱାର୍ଲଡ଼ଟ୍ରେଡ଼ ସେଣ୍ଟର ଧ୍ୱଂସରେ ପ୍ରାଣ ହରାଇଥିବା ଭିକ୍ଟିମଙ୍କର ସ୍ମୃତିଚାରଣ କରାଯାଇଥିଲା। ୨୦୧୫ ଫେବୃୟାରୀ ୨୫ତାରିଖରେ ଏଇ ଗଛର ଗୋଟିଏ ଚାରାକୁ ଯୁକ୍ତ ରାଜ୍ୟର ବ୍ରେଡ଼ଫୋର୍ଡ଼ର ଲିଷ୍ଟାର ପାର୍କରେ ରୋପଣ କରାଯାଇ ଗଛଟିର ଅମରତ୍ୱ ଘୋଷଣା କରାଯାଇଥିଲା।

**ଆମେରିକାର ନିଉୟର୍କସ୍ଥିତ ସେପ୍ଟେମ୍ବର ଇଲେଭେନ୍ ସାରଭାଇବର ଟ୍ରି**

ସେପ୍ଟେମ୍ବର ଇଲେଭେନ୍ ୨୦୦୧ ମସିହା ଆମେରିକାର ୱାର୍ଲଡ଼ ଟ୍ରେଡ଼ ସେଣ୍ଟରର ଭୟାନକ ଧ୍ୱଂସଲୀଳା ସଂଘଟିତ ହେଲାବେଳେ ୨୯୭୭ ଜଣ ପ୍ରାଣ ହରାଇବା ସହିତ ନିକଟବର୍ତ୍ତୀ ସମସ୍ତ ଗଛପତ୍ର ନଷ୍ଟ ହୋଇଯାଇଥିଲା। ମାତ୍ର ସେଇ ବିଧ୍ୱସ୍ତ ଅଞ୍ଚଳର ଇଟାଗଦା ମଧ୍ୟରେ ବଞ୍ଚି ରହିଥିଲା ଗୋଟିଏ ଗଛ। କ୍ୟାଲିରି ପିଆର ଗୋଷ୍ଠୀ ପ୍ରଜାତିର ଗଛଟିକୁ ଉଦ୍ଧାର ସମୟରେ କ୍ଷତବିକ୍ଷତ ଅବସ୍ଥାରେ ମିଳିଥିଲା। ଡ଼ାଳପତ୍ର ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ପତ୍ରର ଅସ୍ତିତ୍ୱ ନଥିଲା। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗଛଟିକୁ ନିଉୟର୍କର ସିଟି ଡ଼ିପାର୍ଟମେଣ୍ଟର ଅଧିନକୁ ଅଣାଯାଇଥିଲା। ଗଛଟି ୧୯୭୦ ମସିହାରେ ରୋପଣ କରାଯାଇଥିଲା। ଆଠଫୁଟ ଉଚ୍ଚତାର ଗଛଟିକୁ ବିକଳାଙ୍ଗ ଅବସ୍ଥାରେ ଉଦ୍ଧାର କଲାବେଳେ ତାର ଗୋଟିଏ ମାତ୍ର ଡ଼ାଳ ବଞ୍ଚିଥିଲା। ଧୀରେଧୀରେ ଗଛଟି ସୁସ୍ଥ ହୋଇ ଉଠିବାପରେ ନିଉୟର୍କର ନିମ୍ନ ମାନହଟନରେ ଥିବା ଜାତୀୟ ୯/୧୧ ମେମୋରିଆଲ ନିକଟରେ ପୁନଃରୋପିତ କରାଗଲା। ୨୦୧୩ ମସିହାଠାରୁ ଏହି ବୃକ୍ଷର ବୀଜ ସଂଗ୍ରହ କରାଯାଇ ପୃଥିବୀର ଘୂର୍ଣ୍ଣିବାତ୍ୟା, ବୋମା ବିସ୍ଫୋରଣ ବା ଅନ୍ୟ କୌଣସି ପ୍ରାକୃତିକ ବା କୃତ୍ରିମ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ଦେଶମାନଙ୍କୁ ପ୍ରେରଣ କରାଯାଇଛି। ସେଇ ଦିନଠାରୁ ଗଛଟି ବିଧ୍ୱଂସକାରୀ ଐତିହାସିକ ଦିବସର ସ୍ମୃତି ବହନକରି ଆମେରିକାର ଇତିହାସ ସହିତ ସଂଯୋଜିତ ହୋଇଯାଇଛି।

**ଭାରତର ବୋଧିବୃକ୍ଷ-**

ବିହାରର ବୁଦ୍ଧଗୟାରେ ଅବସ୍ଥିତ ମହାବୋଧି ଦ୍ରୁମ ସହିତ ଜଡ଼ିତ ହୋଇଯାଇଛି ଗୌତମ ବୁଦ୍ଧଙ୍କର ନାମ। ବୁଦ୍ଧତ୍ୱ ପ୍ରାପ୍ତି ପୂର୍ବରୁ ସିଦ୍ଧାର୍ଥ ଗୌତମ ଏଇ ଗଛ ମୂଳରେ ବସି ସାତଦିନ ଧ୍ୟାନ କରିଥିଲେ। ତାପରେ ସେ ବୋଧି ବା ପରମଜ୍ଞାନ ପ୍ରାପ୍ତ ହୋଇଥିଲେ। ମହାବୋଧି ମନ୍ଦିରର ଏଇ ଗଛଟି ଐତିହାସିକ ତାତ୍ପର୍ଯ୍ୟପୂର୍ଣ୍ଣ ଓ ପବିତ୍ର ମଧ୍ୟ। ଭଗବାନ ବୁଦ୍ଧ ଯେଉଁ ଗଛଟିର ତଳେ ବସି ସାଧନା କରିଥିଲେ, ବର୍ତ୍ତମାନ ସେହି ଗଛଟି ନାହିଁ। ତେବେ ବର୍ତ୍ତମାନର ଏଇ ଗଛଟି ସେଇ ପ୍ରାଚୀନ ଗଛର ପବିତ୍ର ବଂଶଧର ଭାବରେ ପରିଚିତ। କଥିତ ଅଛି ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ସିଦ୍ଧାର୍ଥ ଗୌତମ ପୃଥିବୀର ଜନସାଧାରଣଙ୍କ ଦୁଃଖ ଦେଖି ମ୍ରିୟମାଣ ହୋଇଥିଲେ। ଏବଂ ଦୁଃଖରୁ ମୁକ୍ତି ପାଇବା ପାଇଁ ସେ ସିଦ୍ଧାନ୍ତ ନେଲେ। ସେଇ ଦୃଢ଼ମନା ତ୍ୟାଗୀ ପୁରୁଷ ସିଦ୍ଧାର୍ଥ ନିଜର ଲକ୍ଷ୍ୟ ପୂରଣ ପାଇଁ ପହଞ୍ଚିଲେ ଉରୁବେଲାରେ ଯାହାର ବର୍ତ୍ତମାନ ନାମ ହେଉଛି ଗୟା। ସେଠାରେ ସେ ବୋଧି ବୃକ୍ଷ ତଳେ ନିଜର ତପସ୍ୟା ଆରମ୍ଭ କଲେ। ନାନା ବାଧା ପ୍ରଲୋଭନ ଅତିକ୍ରମ କରି ଅବଶେଷରେ ସେ ଲାଭ କଲେ ପରମଜ୍ଞାନ। କଥିତ ଅଛି ଚଣ୍ଡାଶୋକରୁ ଧର୍ମାଶୋକ ପାଲଟି ଥିବା ଅଶୋକ ବୁଦ୍ଧ ଗୟାରେ ଅଧିକ ସମୟ ରହିଥିବାରୁ ତାଙ୍କର ରାଣୀ ତିସାରକ୍ଷା ଅସହିଷ୍ଣୁ ହୋଇଉଠିଲେ ଓ ମୂଳ ଗଛଟିକୁ ଗୋପନରେ କାଟିଦେଇଥିଲେ। ସେଇ କଟାଗଛର କିଛି ଅଂଶ ଅଶୋକଙ୍କ କନ୍ୟା ସଂଘମିତ୍ରା ସିଂହଳକୁ ନେଇ ଯାଇଥିଲେ ଓ ସେଠାକାର ରାଜା ଦେବନାମ୍ପିୟତିସା ନିଜ ରାଜଧାନୀ ଅନୁରାଧାପୁରାର ମହାବିହାରର ମୋନାଷ୍ଟ୍ରିରେ ରୋପଣ କରିଥିଲେ ଯାହାକି ଇତିହାସର ସ୍ମୃତି ବହନ କରି ଅଦ୍ୟାବଧି ଦଣ୍ଡାୟମାନ ହୋଇଛି। ପରେ ମୂଳ ଗଣ୍ଡିରୁ କୁଆଁ ବାହାରି ପଲ୍ଲବିତ ହୋଇ ପୂର୍ବ ସ୍ମୃତିର ବାହାକ ଭାବରେ ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ ଆକୃଷ୍ଟ କରୁଥିଲା। ମାତ୍ର ବୌଦ୍ଧଧର୍ମ ପ୍ରତି ଅସହିଷ୍ଣୁ ହୋଇ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ରାଜା ପୁଷ୍ୟମିତ୍ର ଗଛଟିକୁ ପୁନଶ୍ଚ ଛେଦନ କରିଦେଲେ। ଏହିପରି ମୂଳ ବୋଧି ଗଛଟି ବାରମ୍ବାର ଛେଦିତ ଓ ପୁନଃ ରୋପିତ ହୋଇ ଥିଲେ ମଧ୍ୟ ବୋଧିବୃକ୍ଷର ବିନାଶ ନଘଟି ଇତିହାସ ପୃଷ୍ଠାରେ ଅମର ହୋଇରହିଛି।

ସଂପାଦକ 'ଆମ ପରଶମଣି', ବାବୁସାହି,ବାରିପଦା- ୭୫୭୦୦୧,
ମୋ- ୯୪୩୭୪୯୧୨୧୪



# ମାଗୁର ମାଛ ସ୍ୱାସ୍ଥ୍ୟପାଇଁ କ୍ଷତିକାରକ

ଡକ୍ଟର ମୁରାରି ମୋହନ ଦାଶ

'ମାଗୁର ମାଛର ଝୋଳ, ହରି ହରି ବୋଲ' ଗାଁମାନଙ୍କରେ ଏହି ଲୋକବାଣୀ ଶୁଣାଯାଏ। ତା'ର ଅର୍ଥ ହେଲା ଯାହାଘରେ ମାଗୁର ମାଛ ରନ୍ଧାଯାଇଛ ତାହାର ଆନନ୍ଦର ସୀମା ନଥାଏ। ଏହା ମାଗୁର ମାଛ ସ୍ୱାଦକୁ ଦର୍ଶାଏ। ପ୍ରକୃତରେ ମାଗୁର ମାଛ ସ୍ୱାଦଯୋଗୁଁ, ସହର ହେଉ ବା ମଫସଲ, ସବୁଠାରେ ତା'ର ଆଦର। କିନ୍ତୁ ବର୍ତ୍ତମାନ ଗବେଷକମାନେ କହିଲେଣି ଯେ, ଏହି ମାଛ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। କ୍ଲାରିଅସ ଗାରିପିନସ୍ (**Clarius gariepinus**) ପ୍ରଜାତିର ମାଗୁର ମାଛ (ଏବେ ବଜାରରେ ଉପଲବ୍ଧ ବଡ଼ ବଡ଼ ମାଗୁର)ରେ ଥିବା ଓମେଗା -୬ ସ୍ନେହାମ୍ଳ ଓ ମାତ୍ରାଧିକ କୋଲେଷ୍ଟେରଲ ସେଥିପାଇଁ ଦାୟୀ। ଏଗୁଡ଼ିକ ରକ୍ତରେ ଜମାଟ ସୃଷ୍ଟି କରନ୍ତି। ଆର୍ଥ୍ରାଇଟିସ୍, ପ୍ରଦାହ ଓ ଝାଡ଼ାରୋଗ ଏ ମାଛ ଖାଇଲେ ହୋଇଥାଏ। ସେଥିପାଇଁ ଗବେଷକମାନେ ଦାବି କରୁଛନ୍ତି ଯେ ସରକାର ମାଗୁର ମାଛ ଖାଇବା ଉପରେ ନିଷେଧାଦେଶ ଜାରି କରିବା ଉଚିତ। ମାଗୁର ତା'ର ଖାଦ୍ୟ ଭାବରେ ଅନ୍ୟପ୍ରାଣୀମାନଙ୍କର ଅଦରକାରୀ ପଦାର୍ଥ (**Waste**)କୁ ବ୍ୟବହାର କରେ। ଏହା ମଧ୍ୟ ପଚାମାଂସ ଖାଇଥାଏ। ତା'ର ଅସ୍ୱାସ୍ଥ୍ୟକର ସ୍ନେହସାର, ଓମେଗା - ୬ ସ୍ନେହାମ୍ଳ ଓ କୋଲେଷ୍ଟେରଲର ମାତ୍ରାଧିକ ଉପସ୍ଥିତି ପାଇଁ ତରକାରି ସୁଆଦିଆ ହୋଇଥାଏ।

ମାଗୁର (କ୍ଲାରିଅସ୍ ଗାରିପିନସ୍) ଗୋଟିଏ ଜନ୍ମ ଋତୁରେ ୪ଲକ୍ଷ ଅଣ୍ଡା ଦେଉଥିବାବେଳେ ସେହିପ୍ରକାରର ଅନ୍ୟପ୍ରଜାତି ମାଛମାନେ ୭ହଜାରରୁ ୧୫ହଜାର ଅଣ୍ଡାଦେବା ଜଣାଯାଏ। ଏହା ଅନ୍ୟମାଛର ଅଣ୍ଡା ଯାଆଁଳକୁ ଖାଇଯାଏ। ଏହିମାଛ ଅନ୍ୟମାଛମାନଙ୍କୁ ଖାଉଥିବାରୁ ଏହାର ଶରୀରର ବୃଦ୍ଧି ତ୍ୱରାନ୍ୱିତ ହୋଇଥାଏ। ସେହି କାରଣରୁ ମାଗୁର ମାଛ ଚାଷୀମାନେ ଅଳ୍ପସମୟରେ ବହୁତ ଲାଭବାନ୍ ହୁଅନ୍ତି। ମାଂସ ତୁଳନାରେ ମାଛ ଖାଇବା ସ୍ୱାସ୍ଥ୍ୟକର। କାରଣ ଏହା ଶୀଘ୍ର ହଜମ ହୋଇଥାଏ। କିନ୍ତୁ ମାଗୁର ମାଛ ଅନ୍ୟପ୍ରାଣୀର ପଚାମାଂସ ଖାଉଥିବାରୁ ଓ ସେଥିରେ ଓମେଗା -୬ ସ୍ନେହସାରର ଉପସ୍ଥିତି ଯୋଗୁଁ ତାହା ଅସ୍ୱାସ୍ଥ୍ୟକର ହୋଇଥାଏ।

ଗବେଷକଙ୍କ ମତରେ ମାଗୁର ମାଛ ଖାଇବାର ଅର୍ଥ ରୋଗକୁ ନିମନ୍ତ୍ରଣ କରିବା। ସେଥିରେ ଥିବା ସଂତୃପ୍ତ ସ୍ନେହସାର (ସାଚୁରେଟେଡ଼ ଫ୍ୟାଟ) ରକ୍ତନାଳୀର ଭିତରପଟେ ଜମାହୋଇଯାଇ ରକ୍ତନାଳୀରେ ପ୍ରତିବନ୍ଧ ସୃଷ୍ଟିକରେ। ଫଳରେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ସଂଚାଳିତ ହୋଇପାରେ ନାହିଁ ଏବଂ ପାରାଲିସିସ୍ ରୋଗ ହେବାର ସମ୍ଭାବନା ରହେ। ତେଣୁ ଗବେଷକମାନଙ୍କର ଜନସାଧାରଣଙ୍କୁ ଉପଦେଶ ହେଲା, ମାଗୁର ମାଛ ଚାଷକର ନାହିଁ କି ବିକ୍ରିକର ନାହିଁ। ମାଗୁର ମାଛ ପ୍ରଥମେ ଆନ୍ଧ୍ରପ୍ରଦେଶରେ ଚାଷ କରାଯାଉଥିଲା ଓ ବର୍ତ୍ତମାନ ଆମ ରାଜ୍ୟରେ ଚାଷ କରାଯାଉଛି ଓ ବଜାରରେ ମଧ୍ୟ ଉପଲବ୍ଧ ହେଉଛି। ଆମର ଦେଶୀ ମାଗୁର ମାଛ ବର୍ଷରେ ୨ଥର ଅଣ୍ଡା ଦେଉଥିବାବେଳେ ଏହି ପ୍ରଜାତିର ମାଗୁର ମାଛ ବର୍ଷକୁ ୪ଥର ଅଣ୍ଡା ଦେଇଥାଏ। ତେଣୁ ମାଗୁରମାଛ ଚାଷ ଲାଭଦାୟକ ହୋଇଥାଏ।

ମାଛ ବଜାରରେ ଅନେକ ବ୍ୟକ୍ତି ମାଗୁର ମାଛକୁ ଗୁରୁତ୍ୱଦେଇ କିଣୁଥିବାର ଦେଖାଯାଏ। ସେମାନେ କିନ୍ତୁ ମାଗୁର ମାଛର ମନ୍ଦ ପ୍ରଭାବ ବିଷୟରେ ଅନଭିଜ୍ଞ ଥାଆନ୍ତି। ମାଗୁର ମାଛର ଚମଡ଼ାରେ ଅଧିକ ପରିମାଣର ସ୍ନେହସାର ଥିବାରୁ ତାହା ମୋଟା ହୋଇଥାଏ। ଚାଷ କରାଯାଉଥିବା ମାଗୁର ସାଧାରଣତଃ ଚେନ୍ନାଇ, ହାଇଦ୍ରାବାଦ ଓ ବେଙ୍ଗାଲୁରୁ ପରି ସହରକୁ ପ୍ରେରଣ କରାଯାଇଥାଏ। ଉପରୋକ୍ତ ସହରମାନଙ୍କର ହୋଟେଲ ମାଲିକମାନେ ତାକୁ କମ୍ ପଇସା ଦେଇ କିଣିଥାନ୍ତି। ହୋଟେଲରେ ଏହିମାଛର ଚାହିଦା ରହିଛି। ଆନ୍ଧ୍ରପ୍ରଦେଶରେ ଏହିମାଛ ଚାଷକୁ ମତ୍ସ୍ୟ ବିଭାଗ ନିଷିଦ୍ଧ ଘୋଷଣା କରିଛି। କିନ୍ତୁ ଲୁଚାଚୋରାରେ କେତେକ ଚାଷୀ ଏହି ମାଛ ଚାଷ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ମାଗୁର ମାଛର ସ୍ୱାସ୍ଥ୍ୟ ପ୍ରତି ମନ୍ଦ ପ୍ରଭାବଥିବାରୁ ଏହାକୁ ଖାଦ୍ୟ ତାଲିକାରୁ ବାଦଦେବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

ଜି/ଏଲ-୧, ଭି.ଏସ୍.ଏସ୍.ନଗର,ଭୁବନେଶ୍ୱର- ୭୫୧୦୦୭
ମୋ- ୯୪୩୭୧୧୦୭୧୫

---

ପ୍ର-ଉତ୍ତର ଉତ୍ତର ୨୫ ପୃଷ୍ଠାରେ

| | | | | | | | | |
|---|---|---|---|---|---|---|---|---|
| 7 | 4 | 9 | 8 | 3 | 2 | 5 | 1 | 6 |
| 3 | 5 | 6 | 4 | 1 | 9 | 8 | 7 | 2 |
| 8 | 1 | 2 | 7 | 5 | 6 | 3 | 4 | 9 |
| 4 | 6 | 8 | 9 | 2 | 7 | 1 | 3 | 5 |
| 9 | 3 | 1 | 6 | 4 | 5 | 2 | 8 | 7 |
| 2 | 7 | 5 | 1 | 8 | 3 | 9 | 6 | 4 |
| 5 | 8 | 7 | 2 | 6 | 1 | 4 | 9 | 3 |
| 1 | 9 | 3 | 5 | 7 | 4 | 6 | 2 | 8 |
| 6 | 2 | 4 | 3 | 9 | 8 | 7 | 5 | 1 |

# ପାନକ୍ରିଆସ



ଡ଼ା: ଧନେଶ୍ୱର ସାହୁ
ଏମ.ବି.ବି.ଏସ୍.ଏମ୍.ଏସ୍

ଏହା କଣ ?

ଏହା ଏକ ଗ୍ରୀକ ଶବ୍ଦ (**Pan Call**) **Kreas** (**Flesh**) ରୁ ଆସିଛି । ଏହାକୁ ପାକସ୍ଥଳୀର କୁସନ କୁହାଯାଏ । ଏହା ଶରୀରର ଏକ ଗ୍ରନ୍ଥି ଅଙ୍ଗ । ଏହା ପେଟ ଭିତରେ ପେରିଟୋନିଅମ ପଛପଟେ ଓ ପାକସ୍ଥଳୀର ପଛପଟେ ଅବସ୍ଥିତ । ଏହାର ଚାରିପାଖରେ ଯକୃତ, ପ୍ଲିହା ଓ କ୍ଷୁଦ୍ର ଖାଦ୍ୟନଳୀ ରହିଛି ।

ଏହାର ଗଠନ ଓ ଏହା କଣ ତିଆରି କରେ ?

ଏହାର ଆକୃତି **'J'** ପରି । ଏହା ଚିକ୍‌କଣ ଓ ସମତଳ । ଏହା କଅଁଳ ଓ ଲୋବୁଲେଟେଡ଼ । ଏହା ଚାରିଭାଗରେ ବିଭକ୍ତ । ସେଗୁଡ଼ିକ ହେଲା

(୧) ମୁଣ୍ଡ - ଏହା ୨ୟ ଲମ୍ବାର ଭରଟ୍ରିବା ଲେଭଲରେ ରହେ ।

(୨) ବେକ - ମୁଣ୍ଡ ଓ ଦେହକୁ ସଲଗ୍ନ କରେ ।

(୩) ଦେହ - ଏହା ୧ମ ଲମ୍ବାର ଭରଟ୍ରିବା ଲେଭଲରେ ରହେ ।

(୪) ଲାଞ୍ଜ - ଏହା ଦ୍ୱାଦଶ ଥୋରାସିକ ଭରଟ୍ରିବା ଲେଭରରେ ରହେ ।

ଏହାର ଲମ୍ବ - ୧୨ - ୧୫ ସେ.ମି

ଏହାର ଓସାର - ୩- ୫ ସେ.ମି

ଏହାର ଓଜନ - ୮୦ - ୧୦୦ ଗ୍ରାମ

ଏଥିରେ ଦୁଇପ୍ରକାରର ସେଲସ ଅଛି ।

(୧) ଏକ୍ସୋକ୍ରିନ ସେଲସ -

(କ) ଏସିନାର ସେଲସ - ଏହା ଡ଼ାଇଜେଷ୍ଟିଭ ଏନଂଜାଇମସ ତିଆରି କରେ । ସେଗୁଡ଼ିକ ହେଲା

୦ ଟ୍ରିପସିନ, କାଇମୋଟ୍ରିପସିନ - ପ୍ରୋଟିନ ହଜମ କରେ ।

୦ ଲାଇପେଜ - ଫ୍ୟାଟ ହଜମ କରେ ।

୦ ଆମାଇଲେଜ - କାରୁବୋହାଇଡ୍ରେଟ ହଜମ କରେ ।

୦ ରାଇବୋନ୍ୟୁକ୍ଲିଏଜ - ନ୍ୟୁକେଇ ଏସିଡ଼ ହଜମ କରେ ।

(ଖ) ବାଇକାରବୋନେଟ

ପାନକ୍ରିଆଟିକ ଜୁସରେ ଡ଼ାଇଜେଷ୍ଟିଭ ଏନଂଜାଇମସ ଓ ବାଇକାରବୋନେଟ ଥାଏ ।

(୨) ଏଣ୍ଡୋକ୍ରିନ ସେଲସ -

ପାନକ୍ରିଆସର **Islet's of Langer hans** ରେ ବିଭିନ୍ନ ପ୍ରକାର ଏଣ୍ଡୋକ୍ରିନ ସେଲସ୍ ଥାଏ । ସେଗୁଡ଼ିକ ହେଲା

(କ) ବି ସେଲସ (ବିଟା ସେଲସ) - ଏହା ୭୫% । ଏହା ଇନସୁଲିନ ତିଆରି କରେ ।

(ଖ) ଏ ସେଲସ (ଆଲଫା ସେଲସ) - ଏହା ୨୦% । ଏହା ଗ୍ଲୁକାଗନ ତିଆରି କରେ ।

(ଗ) ଡ଼ି ସେଲସ (ଡ଼େଲଟା ସେଲସ) - ଏହା ୫% । ଏହା ସୋମାଟୋଷ୍ଟାଟିନ ତିଆରି କରେ ।

ଏହାର ଉତ୍ପତ୍ତି କେମିତି ?

ଏହା ପ୍ରିମିଟିଭ ଡୁଓଡ଼େନମରୁ ଏଣ୍ଡୋଡ଼ରମର ଭେଣ୍ଟ୍ରାଲ ଓ ଡ଼ରସାଲ ଦୁଇଟି ବଡ଼ରୁ ତିଆରି ।

ଏହାର କାର୍ଯ୍ୟ କଣ ?

(୧) ଏକ୍ସୋକ୍ରିନ କାର୍ଯ୍ୟ -

ପାନିକ୍ରିଆଟିକ ଜୁସର ବିଭିନ୍ନ ଡ଼ାଇଜେଷ୍ଟିଭ ଏନଂଜାଇମସ

(କ) ଟ୍ରିପସିନ କ୍ରାଇମୋଟ୍ରିପସିନ - ପ୍ରୋଟିନ ହଜମ କରେ ।

(ଖ) ଲାଇପେଜ - ଫ୍ୟାଟ ହଜମ କରେ ।

(ଗ) ଆମାଇଲେଜ - କାର୍ବୋହାଇଡ୍ରେଟ ହଜମ କରେ ।

(ଘ) ରାଇବୋନ୍ୟୁକ୍ଲିଏଜ - ନ୍ୟୁକ୍ଲେଇକ ଏସିଡ଼ ହଜମ କରେ ।

ପାନକ୍ରିଆଟିକ ଜୁସର ବାଇକାରବୋନେଟ ଏସିଡ଼ିକ ଗାଷ୍ଟ୍ରିକ ଏସିଡ଼କୁ ନ୍ୟୁଟ୍ରାଲାଇଜ କରି ଡ଼ାଇଜେଷ୍ଟିଭ ଏନଂଜାଇମ ଦ୍ୱାରା ଉପଯୁକ୍ତ ହଜମ କରିବା ପାଇଁ ସ୍ୱୀକୃତି ଦିଏ ।

(୨) ଏଣ୍ଡୋକ୍ରିନ କାର୍ଯ୍ୟ -

(କ) ଇନସୁଲିନ - ରକ୍ତ ସୁଗାର କଣ୍ଟ୍ରୋଲ କରେ । ରକ୍ତରେ ସୁଗାର ବଢ଼ିଗଲେ ପାନକ୍ରିଆସ ଇନସୁଲିନ ରକ୍ତକୁ ଛାଡ଼େ । ଇନସୁଲିନ ସେଲକୁ ସୁଗାର ନେବାକୁ ଉତ୍ସାହିତ କରେ ଓ ଶକ୍ତି ତିଆରିକରେ ।

୦ ଶରୀରରେ ଅଧିକ ଶକ୍ତି ହେଲେ ଇନସୁଲିନ ଯକୃତ ସୁଗାର ଗ୍ରହଣ କରି ଗ୍ଲାଇକୋଜେନରେ ପରିଣତ କରିବାକୁ ସଂକେତ ଦିଏ ।

୦ ଏହା ଲିପିଡ଼ ତିଆରି କରିବାକୁ ଉତ୍ସାହିତ କରେ ।

୦ ଏହା ପ୍ରୋଟିନ, ଲିପିଡ଼, ଗ୍ଲାଇକୋଜେନ ଭାଙ୍ଗିବାକୁ ନିଷେଧ କରେ ଓ ଗ୍ଲୁକୋନିଓଜେନେସିସ କିଟୋଜେନେସିସ ମଧ୍ୟ ନିଷେଧ କରେ ।

(ଖ) ଗ୍ଲୁକୋନ - ଯେତେବେଳେ ରକ୍ତରେ ସୁଗାର ପରିମାଣ ବହୁତ କମିଯାଏ ସେତେବେଳେ ପାନକ୍ରିଆସ ଗ୍ଲୁକୋନ ରକ୍ତକୁ ଛାଡ଼େ । ଗ୍ଲୁକୋନ ଯକୃତକୁ ସଂକେତ ଦିଏ ଗ୍ଲାଇକୋଜେନକୁ ଗ୍ଲୁକୋଜରେ ପରିଣତ କରି

ରକ୍ତକୁ ଛାଡ଼ିବାକୁ। ରକ୍ତରେ ସୁଗାର ବଢ଼ିଗଲେ ତାହା ପାନକ୍ରିଆସକୁ ଇନସୁଲିନ ରକ୍ତକୁ ଛାଡ଼ିବାକୁ ଉତ୍ସାହିତ କରେ।

(ଗ) ସୋମାଟୋଷ୍ଟାଟିନ - ଏହା ପିଟ୍ୟୁଟାରି ଗ୍ଲାଣ୍ଡରୁ ନିର୍ଗମ ହରମୋନସ ଯଥା ଗ୍ରୋଥ ହରମୋନ, ଥାଇରଏଡ଼ ଷ୍ଟିମୁଲେଟିଙ୍ଗ ହରମୋନ ଆଦିକୁ ନିୟନ୍ତ୍ରଣ କରେ। ଏହା ପାନକ୍ରିଆସର ଇନସୁଲିନ, ଗ୍ଲୁକୋନ ତିଆରି ପାଇଁ ବାଧା ସୃଷ୍ଟିକରେ।

ପାନକ୍ରିଆସର ରୋଗ ସବୁ କଣ ?

- ପାନକ୍ରିଆଟାଇଟିସ - ଆକ୍ୟୁଟ
  କ୍ରୋନିକ
  ହିରେଡ଼ିଟାରି
- ପାନକ୍ରିଆସର କ୍ୟାନସର
- ଇନଭାଜିଭ ଡ଼କ୍ଟାଲ ଆଡ଼ିନୋକାରସିନୋମା
- ପାନକ୍ରିଆସ ମୁଣ୍ଡର କାରସିନୋମା।
- ଏକ୍ସୋକ୍ରିନ ପାନକ୍ରିଆଟିକ ଇନସଫିସିଏନ୍ସି (**EPI**)
- ପାନକ୍ରିଆଟିକ ସିଷ୍ଟ।
- ପାନକ୍ରିଆଟିକ ଡ଼ିଭିଜମ - ଏହା କନଜେନିଟାଲ ଆନୋମାଲି।
- ପାନକ୍ରିଆଟିକ ଫ୍ଲୁଇଡ଼ କଲେକସନ।
- ଜଲିଂଜର ଏଲିସନ ସିଣ୍ଡ୍ରୋମ - ଏଥିରେ ଅଧିକ ପରିମାଣର ଗାଷ୍ଟ୍ରିନ ସିକ୍ରେସନ ହୁଏ। ଫଳରେ ଡୁଏଡ଼ନମ ଓ ଅନ୍ୟ ଜାଗାରେ ଘା ହୁଏ। ଏହାକୁ ଗାଷ୍ଟ୍ରିନୋମା କୁହାଯାଏ।
- ପାନକ୍ରିଆଟିକ ସିସ୍ଟଆଡ଼ିନୋମା।
- ପାନକ୍ରିଆଟିକ ନ୍ୟୁରୋଏଣ୍ଡୋକ୍ରିନ ଟ୍ୟୁମର
- ସିସ୍ଟିକ ଫାଇବ୍ରୋସିସ
- କନଜେନିଟାଲ ପାନକ୍ରିଆଟିକ ହାଇପୋପ୍ଲାସିଆ
- ଆନୁଲାର ପାନକ୍ରିଆସ
- ଏକ୍ଟୋପିକ ପାନକ୍ରିଆସ
- କନଜେନିଟାଲ ସିସ୍ଟିକ ରୋଗ
- ପାନକ୍ରିଆସ ଖଣ୍ଡିଆ
- ପାନକ୍ରିଆସ ଫିଷ୍ଟୁଲା
- ଇନସୁଲିନୋମା
- ଗ୍ଲୁକାଗନୋମା
- ସୋମାଟୋଷ୍ଟେଟିନୋମା

ପାନକ୍ରିଆସ ରୋଗର ନିଦାନ-

- ସଂକେତ ଓ ଲକ୍ଷଣ ଦେଖି।
- ରକ୍ତ ପରୀକ୍ଷା କରି।
- ପାନକ୍ରିଆସର ଏନଂଜାଇମ ପରୀକ୍ଷା କରି ଆମାଇଜେନ, ଲାଇପେଜ, ଟ୍ରିପସିନ, କାଇମୋଟ୍ରିପସିନ।
- ରକ୍ତ ପରୀକ୍ଷା କରି ଇନଫେକସନ, ରକ୍ତହୀନତା ଡ଼ିହାଇଡ୍ରେସ ଆଦି ଜାଣି ହୁଏ।
- ପେଟର ରେଡ଼ିଓଗ୍ରାଫ
- ପେଟର ଅଲଟ୍ରାସାଉଣ୍ଡ
- ପେଟର ଏଣ୍ଡୋସ୍କୋପିକ ଅଲଟ୍ରାସାଉଣ୍ଡ
- ମ୍ୟାଗ୍ନେଟିକ ରିଜୋନାନସ କୋଲାଂଜିଓପାକ୍ରିଆଟୋଗ୍ରାଫି (**ERCP**)
- ପେଟର କଂପୁଟରାଇଜଡ଼ ଟୋମୋଗ୍ରାଫି (**CT**)
- ପାନକ୍ରିଆଟିକ ଫଂକସନ ଟେଷ୍ଟ
- ପରିସ୍ରା ଆମାଇଲେନ ପରୀକ୍ଷା କରି
- ପେଟର ମ୍ୟାଗ୍ନେଟିକ ରିଜୋନାନସ ଇମେଜିଙ୍ଗ (**MRI**)
- ପାନକ୍ରିଆସର ବାଇଓପସି।
- ସ୍ୱିଟକ୍ଲୋରାଇଡ଼ ଟେଷ୍ଟ - ଇଲେକଟ୍ରିକ ଷ୍ଟିମୁଲେସନ ଦ୍ୱାରା ଝାଳର କ୍ଲୋରାଇଡ଼ ଟେଷ୍ଟ କରାଯାଏ। ସିସ୍ଟିକ ଫାଇବ୍ରୋସିସ ରୋଗୀର ଝାଳରେ କ୍ଲୋରାଇଡ଼ ପରିମାଣ ଅଧିକ ଥାଏ।
- ଜେନେଟିକ ଟେଷ୍ଟିଙ୍ଗ।

ପାକକ୍ରିଆସର ରୋଗର ଚିକିତ୍ସା -

ରୋଗ ଅନୁସାରେ ଚିକିତ୍ସା।

- ଇନସୁଲିନ
- ସୁଡ଼ୋସିସ୍ଟ ଡ୍ରେନେଜ
- ସୁଡ଼ୋସିସ୍ଟ ଅପରେସନ
- ପାନକ୍ରିଆସ କ୍ୟାନସର ରିଜେକସନ
- ପାନକ୍ରିଆଟିକ ଏନଂଜାଇମସ - ସିସ୍ଟିକ ଫାଇବ୍ରୋସିସରେ ପାନକ୍ରିଆଟିକ ଏନଂଜାଇମସ ତିଆରି ହୁଏନାହିଁ। ସେଥିପାଇଁ ପାନକ୍ରିଆଟିକ ଏନଂଜାଇମ ଦିଆଯାଏ।
- ପାନକ୍ରିଆସ ଟ୍ରାନସପ୍ଲାଣ୍ଟେସନ
- **Islet cells** ଟ୍ରାନସପ୍ଲାଣ୍ଟେସନ

ପାନକ୍ରିଆସ ଏକ ଉପାଦେୟ ଅଙ୍ଗ। ପାନକ୍ରିଆସର ହରମୋନ ଇନସୁଲିନ ଓ ଗ୍ଲୁକାଗନ ଯୋଗୁ ରକ୍ତ ସୁଗାର ନିୟନ୍ତ୍ରଣରେ ରହେ। ପାନକ୍ରିଆସ କୌଣସି କାରଣରୁ ନଷ୍ଟ ହୋଇଗଲେ ବା ପାନକ୍ରିଆସ କାଢ଼ିନିଆଗଲେ ଜୀବନ ସାରା ଇନସୁଲିନ ନେବାକୁ ପଡ଼େ। ବିଭିନ୍ନ ରୋଗ ପାଇଁ ଭିନ୍ନ ଭିନ୍ନ ସଂକେତ ଓ ଲକ୍ଷଣ। ଯଦି କୌଣସି ବ୍ୟକ୍ତି ପେଟର ପଛପଟକୁ କିଛି ଅସୁବିଧା ଅନୁଭବ କରନ୍ତି, ତେବେ ପାନକ୍ରିଆର କିଛି ଅସୁବିଧା ହେଲା କି ସନ୍ଦେହ କରିପାରିବେ। ସନ୍ଦେହ ହେଲେ ତୁରନ୍ତ ଡ଼ାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଉଚିତ। ନଚେତ ଜୀବନ ପ୍ରତି ବିପଦ ଆସିପାରେ।

**ପୂର୍ବତନ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଖୋର୍ଦ୍ଧା**
**ମୋ -୯୪୩୭୧୦୭୬୧୩**



# ଶ୍ରଦ୍ଧାଞ୍ଜଳି...

# ଗୟାଧର ରାଉତ

ପ୍ରଫେସର ଗୟାଧର ରାଉତ, ଏପରି  ଜଣେ ସ୍ନହଶୀଳ ବ୍ୟକ୍ତିତ୍ୱ ଥିଲେ ତାହା ତାଙ୍କ ଆବର୍ତ୍ତମାନ ପରେ ହିଁ ମୋର ଅନୁଭବରେ  ପ୍ରସ୍ଫୁଟିତ ହେଉଛି। ତାଙ୍କୁ ଜଣେ ଦରଦୀ ବଂଧୁ ଭାବରେ ସବୁ ସମୟରେ  ଜାଣିଛି। କିନ୍ତୁ ତାଙ୍କର ଅନେକ ପ୍ରତିଭା ଯାହା ତାଙ୍କ ଶିକ୍ଷକତାରେ, ଶିକ୍ଷକ ଆନ୍ଦୋଳନ ନେତୃତ୍ୱରେ, ସମାଜ ସେବାରେ ପ୍ରତିଫଳିତ ହୋଇଛି।

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି,**
ଜେଲ ରୋଡ଼, ଖୋରଧା

ଜଣେ ଅଗ୍ରଣୀ ଶିକ୍ଷକ ନେତା,ସମାଜସେବୀ ଏବଂ ଆଦର୍ଶ ମୂଲ୍ୟବୋଧଭିତ୍ତିକ ଅଧ୍ୟାପକ ରୂପେ ଜଣାଶୁଣା। ବ୍ରାହ୍ମଣୀ କଲେଜର ପ୍ରାଣ ପ୍ରତିଷ୍ଠାତା ଏବଂ ପଟାମୁଣ୍ଡାଇ ଅଞ୍ଚଳର ଗାନ୍ଧୀ ରୂପେ ପରିଚିତ ଗୟାଧର ସାର୍ ଆଉ ନାହାନ୍ତି।

**ସୁନୀଲ କୁମାର ପଟ୍ଟନାୟକ**, ଅଧ୍ୟକ୍ଷ,
ପ୍ରାଣନାଥ ସ୍ୱୟଂଶାସିତ କଲେଜ,ଖୋର୍ଦ୍ଧା

ଖୋର୍ଦ୍ଧା କଲେଜରେ ପଢ଼ିଲାବେଳେ ସାର୍‌ଙ୍କର ଆକସ୍ମିକ ଭାବେ ଆଦର୍ଶ ବିଭାଘର ହେଲା। ହଷ୍ଟେଲରେ ରହୁଥିବା ଛାତ୍ରମାନେ ହେଲେ ବରଯାତ୍ରୀ। ଶଳା ବିଧା ମାରିବାର ବିଧି ଥିବାରୁ ଏବଂ ଆମେ ଯାଇଥିବା ସମସ୍ତ ଛାତ୍ରମାନଙ୍କ ମଧ୍ୟରେ ଉଚ୍ଚତାରେ ମୁଁ ସାନଥିବାରୁ ମୋତେ ଶଳା ବିଧା ମାରିବାକୁ ପଡ଼ିଥିଲା।

**କାଳୀଚରଣ ଜୟସିଂହ,** ବାଙ୍କୋଇ, ବୋଲଗଡ଼

ଧଳା ଧୋତି ଓ ପଞ୍ଜାବୀ ପିନ୍ଧା ଦୀର୍ଘକାୟ କଳାରଙ୍ଗର ମଣିଷ ହେଉଛନ୍ତି ଗୟାଧର ରାଉତ। ଖାଣ୍ଟି କମ୍ୟୁନିଷ୍ଟ ନେତା ଭାବେ ସେ ପରିଚିତ ହୋଇଥିଲେ ହେଁ କାର୍ଯ୍ୟଧାରାରେ ଗାନ୍ଧୀଙ୍କ ନୀତି ଆଦର୍ଶ ପ୍ରତିଫଳିତ। ନିଶା ନିବାରଣ ଅଭିଯାନର ଜିଲ୍ଲା ସଭାପତି ଗୟାଧର ରାଉତ ପ୍ରତ୍ୟେକ ବର୍ଗର ଲୋକଙ୍କୁ ଆପଣାର କରିପାରୁଥିଲେ ଓ ଖୋର୍ଦ୍ଧାର ମୁରବୀ ଥିଲେ।

**ଐତିହାସିକ ସତ୍ୟବାଦୀ ବଳିଆରସିଂହ,** ଖୋରଧା

ଏକ ଅପହଞ୍ଚ ଇଲାକାର ମଣିଷ ଓ ଗୋଟେ ଖୋଲା ବହି। ସରଳ ଜୀବନଯାପନ ଓ ଉଚ୍ଚ ଭାବାଦର୍ଶ ତାଙ୍କୁ ବେଶ୍ ଲୋକପ୍ରିୟ କରିଥିଲା।

**ଡ. ଶରତ କୁମାର ଦୋରା, ଖୋରଧା**

ଅତ୍ୟନ୍ତ ସଚ୍ଚୋଟ, ନିଷ୍ଠାପରାୟଣ, ଦୁଃସାହସୀ ନେତାମାନଙ୍କ ମଧ୍ୟରୁ ଅନ୍ୟତମ।

**ଅଧ୍ୟାପକ କର୍ମୋଦୟ ଛୋଟରାୟ ,**
ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ

ଖୋରଧା ଜିଲ୍ଲା ଆନ୍ଦୋଳନ, ଖୋରଧା ବଲାଙ୍ଗୀର ରେଳପଥ ନିର୍ମାଣ, ନିଶା ନିବାରଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଭୂମିକା ପ୍ରଶଂସନୀୟ।

**ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଖୋରଧା**

ବିଶିଷ୍ଟ ଶିକ୍ଷାବିତ୍, କ୍ରାନ୍ତିକାରୀ ବ୍ୟକ୍ତିତ୍ୱ, ବାମପନ୍ଥୀ ଚିନ୍ତାନାୟକ ସର୍ବୋପରି ଜଣେ ଉତ୍ତମ ମଣିଷ।

**ଜବାହାରଲାଲ ସୁବୁଦ୍ଧି**, ବଡ଼ତୋଟା, ଜଟଣୀ, ଖୋର୍ଦ୍ଧା।

ତାଙ୍କ ପରି ଜଣେ ସାହସୀ ଦରଦୀ ବଂଧୁଙ୍କୁ ଆମେ ହରାଇଲୁ।

ଜ୍ଞାନ ରଞ୍ଜନ ଦାଶ, ଖୋରଧା

Gayadhar Bhai was my guru,guardian and guide for about half of a century.

**Dr Prafulla Chandra Biswal**, Khordha

'ସାଧାରଣ ଜୀବନରେ ଘଟିଯାଉଥିବା ମନୁଷ୍ୟକୃତ ଭେଦଭାବ ଓ ଅପକର୍ମ ବିରାଧରେ ସ୍ୱାର୍ଥହୀନ ସଂଗ୍ରାମ ଜାରି ରହିଲେ ସମାଜ ଗଠନ ସମ୍ଭବ ହୋଇପାରିବ'ଯାହା ଗୟାଧର ରାଉତଙ୍କର କର୍ମମୟ ଜୀବନରୁ ପ୍ରମାଣିତ।

**ଭୀମସେନ ପ୍ରଧାନ,** ଖୋରଧା

ଆଦର୍ଶ ଏବଂ ମୂଲ୍ୟବୋଧକୁ ନେଇ ଜୀବନସାରା ଥକି ଯାଇନଥିବା ମଣିଷଟିଏ।

**ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ**,ଖୋରଧା

ଜଣେ ସ୍ୱଳ୍ପଭାଷୀ, ବନ୍ଧୁବତ୍ସଳ, ସ୍ନେହୀ ମଣିଷ ଭାବରେ ସେ ବେଶ୍ ପରିଚିତ।

**ଗୋବିନ୍ଦ ଚରଣ ମହାରଣା**, ସଂପାଦକ, ସାହିତ୍ୟ ଘର', ଖୋର୍ଦ୍ଧା

ଅଭେଦ୍ୟ ଜନଅରଣ୍ୟ ଭିତରୁ ଅଲଗା ଭାବରେ ବାରି ହୋଇ ପଡୁଥରବା ମୁହଁଟିଏ।

**ସମରଜିତ୍ ପଟ୍ଟନାୟକ**,ଖୋରଧା

ଜଣେ ସଚ୍ଚୋଟ,ନୀତିବାଦୀ ମଣିଷ ତଥା ଆଦର୍ଶ ଅଧ୍ୟାପକ ଥିଲେ।

**ତ୍ରିଲୋଚନ ମହାପାତ୍ର**, ଜଟଣୀ

ସେ ଜଣେ ସରଳ, ଅମାୟିକ ଓ ଦରଦୀ ବନ୍ଧୁ ଥିଲେ।

**ଡକ୍ଟର ପ୍ରସନ୍ନ କୁମାର ଜେନା,** ସଂପାଦକ , 'ଆମରି ସତ୍ୟ।

ସେ ଜଣେ ସଚ୍ଚୋଟ ,ନିର୍ଭିକ ଓ ଦୟାଳୁ ବ୍ୟକ୍ତିତ୍ୱ ଥିଲେ।

**ଅଧ୍ୟାପାକ ମନୋଜ ମହାପାତ୍ର,** ବାଙ୍କୀ

ସେ  ଜଣେ ଶିକ୍ଷକ ନେତା ଓ ଦରଦି ମଣିଷ ପରି ମଣିଷଟିଏ।

**ଡକ୍ଟର ପ୍ରଫୁଲ୍ଲ କୁମାର ସାମନ୍ତରାୟ,** ଖୋରଧା



# ବିଷହୀନ ଦୋମୁଣ୍ଡିଆ ସାପ

ପ୍ରାଧାପକ ମନୋଜ କୁମାର ମହାପାତ୍ର

ସବୁ ସାପ ବିଷାକ୍ତ ନୁହଁନ୍ତି। କାରଣ ଅନେକ ସାପ ଅଛନ୍ତି ସେମାନଙ୍କର ବିଷଦାନ୍ତ କିମ୍ବା ବିଷଥଳୀ ନଥାଏ। କିନ୍ତୁ ସେମାନଙ୍କର ପାଟିର କେତେକ ଗ୍ରନ୍ଥିରୁ ରସ ବାହାରେ ତାହା ସାମାନ୍ୟ ପରିମାଣରେ ବିଷାକ୍ତ ଓ ଏହି ସାମାନ୍ୟ ବିଷ ରସ ଦ୍ୱାର କିମ୍ବା ମଣିଷକୁ ସେହି ସାପ କାମୁଡ଼ିଲେ ମଣିଷ ମରେ ନାହିଁ। ତେଣୁ ସେହି ସାପମାନଙ୍କୁ ବିଷହୀନ ସାପ କୁହାଯାଏ। ଆଜି ଏଠାରେ ଏକ ଅଦ୍ଭୁତ ପ୍ରକାରର ସାପ ଯାହାର ନାମ ଦୋମୁଣ୍ଡିଆ ସାପ ସେହି ବିଷୟରେ ଆଲୋଚନା କରାଯାଉଛି

ଏହି ସାପଟିର ଇଂରାଜୀରେ ନାମ ହେଉଛି ଜରୟ ଝବଭୟ ଇକ୍ଟବ କିମ୍ବା ଇଷବମଲ ରବକ୍ସଷ୍ପଷ ଇକ୍ଟବ ଏବଂ ବୈଜ୍ଞାନିକ ନାମ ହେଉଛି *ରକ୍ସଛଙ୍ଘ ଔକ୍ଟଷଭସସ*। ବିଶେଷ କରି ସାପଟି ରାତ୍ରୀ ସମୟରେ ଚଳପ୍ରଚଳ କରିଥାଏ। ଖୁବ୍ ଧୀରେ ଧୀରେ ମାଟି ଉପରେ ଚଲାବୁଲା କରିଥାନ୍ତି ଓ ଅଳସୁଆ ପ୍ରକୃତିର ଅଟନ୍ତି। ଏମାନେ ଗାଡ଼ିଆ, ପୋଖରୀ, ନଦୀକୂଳ ଓ ଝରଣା ନିକଟରେ ବାସ କରନ୍ତି। କାରଣ ଏମାନେ ପ୍ରଚୁର ପାଣି ପିଇବାକୁ ଭଲ ପାଆନ୍ତି। ଏମାନଙ୍କୁ ଧରିଲେ କାମୁଡ଼ି ନଥାନ୍ତି। ଯଦି କେହି ଶତ୍ରୁ ଏମାନଙ୍କୁ ଆକ୍ରମଣ କରେ, ଏମାନେ ନିଜ ମୁଣ୍ଡକୁ ଦେହ ତଳେ ଲୁଚାଇ ଦେଇ ଲାଞ୍ଜ ହଲାଇଥାନ୍ତି। ଏମାନଙ୍କର ଲାଞ୍ଜ ପ୍ରାୟ ସମୟରେ ଖଣ୍ଡିଆ ଦଣ୍ଡିଆ ହୋଇଥାଏ।

ଏମାନଙ୍କର ଦେହର ଲମ୍ବ ୭୫ସେ.ମି.ରୁ ୧ମିଟର ଅଟେ। ଲାଞ୍ଜଟି ଖୁବ୍ ସାନ ଓ ଥୁଣ୍ଟାଳିଆ। ଲାଞ୍ଜ ପାଖରେ ମଳମୂତ୍ର ଦ୍ୱାର ରହିଛି। ତେଣୁ ଲାଞ୍ଜ ପାଖଟି ମୁଣ୍ଡ ପାଖ ପରି ଦେଖାଯାଏ। ତେଣୁ ଏହି ସାପର ଦୁଇଟି ମୁଣ୍ଡ ଅଛି ବୋଲି ଧାରଣା ସୃଷ୍ଟି କରିଥାଏ। ମୁଣ୍ଡ ଓ ବେକ ସମାନ ଦେଖାଯାଏ। ଆଖିଗୁଡ଼ିକ ଖୁବ୍ ସାନ ଓ ଦେଖିହୁଏ ନାହିଁ। ଆଖି ପୁଅ ଅଣ୍ଡାକୃତି। ଦେହଟି ମୋଟା ଓ ରଙ୍ଗ ଗାଢ଼ ବାଦାମୀ ବା କଳା। ପେଟ ପାଖର ରଙ୍ଗ ଧଳା ବା ବାଦାମୀ। ଉପର ପାଟିଟି ଗୋଜିଆ ହୋଇ ଆଗକୁ ବାହାରିଥାଏ। ଏହା ସାହାଯ୍ୟରେ ମାଟିରେ ଗାତ କରିପାରେ ଓ ସେହି ଗାତରେ ରହିଥାଏ। ଦେହ ସାରା ଛୋଟ ଛୋଟ ଚିକ୍କଣିଆ କାତି ଦ୍ୱାରା ଆବୃତ ହୋଇ ରହିଥାଏ। ଏମାନଙ୍କର ପେଟ ତଳ କାତି ଓସାରିଆ ଏବଂ ଦୁଇ ପାର୍ଶ୍ୱକୁ କାତିଗୁଡ଼ିକ ଲମ୍ବି ନଥାଏ।

ଏମାନେ ଶୁଖିଲା ବାଲିଆ ମାଟି ଅଞ୍ଚଳରେ ବାସ କରିଥାନ୍ତି। କାରଣ ନିଜର ଗୋଜିଆ ମୁହଁ ସାହାଯ୍ୟରେ ସହଜରେ ମାଟି ଖୋଳି ନିଜ ରହିବା ପାଇଁ ଗାତ ତିଆରି କରନ୍ତି। ଆଉ ବେଳେବେଳେ ମୂଷା ଗାତ ମଧ୍ୟରେ ପଶି ରହିଯାନ୍ତି। ଏମାନେ ମୂଷା, ଏଣ୍ଡୁଅ, ଗୁଣ୍ଡୁଚି ମୂଷା ଆଦି ପ୍ରାଣୀଙ୍କୁ ଖାଇଥାନ୍ତି। ଏମାନେ ଖାଦ୍ୟ ଜୀବମାନଙ୍କୁ କାମୁଡ଼ି ଧରି ତା ଦେହରେ ଗୁଡ଼େଇ ହୋଇଯାଆନ୍ତି ଓ ସେ ଜୀବଟି ଶ୍ୱାସରୁଦ୍ଧ ହୋଇ ମରିଗଲା ପରେ ତାକୁ ଖାଇଥାନ୍ତି। ଖାଦ୍ୟ ଖାଇବା ପରେ ଏମାନଙ୍କୁ ଭାରି ଶୋଷ ହୋଇଥାଏ ଓ ସଙ୍ଗେ ସଙ୍ଗେ ପାଣି ପିଇଥାନ୍ତି। ତେଣୁ ଏମାନେ ଜଳଥିବା ସ୍ଥାନ ନିକଟରେ ବାସ କରିଥାନ୍ତି।

ମାଈ ସାପ ଜୁନ୍ ମାସ ବେଳକୁ ୬ରୁ ୮ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ ଓ ଛୁଆ ଜନ୍ମ ହେଲା ପରେ ସେମାନଙ୍କ ଦେହରେ ଲାଞ୍ଜ ଆଡ଼କୁ ପଟା ପଟା ଦାଗ ଥାଏ। ଛୁଆଗୁଡ଼ିକ ବଡ଼ ହେଲା ପରେ ସେହି ପଟା ପଟା ଦାଗଗୁଡ଼ିକ ଲିଭି ଯାଏ। ଏମାନଙ୍କର ମୁଣ୍ଡ ଲାଞ୍ଜ ସମାନ ଦେଖାଯାଉଥିବାରୁ ଏମାନଙ୍କୁ ଆମ ଓଡ଼ିଶାର ଲୋକମାନେ "ଦୋମୁଣ୍ଡିଆ ସାପ" ବୋଲି କହିଥାନ୍ତି।

***ପ୍ରାଣୀବିଜ୍ଞାନ ବିଭାଗ***
***ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ, କଟକ***



# ଇରମ୍ମଦ

ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ

ଜୀବନ ମୋର ଖସଡ଼ା-ପଥ,
ଭେସଡ଼ା ମୋର ଜୀବନ-ଛବି,
ଜୀବନ-ପାଗ, ବଉଦ ଘେରା
ଲୁଚାଏ ମୁହଁ ଭାଗ୍ୟରବି ।।
ଜୀବନ ମୋର ଚିମ୍‌ନି ଧୂଆଁ
ନିଶ୍ୱାସରେ କଳିଜା ଥରେ,
ଜୀବନ ତରୁ,କଣ୍ଟକିତ
ଛୁଇଁଲା ମାତ୍ରେ ରକତ୍ ଝରେ।।
ରସିକ ପ୍ରାଣ ନୁହେଁରେ ନୁହେଁ
ନୁହେଁ ତ ମୁହିଁ ଭଞ୍ଜବୀର,
ପାଷାଣ ଛାତି ବିଦାରି ନିତି
ବହୁଛି ହୋଇ ତପ୍ତଝର ।।

ଶ୍ରାବସ୍ତୀ, ୩୫, ବସନ୍ତ ବିହାର
ଭୁବନେଶ୍ୱର- ୧୮
ମୋ- ୮୮୯୫୪୮୭୧୬୨

# ଆଇ.ପି.ଏଲ.ରେ ମୁମ୍ବାଇର ବିଜୟ



ଆଶିଷ କୁମାର ରାୟ


ଗତ ମେ ୨୧ ତାରିଖ ରାତ୍ରିରେ ହାଇଦ୍ରାବାଦଠାରେ ଖେଳାଯାଇଥିବା ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ କ୍ରିକେଟର ଫାଇନାଲ ମ୍ୟାଚରେ ଦେଖିବାକୁ ମିଳିଲା ଏକ ରୋମାଞ୍ଚକର ମୁକାବିଲା। ଏଥିରେ ପରସ୍ପର ମୁହାଁମୁହିଁ ହୋଇଥିଲେ ମହାରାଷ୍ଟ୍ରର ଦୁଇ ଫ୍ରାଞ୍ଚାଇଜ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଓ ରାଇଜିଙ୍ଗ୍ ପୁଣେ ସୁପରଜାଏଣ୍ଟ। କମ ସ୍କୋର ବିଶିଷ୍ଟ ଏହି ମ୍ୟାଚରେ ମୁମ୍ବାଇ ଦଳ ମାତ୍ର ଏକ ରନରେ ପୁଣେକୁ ହରାଇ ବନିଗଲା ଆଇ.ପି.ଏଲ. ଦଶମ ସଂସ୍କରଣର ବିଜେତା। ୨୦୦୮ରେ ଆଇ.ପି.ଏଲ. ପ୍ରଥମ ସଂସ୍କରଣର ଫାଇନାଲରେ ରାଜସ୍ଥାନ ରୟାଲ୍ସ ଦଳ ଚେନ୍ନାଇ ସୁପରକିଙ୍ଗସ୍‌କୁ ଦୁଇ ରନରେ ହରାଇ ବିଜୟୀ ହେବା ପରଠାରୁ ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟ କୌଣସି ଫାଇନାଲ ମୁକାବିଲା ଏତେ ଅଧିକ ପ୍ରତିଦ୍ୱନ୍ଦିତାମୂଳକ ହୋଇନଥିଲା। ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଆଇ.ପି.ଏଲ.-୧ର ଫାଇନାଲରେ ଅବତୀର୍ଣ୍ଣ ହୋଇଥିବା ଉଭୟ ରାଜସ୍ଥାନ ଓ ଚେନ୍ନାଇ ଦଳକୁ ମ୍ୟାଚ ଫିକ୍ସିଙ୍ଗ ଓ ଆର୍ଥିକ ଅନିୟମିତତା ଆରୋପରେ ୨୦୧୬ ଏବଂ ୨୦୧୭ର ଟୁର୍ଣ୍ଣାମେଣ୍ଟରୁ ବାଦ ଦିଆଯାଇ ବଦଳରେ ଏହି ଦୁଇବର୍ଷ ପାଇଁ ରାଇଜିଙ୍ଗ୍ ପୁଣେ ସୁପରଜାଏଣ୍ଟ ଓ ଗୁଜରାଟ ଲାୟନ୍ସ ଦଳକୁ ସାମିଲ କରାଯାଇଥିଲା। ଏଥିମଧ୍ୟରୁ ପୁଣେ ଦଳ ୨୦୧୭ର ସଂସ୍କରଣର ଫାଇନାଲକୁ ଆସି ବିଜୟର ନିକଟବର୍ତ୍ତୀ ହେବା ନିଶ୍ଚିତ ଭାବେ ଉଲ୍ଲେଖନୀୟ ଘଟଣା।

ଫାଇନାଲରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଖେଳୁଥିବା ମୁମ୍ବାଇ ଇଣ୍ଡିଆନ୍ସ ଦଳ ପ୍ରଥମେ ବ୍ୟାଟିଂ କରି ଯେତେବେଳେ ନିର୍ଦ୍ଧାରିତ ୨୦ଓଭରରେ ଆଠ ୱିକେଟ ହରାଇ ମାତ୍ର ୧୨୯ରନ ସଂଗ୍ରହ କଲା, ସେତେବେଳେ ରାଇଜିଙ୍ଗ୍ ପୁଣେ ଦଳର ଚାମ୍ପିଆନ ହେବା ଆଶା ଜାଗି ଉଠିଥିଲା। କୁନାଲ ପାଣ୍ଡିଆ ଓ ମିଚେଲ୍ ଜନସନ୍ ଅନ୍ତିମ ତିନି ଓଭରରେ ୩୭ରନ ସଂଗ୍ରହକରି ମୁମ୍ବାଇର ସ୍କୋରକୁ ୧୨୯ରନରେ ପହଁଞ୍ଚିବାରେ ସମର୍ଥ ହୋଇଥିଲେ। ଅନ୍ୟଥା ଜୟଦେବ ଉନାଦକଟ୍, ୱାସିଂଟନ୍ ସୁନ୍ଦର, ଶାର୍ଦ୍ଦୁଲ ଠାକୁର, ଅଡାମ୍ ଜାମ୍ପା ଓ ଡାନ୍ କ୍ରିଷ୍ଟିଆନ୍‌ଙ୍କ ଚମତ୍କାର ବୋଲିଂ ଯୋଗୁ ମୁମ୍ବାଇ ୧୭ଓଭରରେ ସାତ ୱିକେଟରେ ମାତ୍ର ୯୨ରନ କରି ଥିଲା ନିଶ୍ଚିତ ପରାଜୟ ମୁହଁରେ। ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସର ଅବସ୍ଥା ଯାହା ହୋଇଥିଲା ଫାଇନାଲରେ ପାଖାପାଖି ସେହି ସ୍ଥିତିକୁ ଚାଲିଆସିଲା ମୁମ୍ବାଇ ଦଳ । ଦେଖିବାକୁ ଗଲେ କୁନାଲ ପାଣ୍ଡିଆଙ୍କ ୪୭ରନ ହିଁ ଦଳକୁ କିଛିଟା ଦୃଢ଼ ସ୍ଥିତିରେ ପହଁଞ୍ଚାଇ ଦେଲା। ତଥାପି ୧୩୦ରନର ବିଜୟ ଲକ୍ଷ୍ୟ ପୁଣେ ପାଇଁ ସେତେଟା କଷ୍ଟସାଧ୍ୟ ହେବାକଥା ନୁହେଁ, ତାହା ପୁଣି ଅଜିଙ୍କ୍ୟା ରାହାଣେ ଓ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଉପଯୋଗି ବ୍ୟାଟିଂ ସତ୍ତ୍ୱେ।

ରାଇଜିଙ୍ଗ ପୁଣେ ସୁପରଜାଏଣ୍ଟ ଦଳ ପୂର୍ବରୁ ଲିଗ୍ ପର୍ଯ୍ୟାୟର ଦୁଇଟିଯାକ ମ୍ୟାଚରେ ବିଜୟୀ ହେବା ସହିତ ନକ୍‌ଆଉଟ୍ ପର୍ଯ୍ୟାୟର ପ୍ରଥମ କ୍ୱାଲିଫାୟର୍‌ରେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସକୁ ୨୦ରନରେ ପରାସ୍ତ କରିଥିଲା। ମୁମ୍ବାଇ ବିରୁଦ୍ଧରେ ମୁମ୍ବାଇଠାରେ ଅନୁଷ୍ଠିତ ସେହି କ୍ୱାଲିଫାୟର୍ ମ୍ୟାଚଟିକୁ ଜିଣିବା ଦିଗରେ ଅଜିଙ୍କ୍ୟା ରାହାଣେ, ମନୋଜ ତିୱାରୀ ଓ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କ ବ୍ୟାଟିଂ ତଥା ୱାସିଂଟନ ସୁନ୍ଦର ଓ ଶାର୍ଦ୍ଦୁଲ ଠାକୁରଙ୍କ ବୋଲିଂ ଗ୍ରହଣ କରିଥିଲା ପ୍ରମୁଖ ଭୂମିକା। ସୁତରାଂ ଏଥରର ଆଇ.ପି.ଏଲ. ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ବିରୁଦ୍ଧରେ ୩-୦ ମ୍ୟାଚରେ ଅଗ୍ରଣୀ ଥାଇ ଫାଇନାଲକୁ ଆସିଥିଲା ରାଇଜିଙ୍ଗ୍ ପୁଣେ ଦଳ ଏବଂ ଫାଇନାଲରେ ମଧ୍ୟ ଏକଦା ମାତ୍ର ଗୋଟିଏ ୱିକେଟ ବିନିମୟରେ ୭୧ରନ କରି ବିଜୟ ଦିଗରେ ଅଗ୍ରସର ହେବାରେ ଲାଗିଥିଲା। କିନ୍ତୁ



ରାହାଣେ ୪୪ରନ କରି ଆଉଟ୍ ହୋଇଯିବା ପରେ ମ୍ୟାଚ ଏକ ନାଟକୀୟ ମୋଡ଼ ନେଲା। ମିଚେଲ୍ ଜନସନ୍, କୁନାଲ ପାଣ୍ଡିଆ, ଜସ୍‌ପ୍ରିତ୍ ବୁମରାହ୍, କର୍ଣ୍ଣ ଶର୍ମା ଓ ଲସିଥ୍ ମାଲିଙ୍ଗାଙ୍କ ମାପଚୁପ ବୋଲିଂ ଯୋଗୁ ମଝି ଓଭରମାନଙ୍କରେ ପୁଣେ ଦଳ ବେଶି ରନ ସଂଗ୍ରହ କରିପାରିଲା ନାହିଁ ଏବଂ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଲଢୁଆ ୫୧ରନ ସତ୍ତ୍ୱେ ଲକ୍ଷ୍ୟଠାରୁ ସାମାନ୍ୟ ପଛରେ ରହିଗଲା। ମିଚେଲ୍ ଜନସନ୍‌ଙ୍କ ଅନ୍ତିମ ଓଭରରେ ୧୧ରନ ସଂଗ୍ରହ କିଛି ଅସମ୍ଭବ ନଥିଲା, କିନ୍ତୁ ମନୋଜ ତିୱାରୀ ଓ ଷ୍ଟିଭେନ୍ ସ୍ମିଥ୍ ଛକ୍କା ମାରିବାକୁ ଯାଇ କ୍ୟାଚଆଉଟ ହେବା ତଥା ଅନ୍ତିମ ବଲରେ ଡାନ୍ କ୍ରିଷ୍ଟିଆନ୍ ରନଆଉଟ ହେବା ଫଳରେ ପୁଣେର ଚାମ୍ପିଆନ ହେବା ଆଶା ଧୂଳିସାତ ହୋଇଗଲା। ମାତ୍ର ଗୋଟିଏ ରନରେ ଜିତି ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟଥର ସକାଶେ ହେଲା ଆଇ.ପି.ଏଲ.ର ଚାମ୍ପିଆନ ।




ଦେଖିବାକୁ ଗଲେ ଲିଗ୍ ପର୍ଯ୍ୟାୟରେ ମୁମ୍ବାଇ ଇଣ୍ଡିଆନ୍ସ ହିଁ ଥିଲା ସର୍ବାଧିକ ସଫଳ ଦଳ । ୧୪ଟି ଲିଗ୍ ମ୍ୟାଚ ମଧ୍ୟରୁ ୧୦ଟିରେ ବିଜୟୀ ହୋଇ ସର୍ବାଧିକ ୨୦ ପଏଣ୍ଟ ମିଳିଥିଲା ଏହି ଦଳକୁ । ଅନ୍ୟଦିଗରେ ରାଇଜିଙ୍ଗ୍ ପୁଣେ ଦଳ ନଅଟି ବିଜୟ ସହିତ ୧୮ପଏଣ୍ଟ ହାସଲକରି ତାଲିକାର ଦ୍ୱିତୀୟ ସ୍ଥାନରେ ଥିଲା। ଡେଭିଡ ୱାର୍ନରଙ୍କ ନେତୃତ୍ୱାଧୀନ ତଥା ଗତବର୍ଷର ବିଜେତା ସନରାଇଜର୍ସ ହାଇଦ୍ରାବାଦ ୧୭ପଏଣ୍ଟ ସହିତ ଓ ଦୁଇଥରର ଚାମ୍ପିଆନ ଗୌତମ ଗମ୍ଭୀରଙ୍କ କୋଲକାତା ନାଇଟରାଇଡର୍ସ ୧୬ପଏଣ୍ଟ ସହିତ ଯଥାକ୍ରମେ ହାସଲ କରିଥିଲେ ତୃତୀୟ ଓ ଚତୁର୍ଥ ସ୍ଥାନ। ଉଭୟ ଦଳ ଲିଗ୍ ପର୍ଯ୍ୟାୟରେ ଆଠଟି ଲେଖାଏଁ ବିଜୟ ହାସଲ କରିଥିଲେ ହେଁ ରୟାଲ ଚାଲେଞ୍ଜର୍ସ ବଙ୍ଗାଲୋର ସହିତ ସନରାଇଜର୍ସ ହାଇଦ୍ରାବାଦର ମ୍ୟାଚଟି ବର୍ଷା ଯୋଗୁ ବାତିଲ ହୋଇଯାଇଥିବାରୁ ଏହିଦଳକୁ ଗୋଟିଏ ପଏଣ୍ଟ ଅଧିକ ମିଳିଥିଲା। ଗ୍ଲେନ୍ ମାକ୍ସୱେଲଙ୍କ ନେତୃତ୍ୱରେ ଖେଳୁଥିବା କିଙ୍ଗସ୍ ଇଲେଭେନ୍ ପଞ୍ଜାବ ସାତଟି ବିଜୟ ସହିତ ୧୪ପଏଣ୍ଟ ପାଇ ଅଳ୍ପକେ ନକ୍‌ଆଉଟ ସ୍ତରକୁ ଯିବାରୁ ବଞ୍ଚିତ ହୋଇଯାଇଥିଲା। ଏହି ଦଳ ରାଇଜିଙ୍ଗ୍ ପୁଣେ ବିରୁଦ୍ଧରେ ଅନ୍ତିମ ଲିଗ୍ ମ୍ୟାଚରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଥିବା ବେଳେ ମାତ୍ର ୭୩ରନରେ ଅଲଆଉଟ ହୋଇଗଲା ଏବଂ ପୁଣେ ଦଳ ଆରାମସେ ମ୍ୟଚକୁ ନଅ ୱିକେଟରେ ଜିତି ପହଞ୍ଚିଗଲା ନକ୍‌ଆଉଟ ପର୍ଯ୍ୟାୟରେ। ଦିଲ୍ଲୀ ଡେୟାରଡେଭିଲ୍ସ ଓ ଗୁଜରାଟ ଲାୟନ୍ସ ଯଥାକ୍ରମେ ୧୨ ଓ ୮ ପଏଣ୍ଟ ପାଇ ଷଷ୍ଠ ଓ ସପ୍ତମ ସ୍ଥାନ ଲାଭ କରିଥିବା ବେଳେ ସବୁଠାରୁ ଦୟନୀୟ ସ୍ଥିତି ଥିଲା ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରର । ଦଳରେ ବିରାଟ କୋହଲୀ, କ୍ରିସ୍ ଗେଲ୍, ଏ ବି ଡିଭିଲିୟର୍ସ ଓ ସେନ୍ ୱାଟସନ୍‌ଙ୍କ ଭଳି ତାରକା ଥିବା ସତ୍ତ୍ୱେ ଏହା ଅନ୍ତିମ ସ୍ଥାନରେ ରହିବା ଥିଲା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ।

ପ୍ରଥମ କ୍ୱାଲିଫାୟରରେ ରାଇଜିଙ୍ଗ୍ ପୁଣେ ସୁପରଜାଏଣ୍ଟ ହାତରୁ ମୁମ୍ବାଇ ଇଣ୍ଡିଆନ୍ସ ୨୦ରନରେ ପରାଜିତ ହେବା ପରେ ଏହାକୁ ଦ୍ୱିତୀୟ କ୍ୱାଲିଫାୟର ଖେଳିବାକୁ ପଡ଼ିଥିଲା କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ। ଉତ୍କଣ୍ଠାପୂର୍ଣ୍ଣ ଏଲିମିନେଟର୍ ମ୍ୟାଚରେ କୋଲକାତା ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ୱିକେଟରେ ପରାସ୍ତ କରି ଦେଇଥିଲା। ନାଥାନ୍ କୋଲଟର୍ ନାଇଲ୍, ଉମେଶ ଯାଦବ, ଟ୍ରେଣ୍ଟ ବୋଲ୍ଟ ଓ ସୁନିଲ ନାରାଏନ୍‌ଙ୍କ ବୋଲିଂର ଉପଯୁକ୍ତ ମୁକାବିଲା କରିନପାରି ହାଇଦ୍ରାବାଦ ସାତ ୱିକେଟରେ ୧୨୮ରନ କରିବାକୁ ହିଁ ସମର୍ଥ ହେଲା। କିନ୍ତୁ କୋଲକାତାର ଇନିଂସ ବେଳକୁ ଆରମ୍ଭ ହେଲା ବର୍ଷା। ଯାହାହେଉ ବର୍ଷା ଛାଡ଼ିବା ପରେ କୋଲକାତାକୁ ଛଅ ଓଭରରେ ୪୮ରନର ଲକ୍ଷ୍ୟ ମିଳିଲା, ଯାହାକୁ ସେମାନେ ଅକ୍ଳେଶରେ ତିନି ୱିକେଟ ବିନିମୟରେ ହାସଲ କରିନେଲେ । ମୁମ୍ବାଇ ଇଣ୍ଡିଆନ୍ସ ସହିତ ଦ୍ୱିତୀୟ କ୍ୱାଲିଫାୟରରେ କିନ୍ତୁ ନାଇଟ ରାଇଡର୍ସ ଦଳର ପ୍ରଦର୍ଶନ ଥିଲା ଅତ୍ୟନ୍ତ ନୈରାଶ୍ୟଜନକ । କର୍ଣ୍ଣ ଶର୍ମା ଓ ଜସପ୍ରିତ୍ ବୁମରାହ୍‌ଙ୍କ ବୋଲିଂର ସମ୍ମୁଖୀନ ହୋଇନପାରି ମାତ୍ର ୧୦୭ରନରେ ଆଉଟ ହେବାପରେ ଛଅ ୱିକେଟରେ ପରାଜୟ ବରଣ କଲେ ସେମାନେ । କୋଲକାତାକୁ ପରାଜିତ କରିବାପରେ ଚୂଡ଼ାନ୍ତ ମୁକାବିଲାରେ ମଧ ବୋଲରମାନଙ୍କ ସଫଳତାକୁ ଆଧାର କରି ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହେବାରେ ସମର୍ଥ ହେଲା। ବାସ୍ତବରେ ଦେଖିବାକୁ ଗଲେ ଏହା ଥିଲା ଦଳଗତ ପ୍ରଦର୍ଶନର ବିଜୟ ।

ସନରାଇଜର୍ସ ହାଇଦ୍ରାବାଦ ଦଳ ଏଥର ଆଇ.ପି.ଏଲ.ରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ ହେଁ ଏହାର ଦୁଇଜଣ ତାରକା ଅରେଞ୍ଜ କ୍ୟାପ୍ ଓ ପର୍ପଲ୍ କ୍ୟାପ୍ ହାସଲ କରିବା ଦିଗରେ ସମର୍ଥ ହୋଇଥିଲେ । ଦଳର ଅଧିନାୟକ ଡେଭିଡ ୱାର୍ନର ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୬୪୧ରନ କରି ଅରେଞ୍ଜ କ୍ୟାପ୍ ଜିଣିଥିବା ବେଳେ ଭୁବନେଶ୍ୱର କୁମାର ସର୍ବାଧିକ ୨୬ଟି ୱିକେଟ ନେଇ ଜିଣିଥିଲେ ପର୍ପଲ୍ କ୍ୟାପ୍ । ସେହି ହାଇଦ୍ରାବାଦର ଶିଖର ଧାୱନ ୪୭୯ରନ ସହିତ ବ୍ୟାଟିଂରେ ତୃତୀୟ ସ୍ଥାନରେ ରହିଥିବା ବେଳେ, ୪୯୮ରନ ସହିତ ଗୌତମ ଗମ୍ଭୀର ଓ ୪୭୮ରନ ସହିତ ଷ୍ଟିଭେନ୍ ସ୍ମିଥ ଥିଲେ ଯଥାକ୍ରମେ ଦ୍ୱିତୀୟ ଓ ଚତୁର୍ଥ ସ୍ଥାନରେ । ସେହିଭଳି ପୁଣେର ଜୟଦେବ ଉନାଦକଟ୍ ୨୪ଟି ୱିକେଟ ନେଇ ଭୁବନେଶ୍ୱର କୁମାରଙ୍କ ପଛକୁ ରହିଥିଲେ ଏବଂ ମୁମ୍ବାଇର ଜସପ୍ରତ୍ ବୁମରାହ୍ ଓ ମିଚେଲ୍ ମ୍ୟାକ୍‌ଲିଘାନ୍ ଯଥାକ୍ରମେ ୨୦ ଓ ୧୯ଟି ୱିକେଟ ସହିତ ଥିଲେ ତାଙ୍କ ପଛକୁ । ତେବେ ପୁଣେର ବେନ୍ ଷ୍ଟୋକ୍ସଙ୍କୁ ମିଳିଥିଲା ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳିର ପୁରସ୍କାର । ସେ କିନ୍ତୁ ଲିଗ୍ ପର୍ଯ୍ୟାୟ ସମାପ୍ତି ପରେ ଇଂଲାଣ୍ଡ ଦଳରେ ଯୋଗଦେବା ପାଇଁ ଚାଲିଯାଇଥିଲେ । ସେହିଭଳି ସର୍ବଶ୍ରେଷ୍ଠ ଯୁବ ଖେଳାଳିର ପୁରସ୍କାର ମିଳିଥିଲା ଗୁଜରାଟ ଲାୟନ୍ସର ବାସିଲ୍ ଥାମ୍ପିଙ୍କୁ । ତେବେ ତାଙ୍କ ବ୍ୟତୀତ ମୁମ୍ବାଇର ନିତିଶ ରାଣା, ପୁଣେର ରାହୁଲ ତ୍ରିପାଠୀ, ଦିଲ୍ଲୀର ରିଷଭ ପନ୍ତ ଆଦିଙ୍କର ପ୍ରଦର୍ଶନ ମଧ୍ୟ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର ।

ମୋ-୯୪୩୭୬୨୭୫୧୪

**ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍**

| ବର୍ଷ | ଚାମ୍ପିଆନ୍ | ରନର୍ସଅପ |
|---|---|---|
| ୨୦୦୮ | ରାଜସ୍ଥାନ୍ ରୟାଲ୍‌ସ | ଚେନ୍ନାଇ ସୁପର କିଙ୍ଗସ୍ |
| ୨୦୦୯ | ଡେକାନ୍ ଚାର୍ଜର୍ସ | ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର |
| ୨୦୧୦ | ଚେନ୍ନାଇ ସୁପର କିଙ୍ଗସ୍ | ମୁମ୍ବାଇ ଇଣ୍ଡିଆନ୍ସ୍ |
| ୨୦୧୧ | ଚେନ୍ନାଇ ସୁପର କିଙ୍ଗସ୍ | ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ |
| ୨୦୧୨ | କୋଲ୍‌କାତା ନାଇଟ୍ ରାଇଡର୍ସ | ଚେନ୍ନାଇ ସୁପର କିଙ୍ଗସ୍ |
| ୨୦୧୩ | ମୁମ୍ବାଇ ଇଣ୍ଡିଆନ୍‌ସ | ଚେନ୍ନାଇ ସୁପର କିଙ୍ଗସ୍ |
| ୨୦୧୪ | କୋଲ୍‌କାତା ନାଇଟ୍ ରାଇଡର୍ସ | କିଙ୍ଗସ୍ ଇଲେଭେନ୍ ପଞ୍ଜାବ |
| ୨୦୧୫ | ମୁମ୍ବାଇ ଇଣ୍ଡିଆନ୍‌ସ | ଚେନ୍ନାଇ ସୁପର କିଙ୍ଗସ୍ |
| ୨୦୧୬ | ସନ୍‌ରାଇଜର୍ସ ହାଇଦ୍ରାବାଦ | ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର |
| ୨୦୧୭ | ମୁମ୍ବାଇ ଇଣ୍ଡିଆନ୍‌ସ | ରାଇଜିଙ୍ଗ୍ ପୁଣେ ସୁପରଜାଏଣ୍ଟ |

# ଧନ୍ୟ ତୁମେ ଦାରୁବ୍ରହ୍ମ

ମଞ୍ଜୁ ଦାସ




ଏତେ ନାମ କିଏ ଦେଇଛି ପ୍ରଭୁ ହେ
ଭାବିଲେ ଆନନ୍ଦ ଲାଗେ,
ସେ ନାମକୁ ଧରି ଭବୁ ହେବିପାର
ମୋ' ମନରେ ଆଶା ଜାଗେ।
ହାତ ନଥାଇ ବି ମହାବାହୁ ତୁମେ
ପାଦନାହିଁ ପଦ୍ମପାଦ,
ପଲକ ପଡ଼େନି ଦେଖି ଚକାଆଖି
ତୁଟିଯାଏ ପରମାଦ।
ଦୀନଜନଙ୍କର ବନ୍ଧୁ ବୋଲି ତୁମେ
ନାମ ତୁମ ଦୀନବନ୍ଧୁ,
ଭକତ ପାଖରେ ବନ୍ଧା ତୁମ ମନ
ତାଙ୍କ ପାଇଁ କୃପାସିନ୍ଧୁ।
ନୀଳାଚଳ ଧାମେ ବାସ ତ ତୁମରି
ଅଟ ନୀଳାଚଳବାସୀ,
ମୃଗୁଣୀ, ଆରତ ଶ୍ରବଣେ ବାଜନ୍ତେ
ଦୁଃଖ ତା'ର ଦେଲ ନାଶି।
ଶଙ୍ଖ, ଚକ୍ର, ଗଦା, ପଦ୍ମ ହସ୍ତେ ଧରି
ଚତୁର୍ଦ୍ଧା ମୂରତି ସାଜି,
ବରଷକେ ଥରେ ସାଜିଣ ରଥରେ
ଭକ୍ତ ମେଳେ ଯାଅ ହଜି।
ଭାଇଭଉଣୀଙ୍କୁ ସଙ୍ଗତରେ ଘେନି
ବିଜେ ହୁଅ ରଥ ଯାତେ,
ଚାହିଆ ଝୁଲାଇ ମନ ନିଅ ମୋହି
ସତେ ଅବା ବୀର ବେଶେ।
ତୁମରି ରୂପରେ ସବୁ ଧର୍ମର
ସଙ୍କେତ ଅଛି ଭରି,
ସେଇଥି ପାଇଁ ତ' ତୁମ ଘୋଷ ଯାତେ
ବଡ଼ ଦାଣ୍ଡ ଉଠେ ଥରି।
ସତ୍ୟ ଯୁଗେ ହରି, ତ୍ରେତୟାରେ ରାମ
ଦ୍ୱାପରରେ ତୁମେ କୃଷ୍ଣ,
କଳିଯୁଗେ ସାର ତୁମେ ପରଂବ୍ରହ୍ମ
ଧନ୍ୟ ତୁମେ ଦାରୁବ୍ରହ୍ମ।

ଚାଟରା (ନଡ଼ିଆ ବାଗ), ଜଗତସିଂହପୁର- ୭୫୪୧୦୩
ମୋ-୯୨୩୭୮୫୫୪୭୮



# ସାଧାରଣ ଜ୍ଞାନ




## (1) ABBREVIATION

1. CGRA - Currency and Gold Revaluation Account
2. CVV - Card Verification Value
3. NCFF - National Children's Film Festival
4. NCLT - National Company Law Tribunal
5. NPS - National Pension Scheme
6. GTTCI - Global Travel and Tourism Competiveness Index
7. RUSA - Rashtriya Uchhatar Shiksha Abhiyan
8. TDSAT - Telecom Disputes Settlement and Appellate Tribunal
9. OLTAS - Online Tax Accounting System
10. NERPAP - National Electoral Roll Purification and Authentication Programmme

## (୨) ପୁସ୍ତକ ଓ ଲେଖକ

1. 'The Quest for a World without Hunger' -M.S. Swaminathan
2. In the name of Democracy : J.P Movement & the Emergency - Bipin Chandra
3. "Mann Ki Baat" a social revolution on Radio - Rajesh Jain
4. Matoshree - Sumitra Mahajan
5. Gandhi in Champaran - Dina Nath Gopal Tendulkar

୫. ନଖ ଦର୍ପଣ - ଅଶ୍ୱିନି କୁମାର ମିଶ୍ର
୬. ମୟ - ଅନାଦି ସାହୁ
୭. କାଉଁରି ଫୁଲର କୁହୁକ - ଆଶା ମିଶ୍ର
୮. ନିଃଶବ୍ଦ ନୂପୁର - ଉମାଶଙ୍କର ପଣ୍ଡା
୯. ଜଉଘର - କାର୍ତ୍ତିକ ଚନ୍ଦ୍ର ରଥ
୧୦. ସମୁଦ୍ର ସ୍ନାନ - ଗୁରୁ ପ୍ରସାଦ ମହାନ୍ତି

## (୩) ପଶ୍ଚିମବଙ୍ଗ

୧. ଗଠନ - ୦୧.୧୧.୧୯୫୬
୨. କ୍ଷେତ୍ରଫଳ - ୮୮୭୫୨ବର୍ଗ କି.ମି.
୩. ଜନସଂଖ୍ୟା - ୯୧୩୪୭୭୩୬(୨୦୧୧)
ପୁରୁଷ - ୪୬୯୨୭୩୮୯
ସ୍ତ୍ରୀ - ୪୪୪୨୦୩୪୭
୪. ଲିଙ୍ଗ ଅନୁପାତ - ୯୪୭
୫. ସାକ୍ଷରତା ହାର - ୭୭.୦୮%
୬. ଜିଲ୍ଲା / ଗ୍ରାମ - ୧୯ / ୩୭୯୪୫
୭. ବିଧାନସଭା ଆସନ - ୨୯୪
୮. ଲୋକସଭା ଆସନ - ୪୨
୯. ରାଜ୍ୟସଭା ଆସନ - ୧୬
୧୦. ରାଜଧାନୀ - କୋଲକାତା
୧୧. ରାଜ୍ୟପାଳ - କେଶରୀ ନାଥ ତ୍ରିପାଠି
୧୨.ମୁଖ୍ୟମନ୍ତ୍ରୀ - ମମତା ବାନାର୍ଜୀ

## (୪) ଭାରତର ଜାତୀୟ ପୁରସ୍କାର

୧. କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର - ଉଚ୍ଚମାନର ସାହିତ୍ୟ ସୃଷ୍ଟି
୨. କେନ୍ଦ୍ର ଲଳିତ କଳା ଏକାଡ଼େମୀ ପୁରସ୍କାର - କଳା ଏବଂ ଭାସ୍କର୍ଯ୍ୟ
୩. କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର - ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର
୪. ଜ୍ଞାନପୀଠ ପୁରସ୍କାର - ଭାରତୀୟ ଭାଷାରେ ଉଚ୍ଚମାନର ସାହିତ୍ୟ ସୃଷ୍ଟି
୫. ଦାଦା ସାହେବ ଫାଲକେ - ଭାରତୀୟ ଚଳଚ୍ଚିତ୍ର ଜଗତ ଏବଂ ସଙ୍ଗୀତ ଜଗତ

## (୫) ଦେହାନ୍ତ

୧. ରୀମା ଲାଗୁ - ଅଭିନେତ୍ରୀ(ବୟସ ୫୯)
୨. ଅନୀଲ ମାଧବ ଡ଼ାଭେ - ପରିବେଶ ମନ୍ତ୍ରୀ (ବୟସ ୬୦)
୩. ଡ଼େନିସ୍ ସ୍ୱାମୀ - ବକ୍ସର (ବୟସ ୭୪)
୪. ଏସ୍. ରାମସ୍ୱାମୀ - ପଣ୍ଡିଚେରୀର ପୂର୍ବତନ ମୁଖ୍ୟମନ୍ତ୍ରୀ (ବୟସ ୮୦)
୬. ଲୀଲା ସେଠ୍ - ପ୍ରଥମ ମହିଳା ହାଇକୋର୍ଟ ବିଚାରପତି (ବୟସ ୮୬)

## (୬) ପୁରସ୍କାର

୧. ଅଦୁର ଗୋପାଳ କ୍ରିଷ୍ଣାନ୍ - ଜେ.ଏସ୍ ଡ଼ାନିଏଲ୍ ପୁରସ୍କାର (୨୦୧୬) କେରଳ ସରକାର
୨. ଏସ୍. ପି ବିରେନ୍ଦ୍ର କୁମାର - ଜି ରାମାନୁଜନ୍ ପୁରସ୍କାର(୨୦୧୬)
୩. କ୍ରିଷ୍ଣା କୁମାରୀ - ଫ୍ଲୋରେନ୍ସ ନାଇଟିଙ୍ଗେଲ ଆୱାର୍ଡ଼ (୨୦୧୭ )ସ୍ୱାସ୍ଥ୍ୟ କର୍ମୀ (ଓଡ଼ିଶା)
୪. ମହାବଳେଶ୍ୱର ସେଲ୍ - ସରସ୍ୱତୀ ସମ୍ମାନ(୨୦୧୬)

## (୭) ଓଡ଼ିଶାର ସମ୍ମାନ — ପ୍ରଦାନକାରୀ ସଂସ୍ଥା

୧. ସାରଳା ସମ୍ମାନ - ସାରଳା ସାହିତ୍ୟ ସଂସଦ
୨. ସାରଳା ପୁରସ୍କାର ଓ ଏକଲବ୍ୟ ପୁରସ୍କାର - ଇଣ୍ଡିଆନ୍ ମେଟାଲିକ୍ ଚାରିଟେବୁଲ୍ ଟ୍ରଷ୍ଟ(ଇମ୍ଫା)
୩. କୋଣାର୍କ ସମ୍ମାନ - ଓଡ଼ିଶା ରାଜ୍ୟ ସଂସ୍କୃତି ପରିଷଦ
୪. ଓଡ଼ିଶା ଲଳିତ କଳା ଏକାଡ଼େମୀ ପୁରସ୍କାର, ଧର୍ମପଦ ପୁରସ୍କାର - ଓଡ଼ିଶା ଲଳିତ କଳା ଏକାଡ଼େମୀ

## (୮) ନିଯୁକ୍ତି

୧. ପ୍ରଭାତ କୁମାର ବେଜବେରୁଆ - ଚେୟାରମ୍ୟାନ୍ ଟି ବୋର୍ଡ଼ ଅଫ୍ ଇଣ୍ଡିଆ
୨. ସୟଦ ଘୟାରୁଲ୍ ହାସନ୍ ରିଜ୍‌ଭି - ଚେୟାରମ୍ୟାନ୍, ନ୍ୟାସନାଲ୍ କମିଶନ ଫର୍ ମାଇନରିଟିଜ୍
୩. ଅନୁରାଗ ତ୍ରିପାଠୀ - ସଚିବ,କେନ୍ଦ୍ରିୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ)
୪. ସଂଜୟ ମିତ୍ର - ଆଗାମୀ ପ୍ରତିରକ୍ଷା ସଚିବ
୫. ରାଜୀବ ରାୟ ଭଟ୍ଟନାଗର - କେନ୍ଦ୍ରିୟ ରିଜର୍ଭ ପୋଲିସ ଫାର୍ସ

## (୯) ଓଡ଼ିଶା

୧. ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାପୂର୍ବରୁ ନବୀନ ପଟ୍ଟନାୟକ କ'ଣ ଥିଲେ ?
(କ) ଦଳର କର୍ମକର୍ତ୍ତା (ଖ) କେନ୍ଦ୍ରଖଣି ମନ୍ତ୍ରୀ
(ଗ) ରାଜ୍ୟସଭା ସଦସ୍ୟ (ଘ) ଲୋକସଭା ସଭ୍ୟ

୨. ସର୍ବନିମ୍ନ ସାକ୍ଷର ଜିଲ୍ଲା (୨୦୧୧ ଜନଗଣନା) କିଏ ?
(କ) ମାଲକାନାଗିରି (ଖ) ନବରଙ୍ଗପୁର
(ଗ) ଦେବଗଡ଼ (ଘ) କୋରାପୁଟ

୩. ପ୍ରସିଦ୍ଧ ହୀରାକୁଦ ନଦୀବନ୍ଧ କେଉଁ ନଦୀ ଉପରେ ଅବସ୍ଥିତ ?
(କ) ତେଲ ନଦୀ (ଖ) ବ୍ରାହ୍ମଣୀ ନଦୀ
(ଗ) ମହାନଦୀ (ଘ) ବୁଢ଼ାବଳଙ୍ଗ

୪. ଅରୁଣ ସ୍ତମ୍ଭର ଉଚ୍ଚତା କେତେ ?
(କ) ୨୪.୦୨ ଫୁଟ (ଖ) ୨୫.୦୨ ଫୁଟ
(ଗ) ୨୩.୭ ଫୁଟ (ଘ) ୨୩.୦୫ ଫୁଟ

୫. 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ର ରଚୟତା କିଏ ?
(କ) ଗୋପାଳ ଚନ୍ଦ୍ର ପ୍ରହରାଜ (ଖ) ମଧୁସୂଦନ ଦାସ
(ଗ) ଫକୀରମୋହନ ସେନାପତି (ଘ) କାଳନ୍ଦୀଚରଣ ପାଣିଗ୍ରାହି

୬. ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରଟିର ନାମ କ'ଣ ?
(କ) ଶ୍ରୀଲୋକନାଥ (ଖ) ସୀତାବିବାହ
(ଗ) ଭକ୍ତସାଲବେଗ (ଘ) ଜୟଦେବ

୭. ହଳଦୀ ଏବଂ ଅଦା କେଉଁ ଜିଲ୍ଲାରେ ସର୍ବାଧିକ ଉତ୍ପାଦିତ ହୁଏ ?
(କ) କନ୍ଧମାଳ (ଖ) ବୌଦ୍ଧ
(ଗ) ଗଞ୍ଜାମ (ଘ) ନୟାଗଡ଼

୮. କଟକରେ କେଉଁ ପର୍ବ ବେଶ୍ ଲୋକପ୍ରିୟ ?
(କ) ଦଶହରା (ଖ) ବାଲିଯାତ୍ରା
(ଗ) କାଳୀପୂଜା (ଘ) ସମସ୍ତ

୯. କେଉଁ ଧର୍ମ ଆନ୍ଦୋଳନ ସହ ଢ଼େଙ୍କାନାଳ ଜିଲ୍ଲା ସଂପୃକ୍ତ ଅଟେ ?
(କ) ନାଥ ଧର୍ମ (ଖ) ବୌଦ୍ଧ ଧର୍ମ
(ଗ) ମହିମା ଧର୍ମ (ଘ) ଶୈବ ଧର୍ମ

୧୦. କୃଷ୍ଣଚନ୍ଦ୍ର ଗଜପତି କେଉଁ ରାଜ୍ୟର ରାଜା ଥିଲେ ?
(କ) ବଡ଼ଖେମୁଣ୍ଡି (ଖ) ପାରଳାଖେମୁଣ୍ଡି
(ଗ) କୁଲାଡ଼ (ଘ) ପୁରୀ

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ
wise, gentle, honest, rude, arrogance
(କ) gentle (ଖ) honest (ଗ) rude(ଘ) arrogance

୨. Giant : Dwarf :: Genius : __?
(କ) Wicked (ଖ) Gentle(ଗ) Idiot (ଘ) Tiny

୩. କେଉଁ ଯୋଡିଟି ଦର୍ଶାଯାଇଥିବା ଯୋଡି ସହ ସମାନ
ହାଉସ୍ : ସିଲିଂ
(କ) ହଟ୍: ରୁଫ୍ (ଖ) ବିଲ୍ଡିଙ୍ଗ୍ : ଫ୍ଲୋର୍
(ଗ) ବେଡ୍ : ବେଡ୍‌ସିଟ୍ (ଘ) ଗ୍ରେପସ୍ : ୱାଇନ୍

୪. ଯଦି ଡ୍ରାମା ସହ ଦୃଶ୍ୟ ସଂପୃକ୍ତ। ତେବେ ପୁସ୍ତକ ସହ କିଏ ସଂପୃକ୍ତ ଅଟେ ?
(କ) ଗଳ୍ପ (ଖ) ପୃଷ୍ଠା (ଗ) ଲେଖକ (ଘ)ଅଧ୍ୟାୟ

୫. କେଉଁଟି ଅଲଗା ?
DXCLQZ, PFZUBM, XGKNTY, NWMBHJ
(କ)DXCLQZ(ଖ)PFZUBM (ଗ) XGKNTY(ଘ) NWMBHJ

୬. ପ୍ରଶ୍ନବାଚକ ଚିହ୍ନଟି କେତେ ?
୧୩,୩୧,୬୩,୧୨୭,୨୫୫, ?
(କ) ୫୧୩ (ଖ) ୫୧୧(ଗ)୫୧୭(ଘ)୫୨୭

୭. ଯଦି FRIEND କୁ HUMJTK କୋଡ୍ ଦିଆଯାଏ CANDLE ର କୋଡ୍ କ'ଣ ହେବ ?
(କ)EDRIRL(ଖ)DCQHQK (ଗ) ESJFME(ଘ) FYOBOC

୮. ଜଣେ ପୁରୁଷ ଏକ ସ୍ତ୍ରୀକୁ କହିଲା, "ତୁମର ମାଆଙ୍କର ସ୍ୱାମୀଙ୍କର ଭଉଣୀ ମୋର ଆଣ୍ଟି।" ତେବେ ସେ ପୁରୁଷ ସହ ସେ ସ୍ତ୍ରୀର ସମ୍ପର୍କ କ'ଣ ?"
(କ)ମାଆ (ଖ) ଭାଣିଜୀ (ଗ)ଝିଆରୀ(ଘ) ଭଉଣୀ

୯. ମହେଶ ଦକ୍ଷିଣ ଦିଗକୁ ମୁହଁ କରି ୩୦ ମିଟର ଚାଲିଲା। ଏବଂ ବାମକୁ ବୁଲି ୨୫ ମିଟର ଗଲା, ପୁଣି ବାମକୁ ବୁଲି ୩୦ ମିଟର ଗଲା। ସେ ବାହାରିବା ସ୍ଥାନରୁ କେତେ ଦୂରରେ ଅଛି ?
(କ)୨୫ ମିଟର ପଶ୍ଚିମ (ଖ)୨୫ ମିଟର ପୂର୍ବ
(ଗ)୩୦ ମିଟର ପଶ୍ଚିମ (ଘ)୩୦ ମିଟର ପୂର୍ବ

୧୦. ? ଚିହ୍ନଟି କେତେ ଅଟେ ?

| | | | | | | | | |
|---|---|---|---|---|---|---|---|---|
| | ୨ | | | ୩ | | | ୬ | |
| ୩ | ୩୩ | ୨ | ୪ | ୫୪ | ୨ | ୩ | ? | ୫ |
| | ୪ | | | ୫ | | | ୪ | |

(କ)୯୪ (ଖ) ୮୬ (ଗ)୮୨ (ଘ) ୬୮

**ଉତ୍ତର**

୧.(ଖ) କେନ୍ଦ୍ରଖଣି ମନ୍ତ୍ରୀ, ୨.(ଖ) ନବରଙ୍ଗପୁର, ୩.(ଗ) ମହାନଦୀ, ୪.(ଖ) ୨୫.୦୨ ଫୁଟ, ୫. (କ) ଗୋପାଳଚନ୍ଦ୍ର ପ୍ରହରାଜ, ୬.(କ) ଶ୍ରୀଲୋକନାଥ,୭.(କ) କନ୍ଧମାଳ,୮.(ଘ) ସମସ୍ତ,୯.(ଗ) ମହିମା ଧର୍ମ,୧୦.(ଖ) ପାରଳାଖେମୁଣ୍ଡି

**୧.**(ଘ) arrogance( noun). ୨.(ଗ) idiot, **୩.** (କ) ହଟ୍: ରୁଫ୍, **୪.** (ଘ)ଅଧ୍ୟାୟ, **୫.** (ଖ)PFZUBM , **୬.** (ଖ) ୫୧୧(ଦୁଇଗୁଣ + ୧), **୭.** (କ)EDRIRL(First letter second alphabet, second third so on), ୮.(ଘ) ଭଉଣୀ. ୯.(ଖ)୨୫ ମିଟର ପୂବ, **୧୦.** (ଖ) ୮୬

## (୧୧) ଇତିହାସ

୧. 'ଜାତିର ଉତ୍ପତ୍ତି' ବା 'ଅରିଜିନ୍ ଅଫ୍ ଦି ସ୍ପେସିସ୍' ପୁସ୍ତକର ରଚୟିତା କିଏ ?
(କ) ଆର ଜି କଲିଙ୍ଗଉଡ୍ (ଖ) ଚାର୍ଲସ୍ ଡ଼ାରଉଇନ୍
(ଗ) କାର୍ଲମାର୍କ୍ସ (ଘ) ଇ.ଏଚ. କାର୍

୨. 'ଫାରୋ' ଶବ୍ଦର ଅର୍ଥ କ'ଣ ?
(କ) ରାସ୍ତାର ଭିକାରୀ (ଖ) ଦୁର୍ଗର ଅଧିପତି
(ଗ) ବିଳାସ ପ୍ରାସାଦ ନିବାସୀ (ଘ) ପର୍ବତ ଶୃଙ୍ଗର ସମ୍ରାଟ

୩. ଗ୍ରୀକ୍ ଶବ୍ଦ 'ହିଷ୍ଟୋରିଆର' ଅର୍ଥ କ'ଣ ?
(କ) ଅନୁଶାସନ (ଖ) ଅନୁସନ୍ଧାନ
(ଗ) ଜିଜ୍ଞାସ (ଘ) ପରୀକ୍ଷା କରିବା

୪. ମିଶରର ରାଜାଙ୍କୁ କ'ଣ କୁହାଯାଏ ?
(କ) ସମ୍ରାଟ (ଖ) ଜାର
(ଗ) ଫାରୋ (ଘ) କାଇଜର

୫. କେଉଁ ଦେବୀଙ୍କ ନାମରେ ଏସିରୀୟମାନଙ୍କ ରାଜଧାନୀର ନାମ ନିନେଭ୍ ରଖାଯାଇଥିଲା ?
(କ) ନୀନା (ଖ) ନେଫେରଟିଟି
(ଗ) ସାସସ୍ (ଘ) ମାର୍ଡୁକ୍

୬. ଚୀନ୍‌ର ଶସ୍ୟ ଦେବତାଙ୍କର ନାମ କ'ଣ ?
(କ) ସି (ଖ) ଚି
(ଗ) ସାଙ୍ଗ୍‌ଟି (ଘ) ଲି

୭. କାହାକୁ ପାଶ୍ଚାତ୍ୟ ଦର୍ଶନର ଜନକ କୁହାଯାଏ ?
(କ) କ୍ଲେଇସ୍ଥିନିସ୍ (ଖ) ଡ୍ରାକୋ
(ଗ) ସୋଲୋନ୍ (ଘ) ପେରିକ୍ଲିସ

୮. ମୟୂରଭଞ୍ଜ ଓଡ଼ିଶା ସହ କେବେ ମିଶିଥିଲା ?
(କ) ୧୯୪୭ (ଖ) ୧୯୪୮
(ଗ) ୧୯୪୯ (ଘ) ୧୯୫୦

୯. ଖାରବେଳ କେଉଁ ବଂଶର ନରପତି ଥିଲେ ?
(କ) ଚେଦି (ଖ) ସୋମ
(ଗ) ଗଙ୍ଗ (ଘ) ସୂର୍ଯ୍ୟ

୧୦. କପିଳେନ୍ଦ୍ରଦେବ ପୁରୀ ଜଗନ୍ନାଥ ମନ୍ଦିରର କେଉଁ ଅଂଶ ନିର୍ମାଣ କରିଥିଲେ ?
(କ) ନାଟ ମନ୍ଦିର (ଖ) ଭୋଗମଣ୍ଡପ
(ଗ) ମେଘନାଦ ପାଚେରୀ (ଘ) ଜଗମୋହନ

## (୧୨) ଭୂଗୋଳ

୧. ଆରାବଳୀ ପର୍ବତମାଳା ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଗୁଜରାଟ (ଖ) ରାଜସ୍ଥାନ
(ଗ) ମଧ୍ୟପ୍ରଦେଶ (ଘ) ମହାରାଷ୍ଟ୍ର

୨. ଆୟତନ ଦୃଷ୍ଟିରୁ ପାକିସ୍ତାନର ବୃହତ୍ତମ ପ୍ରଦେଶର ନାମ କ'ଣ ?
(କ) ପଞ୍ଜାବ (ଖ) ନର୍ଥ-ୱେଷ୍ଟ ଫ୍ରଣ୍ଟିୟର୍ ପ୍ରୋଭିନ୍ସ
(ଗ) ସିନ୍ଧ (ଘ) ବେଲୁଚିସ୍ତାନ

୩. ପଶ୍ଚିମଘାଟ ପର୍ବତମାଳାରୁ ଉତ୍ପତ୍ତି ଲାଭ କରିଥିବା ତୁଙ୍ଗଭଦ୍ରା ନଦୀ କେଉଁ ନଦୀର ଉପନଦୀ ଅଟେ ?
(କ) ଗୋଦାବରୀ (ଖ) କୃଷ୍ଣା
(ଗ) ମହାନଦୀ (ଘ) ବୈତରଣୀ

୪. ଭାରତର ପ୍ରଥମ ଆଣବିକ କେନ୍ଦ୍ର କେଉଁଠାରେ ସ୍ଥାପିତ ହୋଇଥିଲା ?
(କ) ତାରାପୁର (ଖ) କାଇଗା (ଗ) ନରୋରା (ଘ) କଳ୍ପକମ୍

୫. ଗତବର୍ଷ ତାମିଲନାଡୁ ରାଜ୍ୟର କେଉଁ ସ୍ଥାନରେ ରୁଷ ସହାୟତାରେ ଆଣବିକ ଶକ୍ତି କେନ୍ଦ୍ର ସ୍ଥାପିତ ହୋଇଛି ?
(କ) କଳ୍ପକମ୍ (ଖ) ନଗରକୋଏଲ୍
(ଗ) ରାମେଶ୍ୱରମ (ଘ) କୁଡ଼ନ୍‌କୁଲମ୍

୬. ମିଆଁମାରର ଦକ୍ଷିଣ ପଶ୍ଚିମ ପାର୍ଶ୍ୱରେ ଥିବା ପର୍ବତଶ୍ରେଣୀର ନାମ କ'ଣ ?
(କ) ଆରାକାନ୍ ୟୋମା (ଖ) ୟୁରାଲ୍
(ଗ) ତିଏନ୍ ସାନ୍ (ଘ) ନାନ୍ ସାନ୍

୭. ଡାକାର୍ ନଗରୀଟି କେଉଁ ଆଫ୍ରିକୀୟ ଦେଶର ରାଜଧାନୀ ଅଟେ ?
(କ) ସେନେଗାଲ (ଖ) ମାଲି
(ଗ) ରୁଆଣ୍ଡା (ଘ) ମରୋକ୍କୋ

୮. ଏଥିମଧ୍ୟରୁ କେଉଁ ସାମୁଦ୍ରିକ ବନ୍ଦରଟି ଭାରତର ପଶ୍ଚିମ ଉପକୂଳରେ ଅବସ୍ଥିତ ?
(କ) ହଲଦିଆ (ଖ) ମଛଲିପଟନମ୍
(ଗ) ନାଭାସେଭା (ଘ) ତୁତିକୋରିନ୍

୯. ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକାର ଦ୍ୱୀପରାଜ୍ୟଟିର ନାମ କ'ଣ ?
(କ) ଇଣ୍ଡିଆନା (ଖ) ପୁଏର୍ଟୋ ରିକୋ
(ଗ) ବାହାମାଜ୍ (ଘ) ହାୱାଇ

୧୦. ପୃଥିବୀର ଗଭୀରତମ ସାମୁଦ୍ରିକ ଖାତ ମେରିଆନା ଟ୍ରେଞ୍ଚ୍ କେଉଁ ମହାସାଗରରେ ଅବସ୍ଥିତ ?
(କ) ଭାରତ ମହାସାଗର (ଖ) ଦକ୍ଷିଣ ମହାସାଗର
(ଗ) ଆଟଲାଣ୍ଟିକ ମହାସାଗର (ଘ) ପ୍ରଶାନ୍ତ ମହାସାଗର

**ଉତ୍ତର**

୧.(ଖ) ଚାର୍ଲସ୍ ଡ଼ାରଉଇନ୍, ୨.(ଗ) ବିଳାସ ପ୍ରାସାଦ ନିବାସୀ, ୩.(ଖ) ଅନୁସନ୍ଧାନ , ୪.(ଗ) ଫାରୋ , ୫. (କ) ନୀନା, ୬.(ଖ) ଚି,୭.(ଘ) ପେରିକ୍ଲିସ ,୮.(ଗ) ୧୯୪୯,୯ (କ) ଚେଦି.,୧୦. (ଗ) ମେଘନାଦ ପାଚେରୀ

୧.(ଖ) ରାଜସ୍ଥାନ,୨.(ଘ) ବେଲୁଚିସ୍ତାନ, ୩.(ଖ) କୃଷ୍ଣା, ୪.(କ) ତାରାପୁର, ୫.(ଘ) କୁଡ଼ନ୍‌କୁଲମ୍, ୬. (କ) ଆରାକାନ୍ ୟୋମା, ୭. (କ) ସେନେଗାଲ, ୮.(ଗ) ନାଭାସେଭା , ୯.(ଘ) ହାୱାଇ , ୧୦.(ଘ) ପ୍ରଶାନ୍ତ ମହାସାଗର ।

## (୧୩) ଅର୍ଥନୀତି

୧. କେଉଁଟି ସମ୍ପଦର ବୈଶିଷ୍ଟ୍ୟ ନୁହେଁ ?
(କ) ଉପଯୋଗିତା (ଖ) ଉପକାରିତା
(ଗ) ସ୍ୱଳ୍ପତା (ଘ) ବିକ୍ରୟ ଯୋଗ୍ୟତା

୨. କେଉଁଟି ମାନବୀୟ ଅଭାବର ବୈଶିଷ୍ଟ୍ୟ ନୁହେଁ ?
(କ) ଅଭାବ ଅସୀମ (ଖ) ଅଭାବଗୁଡ଼ିକ ପ୍ରତିଯୋଗୀ
(ଗ) ଅଭାବ ସମୂହ ପରିତୃପ୍ତକ୍ଷମ (ଘ) ଅଭାବଗୁଡ଼ିକ ପୌନଃପୁନିକ

୩. କେଉଁଟି ଅଣଚୁକ୍ତିଗତ ପାଉଣା ?
(କ) ଅଧିଶେଷ (ଖ) ମଜୁରୀ
(ଗ) ସୁଧ (ଘ) ଲାଭ

୪. ଆଡ଼ାମ୍ ସ୍ମିଥ୍ କେଉଁ ଦ୍ରବ୍ୟର ସୃଷ୍ଟିକୁ ଉତ୍ପାଦନ ବୋଲି ଅଭିହିତ କରିଥିଲେ ?
(କ) ଭୌତିକ ଦ୍ରବ୍ୟ (ଖ) ଅଭୌତିକ ଦ୍ରବ୍ୟ
(ଗ) ସମ୍ପଦ (ଘ) ଉପଯୋଗିତା

୫. ଅତି ସ୍ୱଳ୍ପକାଳରେ ପ୍ରଚଳିତ ଦରକୁ କ'ଣ କୁହାଯାଏ ?
(କ) ବଜାର ଦର (ଖ) ସ୍ୱାଭାବିକ ଦର
(ଗ) ଆଦର୍ଶ କର (ଘ) ଉପରୋକ୍ତ ସମସ୍ତ

୬. କେଉଁ ଲାଭ ପରିବ୍ୟୟର ଅଂଶବିଶେଷ ?
(କ) ସ୍ୱାଭାବିକ (ଖ) ଅସ୍ୱାଭାବିକ
(ଗ) ଉଭୟ ସ୍ୱାଭାବିକ ଓ ଅସ୍ୱଭାବିକ (ଘ) କୌଣସିଟି ନୁହେଁ

୭. ମୁଦ୍ରାର କ୍ରୟଶକ୍ତି ବୃଦ୍ଧି ପାଇଲେ ବାସ୍ତବ ମଜୁରି କ'ଣ ହୁଏ ?
(କ) ହ୍ରାସପାଏ (ଖ) ବୃଦ୍ଧିପାଏ
(ଗ) ଅପରିବର୍ତ୍ତିତ ରୁହେ (ଘ) କୌଣସିଟି ନୁହେଁ

୮. ମୋଟ ଜାତୀୟ ଉତ୍ପାଦରୁ କ'ଣ ବାଦ୍ ଦେଲେ ମୋଟ ଘରୋଇ ଉତ୍ପାଦ ମିଳିଥାଏ ?
(କ) ନିଟ୍ ବିଦେଶାଗତ ଆୟ (ଖ) ଅବକ୍ଷୟ ମୂଲ୍ୟ
(ଗ) ରପ୍ତାନୀ ମୂଲ୍ୟ (ଘ) ଉପରୋକ୍ତ ସମସ୍ତ

୯. ସାମୂହିକ ଯୋଗାଣ କହିଲେ କ'ଣ ବୁଝାଏ ?
(କ) ନିଟ୍ ଜାତୀୟ ଉତ୍ପାଦ (ଖ) ନିଟ୍ ରପ୍ତାନୀ
(ଗ) ନିଟ୍ ନିବେଶ (ଘ) ଉପରୋକ୍ତ ସମସ୍ତ

୧୦. କିଏ ମିଶ୍ରତ ଆୟ ପାଇଥାଏ ?
(କ) ଶିଳ୍ପପତି (ଖ) ଶ୍ରମିକ
(ଗ) କୃଷକ (ଘ) ସ୍ୱନିଯୋଜିତ ବ୍ୟକ୍ତି

## (୧୪) କ୍ରୀଡା

୧. ନିକଟରେ ସମ୍ପନ୍ନ ହୋଇଥିବା ୨୦୧୭ର ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ କ୍ରିକେଟର ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ କାହାକୁ ହରାଇ ଚାମ୍ପିଆନ ହୋଇଛି ?
(କ) ସନ୍‌ରାଇଜର୍ସ ହାଇଦ୍ରାବାଦ (ଖ) କୋଲକାତା ନାଇଟରାଇଡର୍ସ
(ଗ) ରାଇଜିଙ୍ଗ୍ ପୁଣେ ସୁପରଜାଏଣ୍ଟ (ଘ) ଗୁଜରାଟ୍ ଲାୟନ୍ସ

୨. ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍-୨୦୧୭ରେ ସର୍ବାଧିକ ରନ ସଂଗ୍ରହ କରି 'ଅରେଞ୍ଜ କ୍ୟାପ'ର ଅଧିକାରୀ ହୋଇଥିବା ବ୍ୟାଟ୍‌ସମ୍ୟାନଙ୍କ ନାମ କ'ଣ ?
(କ) ଷ୍ଟିଭେନ୍ ସ୍ମିଥ୍ (ଖ) ଡେଭିଡ୍ ୱାର୍ନର
(ଗ) ଗୌତମ ଗମ୍ଭୀର (ଘ) ଶିଖର ଧାୱନ

୩. ଆଇ.ପି.ଏଲ. କ୍ରିକେଟର ୨୦୧୭ର ସଂସ୍କରଣରେ ସର୍ବାଧିକ ୨୬ ୱିକେଟ ନେଇ 'ପର୍ପଲ୍ କ୍ୟାପ୍' ହାସଲ କରିଥିବା ବୋଲର ଜଣକ କିଏ ?
(କ) ଭୁବନେଶ୍ୱର କୁମାର (ଖ) ଜୟଦେବ ଉନାଦକଟ୍
(ଗ) ଜସ୍‌ପ୍ରିତ ବୁମରାହ୍ (ଘ) ଅଣ୍ଡ୍ରିଉ ଟାଏ

୪. ୨୦୧୭ର ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ରେ 'ମୋଷ୍ଟ ଭାଲୁଏବୁଲ୍ ପ୍ଲେୟାର୍' ବିବେଚିତ ହୋଇଥିବା ତାରକାଙ୍କ ନାମ କ'ଣ ?
(କ) ବେନ୍ ଷ୍ଟୋକ୍‌ସ (ଖ) ଗୌତମ ଗମ୍ଭୀର
(ଗ) ଷ୍ଟିଭେନ୍ ସ୍ମିଥ୍ (ଘ) ରୋହିତ ଶର୍ମା

୫. ଗତ ମେ ମାସରେ ଆମଦେଶର ଏକ ପ୍ରମୁଖ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫେଡେରେସନ କପ୍‌ର ବର୍ଷ-୨୦୧୭ର ସଂସ୍କରଣ କେଉଁଠାରେ ଖେଳାଯାଇଥିଲା ?
(କ) କୋଲକାତା (ଖ) ଗୁଆହାଟି (ଗ) ହାଇଦ୍ରାବାଦ (ଘ) କଟକ

୬. ୨୦୧୭ର ଏହି ଫେଡେରେସନ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କେଉଁ ଦଳ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଛି ?
(କ) ଆଇଜଲ୍ ଏଫ.ସି. (ଖ) ବେଙ୍ଗାଲୁରୁ ଏଫ.ସି.
(ଗ) ମୋହନବାଗାନ୍ (ଘ) ଇଷ୍ଟବେଙ୍ଗଲ୍

୭. ଚଳିତ ୨୦୧୬-୧୭ ସିଜିନ୍‌ର ସ୍ପାନିଶ୍ ଲା ଲିଗା ଫୁଟବଲ ପ୍ରତିଯୋଗିତାରେ କେଉଁ ଦଳ ଚାମ୍ପିଆନ ହୋଇଛି ?
(କ) ରିୟଲ୍ ମାଦ୍ରିଦ୍ (ଖ) ବାର୍ସିଲୋନା
(ଗ) ସେଭିୟା (ଘ) ଆଥ୍‌ଲେଟିକୋ ମାଦ୍ରିଦ୍

୮. ୨୦୧୬-୧୭ ସିଜିନ୍‌ର ଇଂଲିଶ୍ ପ୍ରିମିୟର ଲିଗ୍ ଫୁଟବଲ ବିଜୟୀ ହୋଇଥିବା ଦଳର ନାମ କ'ଣ ?
(କ) ମାଞ୍ଚେଷ୍ଟର ୟୁନାଇଟେଡ୍ (ଖ) ଚେଲ୍‌ସୀ
(ଗ) ମାଞ୍ଚେଷ୍ଟର ସିଟୀ (ଘ) ଲିଭରପୁଲ୍

୯. ୨୦୧୬-୧୭ ସିଜିନ୍‌ର ଇଟାଲିଆନ୍ ଫର୍ଷ୍ଟ ଡିଭିଜନ୍ -ସେରିଆ-ଏ ଫୁଟବଲ ଲିଗ୍‌ରେ ଚାମ୍ପିଆନ ହୋଇଥିବା ଦଳର ନାମ କ'ଣ ?
(କ) ୟୁଭେଣ୍ଟସ୍ (ଖ) ଏ.ସି. ମିଲାନ୍ (ଗ) ନାପୋଲି (ଘ) ବୋଲୋନିଆ

୧୦. କେଉଁ ଦଳ ୨୦୧୬-୧୭ ସିଜିନ୍‌ରେ ଜର୍ମାନ୍ ବୁନ୍ଦେସ୍‌ଲିଗା ଫୁଟବଲ ଟାଇଟେଲ୍ ହାସଲ କରିଛି ?
(କ) ଆର.ବି. ଲିପଜିଗ୍ (ଖ) ବୁରୁସିଆ ଡୋର୍ଟମୁଣ୍ଡ
(ଗ) ବାୟର୍ନ ମ୍ୟୁନିକ (ଘ) ୱେଡର୍ ବ୍ରେମନ୍

**ଉତ୍ତର**

୧.(ଖ) ଉପକାରିତା, ୨.(ଗ) ଅଭାବ ସମୂହ ପରିତୃପ୍ତକ୍ଷମ, ୩.(ଘ) ଲାଭ, ୪.(କ) ଭୌତିକ ଦ୍ରବ୍ୟ, ୫. (କ) ବଜାର ଦର, ୬.(ଖ) ଅସ୍ୱାଭାବିକ,୭.(ଖ) ବୃଦ୍ଧିପାଏ,୮.(କ) ନିଟ୍ ବିଦେଶାଗତ ଆୟ,୯.(କ) ନିଟ୍ ଜାତୀୟ ଉତ୍ପାଦ,୧୦.(ଘ) ସ୍ୱନିଯୋଜିତ ବ୍ୟକ୍ତି

୧.(ଗ)ରାଇଜିଙ୍ଗ୍ ପୁଣେ ସୁପରଜାଏଣ୍ଟ,୨.(ଖ) ଡେଭିଡ୍ ୱାର୍ନର, ୩.(କ) ଭୁବନେଶ୍ୱର କୁମାର, ୪.(କ) ବେନ୍ ଷ୍ଟୋକ୍‌ସ, ୫.(ଘ) କଟକ, ୬.(ଖ) ବେଙ୍ଗାଲୁରୁ ଏଫ.ସି., ୭.(କ)ରିୟଲ୍ ମାଦ୍ରିଦ୍ ,୮.(ଖ)ଚେଲ୍‌ସୀ,୯.(କ) ୟୁଭେଣ୍ଟସ୍ ,୧୦. (ଗ) ବାୟର୍ନ ମ୍ୟୁନିକ

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. କେଉଁ ଓଡ଼ିଆ ଉପନ୍ୟାସଟି ପ୍ରସିଦ୍ଧ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରଚନା ?
(କ) ଅମୃତର ସନ୍ତାନ (ଖ) ଆଦିଭୂମି
(ଗ) ନୀଳଶୈଳ (ଘ) ମଲାଜହ୍ନ

୨. ଉନବିଂଶ ଶତାବ୍ଦୀରେ ହିନ୍ଦୀ ଭାଷାରେ ଲିଖିତ ବୃହଦାକାୟ ଉପନ୍ୟାସ 'ଚନ୍ଦ୍ରକାନ୍ତା' ଓ 'ଚନ୍ଦ୍ରକାନ୍ତା ସନ୍ତତି'ର ରଚୟିତା କିଏ ?
(କ) ଦେବକୀ ନନ୍ଦନ ଖତ୍ରୀ (ଖ) ଭାରତେନ୍ଦୁ ହରିଶ୍ଚନ୍ଦ୍ର
(ଗ) ମହାବୀର ପ୍ରସାଦ ଦ୍ୱିବେଦୀ (ଘ) ଜୟଶଙ୍କର ପ୍ରସାଦ

୩. କେଉଁ ରଚନାଟି ମୂଳତଃ ସଂସ୍କୃତ ଭାଷାରେ ରଚିତ ହୋଇନଥିଲା ?
(କ) ମୁଦ୍ରାରାକ୍ଷାସ (ଖ) ମାଲବିକାଗ୍ନିମିତ୍ରମ୍
(ଗ) ମୃଚ୍ଛକଟିକମ୍ (ଘ) କଥା ସରିତ ସାଗର

୪. ଇଂରାଜୀ ଭାଷାରେ ଲିଖିତ 'ମର୍ଚ୍ଚାଣ୍ଟ ଅଫ୍ ଭେନିସ୍' ନାଟକର ରଚୟିତା କିଏ ?
(କ) ଜନ୍ ମିଲଟନ୍ (ଖ) ୱିଲିୟମ୍ ଶେକ୍ସପିୟର୍
(ଗ) ଜର୍ଜ ବାର୍ଣ୍ଣାଡ୍ ଶ (ଘ) ୱିଲିୟମ୍ ୱାଡ଼ସ୍ୱାର୍ଥ

୫. ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଖଜୁରାହୋର ମନ୍ଦିର ସମୂହ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଆନ୍ଧ୍ର ପ୍ରଦେଶ (ଖ) ତେଲେଙ୍ଗାନା
(ଗ) ଛତିଶଗଡ଼ (ଘ) ମଧ୍ୟ ପ୍ରଦେଶ

୬. ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପାଇଁ ଓସ୍କାର ପୁରସ୍କାରରେ ସମ୍ମାନିତ ହୋଇଥିବା ଭାରତର ଏକମାତ୍ର ଚଳଚିତ୍ର ନିର୍ଦ୍ଦେଶକଙ୍କ ନାମ କ'ଣ ?
(କ) ବିମଲ ରାୟ (ଖ) ସତ୍ୟଜିତ ରାୟ
(ଗ) ମୃଣାଲ ସେନ (ଘ) ମଣିରତ୍ନମ

୭. ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପର୍ବ ଶୀତଳ ଷଷ୍ଠୀ ଅବସରରେ କେଉଁ ଦେବଦେବୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ ?
(କ) ଶ୍ରୀକୃଷ୍ଣ-ରୁକ୍ମିଣୀ (ଖ) ଇନ୍ଦ୍ର-ଶଚୀଦେବୀ
(ଗ) ନଳ-ଦମୟନ୍ତୀ (ଘ) ଶିବ-ପାର୍ବତୀ

୮. ମୁସଲମାନମାନେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏକମାସ ଧରି ରୋଜା ବା ଉପବାସ ରଖନ୍ତି । ଇସଲାମ୍ କ୍ୟାଲେଣ୍ଡରରେ ସେହି ମାସଟି କେଉଁ ନାମରେ ପରିଚିତ ?
(କ) ମୁହରମ୍ (ଖ) ସଫର୍ (ଗ) ରମଜାନ୍ (ଘ) ରଜବ୍

୯. ଜ୍ୟେଷ୍ଠ ମାସର ପୂର୍ଣ୍ଣମାଟି ଆଉ କେଉଁ ପୂର୍ଣ୍ଣମା ଭାବେ ପ୍ରସିଦ୍ଧ ?
(କ) ଗୁରୁ ପୂର୍ଣ୍ଣମା (ଖ) ବୁଦ୍ଧ ପୂର୍ଣ୍ଣମା
(ଗ) ଚନ୍ଦନ ପୂର୍ଣ୍ଣମା (ଘ) ଦେବସ୍ନାନ ପୂର୍ଣ୍ଣମା

୧୦. କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଶ୍ରୀବଳଦେବ ଜୀଉ ରଥଯାତ୍ରା ସମୟରେ ଯେଉଁ ରଥରେ ଉପବିଷ୍ଟ ହୋଇଥାନ୍ତି, ସେହି ରଥର ନାମ କ'ଣ ?
(କ) ତାଳଧ୍ୱଜ (ଖ) ବ୍ରହ୍ମ ତାଳଧ୍ୱଜ
(ଗ) ରୁକୁଣା ରଥ (ଘ) ବଳଦେବ ରଥ

## (୧୬) ବାଣିଜ୍ୟ

୧. ଏକ ସାଧାରଣ ଇନସୁରାନ୍ସ କମ୍ପାନୀ ପାଇଁ ସର୍ବନିମ୍ନ କେତେ ଅର୍ଥର ଆବଶ୍ୟକତା ଅଛି ?
(କ) ୫୦ କୋଟି (ଖ) ୭୫କୋଟି
(ଗ) ୧୦୦କୋଟି (ଘ) ୫୦୦କୋଟି

୨. କେଉଁ ବର୍ଷଠାରୁ ସରକାର ବେସେଲ-୩ ନିୟକୁ ବ୍ୟାଙ୍କରେ କାର୍ଯ୍ୟକାରି କରିବେ ?
(କ) ୨୦୧୮ (ଖ) ୨୦୧୯
(ଗ) ୨୦୨୦ (ଘ) କୌଣସିଟି ନୁହେଁ

୩. ବ୍ୟାଙ୍କରେ କୌଣସି ସାର୍ଟିଫିକେଟ୍ ଡିପୋଜିଟ୍ ସର୍ବନିମ୍ନ ସମୟ ସୀମା କେତେ ?
(କ) ୭ ଦିନ (ଖ) ୧୫ଦିନ
(ଗ) ୯୦ଦିନ (ଘ) ୧୮୦ଦିନ

୪. କିସାନ କ୍ରେଡିଟ୍ କାର୍ଡର ସମୟସୀମା କେତେ ବର୍ଷ ?
(କ) ୩ ବର୍ଷ (ଖ) ୪ ବର୍ଷ
(ଗ) ୫ ବର୍ଷ (ଘ) ୧୦ ବର୍ଷ

୫. IFSC କୋର୍ଡ ବ୍ୟାଙ୍କର ନାମକୁ କେତୋଟି ଡିଜିଟ୍‌ରେ ସୂଚାଇ ଦିଏ ?
(କ) ୩ଟି (ଖ) ୪ଟି
(ଗ) ୬ଟି (ଘ) ୮ଟି

୬. MICR କୋର୍ଡର ପ୍ରଥମ ତିନୋଟି ଡିଜିଟ କାହାକୁ ବୁଝାଏ ?
(କ) ଗ୍ରାମ (ଖ) ସହର
(ଗ) ରାଜ୍ୟ (ଘ) ଦେଶ

୭. କେଉଁ କମ୍ପାନୀ ଟିଭି ଚ୍ୟାନେଲ ଏନଡିଟିଭି ସହ ଆଞ୍ଚଳିକ ଭାଷାରେ ସମ୍ବାଦ ପରିବେଷଣ କରିବାପାଇଁ ଚୁକ୍ତିବଦ୍ଧ ହୋଇଛି ?
(କ)ଏୟାରସେଲ (ଖ) ଭୋଡା ଫୋନ୍
(ଗ) ଆଇଡିଆ (ଘ) ଏୟାରଟେଲ

୮. ଭାରତରେ ଗତ ଅପ୍ରେଲ ମାସରେ ସର୍ବାଧିକ ମଟର ସାଇକେଲ ନିର୍ମାଣ କରିଥିବା କମ୍ପାନୀ କିଏ ?
(କ) ହିରୋ (ଖ) ହୋଣ୍ଡା
(ଗ) ବଜାଜ (ଘ) ଟିଭିଏସ୍

୯. CII ର ନୂତନ ନିର୍ବାଚିତ ସଭାପତି କିଏ
(କ) ସାଣ୍ଟୋ ମିତ୍ର (ଖ) ରାମ ଅବତାର ସିଂହ
(ଗ) ଅଶ୍ୱିନି କୁମାର (ଘ) ସୋବାନା କାମିନେନୀ

୧୦.ଟାଟା କମ୍ୟୁନିକେସନ୍‌ର ନବ ନିର୍ବାଚିତ ଅଧ୍ୟକ୍ଷ କିଏ ?
(କ) ଏନ୍ ଚନ୍ଦ୍ର ଶେଖରନ୍ (ଖ) ରାଜେଶ ଗୋପୀନାଥନ୍
(ଗ) ରତନ ଟାଟା (ଘ) ରେଣୁକା ରାମନାଥ

**ଉତ୍ତର**

୧.(ଗ) ନୀଳଶୈଳ, ୨.(କ) ଦେବକୀନନ୍ଦନ ଖତ୍ରୀ, ୩.(ଘ) କଥା ସରିତ ସାଗର, ୪.(ଖ) ୱିଲିୟମ୍ ଶେକ୍ସପିୟର, ୫.(ଘ) ମଧ୍ୟ ପ୍ରଦେଶ, ୬.(ଖ) ସତ୍ୟଜିତ ରାୟ, ୭.(ଘ) ଶିବ-ପାର୍ବତୀ, ୮.(ଗ) ରମଜାନ୍, ୯.(ଘ) ଦେବସ୍ନାନ ପୂର୍ଣ୍ଣମା, ୧୦.(ଖ) ବ୍ରହ୍ମ ତାଳଧ୍ୱଜ

୧. (ଗ) ୧୦୦କୋଟି , ୨.(ଗ) ୨୦୨୦, ୩.(କ) ୭ ଦିନ, ୪. (ଗ) ୫ ବର୍ଷ, ୫.(ଖ) ୪ଟି, ୬.(ଖ) ସହର, ୭. (କ)ଏୟାରସେଲ୍, ୮.(କ) ହିରୋ, ୯.(ଘ) ସୋବାନା କାମିନେନୀ, ୧୦.(ଘ) ରେଣୁକା ରାମନାଥ

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. କିଏ ଗ୍ରାମ ପଞ୍ଚାୟତର ଜଣେ ସ୍ଥାୟୀ ସଦସ୍ୟ ?
(କ) ଓ୍ୱାର୍ଡ଼ମେମ୍ବର (ଖ) ନାଏବ ସରପଞ୍ଚ
(ଗ) ସମ୍ପାଦକ (ଘ) ସରପଞ୍ଚ

୨. ଆମ ରାଜ୍ୟରେ କେତୋଟି ପଞ୍ଚାୟତ ସମିତି ଅଛି ?
(କ) ୩୦୦ (ଖ) ୩୧୦
(ଗ) ୩୧୪ (ଘ) ୩୧୫

୩. ଜିଲ୍ଲା ପରିଷଦର କାର୍ଯ୍ୟକାଳ କେତେ ବର୍ଷ ?
(କ) ୨ (ଖ) ୩
(ଗ) ୫ (ଘ) ୬

୪. ୧ଲକ୍ଷରୁ ଅଧିକ ଲୋକସଂଖ୍ୟା ଥିବା ସହରରେ କେଉଁଟି ଗଠନ କରାଯାଇଥାଏ ?
(କ) ମହାନଗର ନିଗମ (ଖ) ପୌରପାଳିକା
(ଗ) ଜିଲ୍ଲାପରିଷଦ (ଘ) ବିଜ୍ଞାପିତ ଅଞ୍ଚଳ ପରିଷଦ

୫. ଜିଲ୍ଲାପରିଷଦର ମୁଖ୍ୟଙ୍କୁ କ'ଣ କୁହାଯାଏ ?
(କ) ସରପଞ୍ଚ (ଖ) ମେୟର
(ଗ) ସମ୍ପାଦକ (ଘ) ଅଧକ୍ଷ

୬. ରାଜ୍ୟସଭା ସଦସ୍ୟ ହେବାପାଇଁ ସର୍ବନିମ୍ନ ବୟସ ସୀମା କେତେ ?
(କ) ୩୦ ବର୍ଷ (ଖ) ୩୧ ବର୍ଷ
(ଗ) ୩୨ ବର୍ଷ (ଘ) ୩୪ ବର୍ଷ

୭. କିଏ ସମଗ୍ର ଭାରତର ଐକ୍ୟର ପ୍ରତୀକ ଅଟନ୍ତି ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଉପରାଷ୍ଟ୍ରପତି (ଘ) ମନ୍ତ୍ରୀପରିଷଦ

୮. କିଏ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦିଅନ୍ତି ?
(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ (ଘ) ବାଚସ୍ପତି

୯. କେଉଁ ତାରିଖକୁ ପ୍ରତିବର୍ଷ ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଉଛି ?
(କ) ଜାନୁୟାରୀ ୧୦ (ଖ) ଜୁନ୍ ୧୫
(ଗ) ଅଗଷ୍ଟ ୧୧ (ଘ) ସେପ୍ଟେମ୍ବର ୧୧

୧୦. ଭାରତକୁ କ୍ୟାବିନେଟ୍ ମିଶନ କେବେ ଆସିଥିଲେ ?
(କ) ୧୯୪୬ (ଖ) ୧୯୪୭
(ଗ) ୧୯୪୮ (ଘ) ୧୯୫୦

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. କେଉଁଟି ସିଆର ଓ CRO (Cathode Ray Oscilloscope) ଅଟେ ?
(କ) ମନିଟର (ଖ) ପ୍ରିଣ୍ଟର
(ଗ) ସ୍କାନର (ଘ) ଡ଼ିଜିଟାଲ କ୍ୟାମେରା

୨. କେଉଁ ସାଇନ୍‌ଟି ଫରମୁଲା ପାଇଁ ବ୍ୟବହାର କରାଯାଏ ?
(କ) = (ଖ) / (ଗ) * (ଘ) -

୩. ଗୋଟିଏ ପାୱାର ପଏଣ୍ଟ ପ୍ରେଜେନ୍‌ଟେସନ୍‌ର କେଉଁ 'କି' ବ୍ୟବହାର କଲେ ପ୍ରେଜେନ୍‌ଟେସନ୍ ଚାଲୁରହିଥାଏ ।
(କ) F2 (ଖ) F3
(ଗ) F4 (ଘ) F5

୪. କମ୍ପ୍ୟୁଟରରେ ହାର୍ଡ଼ଡ଼ିକ୍ସଟି କେଉଁ ଡ୍ରାଇଭ୍‌ରେ ଦେଖାଦିଏ ?
(କ) C (ଖ) D
(ଗ) H (ଘ) E

୫. 'FAT' କହିଲେ କ'ଣ ବୁଝାଯାଏ ?
(କ) ଫାଇଲ୍ ଆକ୍ଟିଭିଟି ଟେବୁଲ
(ଖ) ଫାଇଲ୍ ଆଲୋକେସନ୍ ଟେବୁଲ୍
(ଗ) ଫାଇଲ୍ ଆସେସ୍ ଟେପ୍
(ଘ) ଫାଇଲ୍ ଆକୋମୋଡ଼େସନ୍ ଟେବୁଲ୍

୬. କେଉଁଥିରେ ଆମେ ୱେବ୍ ପେଜେସ୍ ଦେଖିପାରିବା ?
(କ) ମୋଲ୍ କ୍ଲାଏଣ୍ଟ (ଖ) ବ୍ରାଉଜର୍
(ଗ) ଏଫଟିପି କ୍ଲାଏଣ୍ଟ (ଘ) ମେସେଞ୍ଜର

୭. କେଉଁ ସର୍ଟକର୍ଟ 'କି'ରେ ଆମେ ଡକୁମେଣ୍ଟକୁ ସେଭ୍ କରିଥାଉ ?
(କ) F1 (ଖ) F6
(ଗ) F12 (ଘ) Ctrl+S

୮. ପ୍ରିଣ୍ଟରଟି କେଉଁ ପ୍ରକାର ଡ଼ିଭାଇସ୍ ଅଟେ ?
(କ) ଇନ୍‌ପୁଟ୍ (ଖ) ଆଉଟପୁଟ୍
(ଗ) ପ୍ରୋସେସର (ଘ) ସଫ୍‌ଓ୍ୱାର

୯. 'ବିଟ୍' ଟର୍ମଟି କାହାର ସର୍ଟନାମ ଅଟେ ?
(କ) ମେଗାବାଇଟ୍ (ଖ) ବାଇନାରୀ ଲାଙ୍ଗୁଏଜ୍
(ଗ) ବାଇନାରୀ ଡ଼ିଜିଟ୍ (ଘ) ବାଇନାରୀ ନମ୍ବର

୧୦. ଡ୍ରଇଂ ଟୁଲ୍‌ବାରରେ କେତୋଟି ଡ୍ରଇଂ ଅବ୍‌ଜେକ୍ଟ ଅଛି ?
(କ) ୪ (ଖ) ୫
(ଗ) ୧୦ (ଘ) ୧୨

**ଉତ୍ତର**

୧.(ଗ) ସମ୍ପାଦକ, ୨.(ଗ) ୩୧୪, ୩.(ଗ) ୫ , ୪.(ଖ) ପୌରପାଳିକା, ୫.(ଘ) ଅଧକ୍ଷ, ୬.(କ) ୩୦ ବର୍ଷ, ୭.(କ) ରାଷ୍ଟ୍ରପତି, ୮.(କ) ରାଷ୍ଟ୍ରପତି, ୯.(କ) ଜାନୁୟାରୀ ୧୦, ୧୦. (କ) ୧୯୪୬

୧.(କ) ମନିଟର, ୨.(କ) =, ୩.(ଘ) F5, ୪.(ଖ) D, ୫. (ଖ) ଫାଇଲ୍ ଆଲୋକେସନ୍ ଟେବୁଲ୍, ୬.(ଖ) ବ୍ରାଉଜର, ୭.(ଘ) Ctrl+S, ୮.(ଖ) ଆଉଟପୁଟ୍, ୯.(ଗ) ବାଇନାରୀ ଡ଼ିଜିଟ୍, ୧୦.(ଗ) ୧୦

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ଏକ ମିଲିମିଟର କେତେ କିଲୋମିଟର ଅଟେ ?
(କ)୧୦^-୪(ଖ)୧୦^୬(ଗ)୧୦^-୫ (ଘ) ୧୦^-୬

୨. ୯୮୭ରୁ କ୍ରମାନ୍ୱୟରେ ୩କୁ ଫେଡ଼ାଣକରି ଚାଲିଲେ ଶେଷକୁ କେଉଁ ସଂଖ୍ୟା ରହିବ ?
(କ) ୦ (ଖ) ୧ (ଗ) ୨ (ଘ) ୩

୩. ଗୋଟିଏ ଆମ୍ବର ବସ୍ତୁତ୍ୱ ଗୋଟିଏ ସେଓର ବସ୍ତୁତ୍ୱର ୩/୨ ଗୁଣ। ଯଦି ୨ଆମ୍ବର ବସ୍ତୁତ୍ୱ ୯୦୦ ଗ୍ରାମ୍ ହୁଏ, ତେବେ ୩ଟି ସେଓ ଏବଂ ୪ଟି ଆମ୍ବର ବସ୍ତୁତ୍ୱ ମିଶି କେତେ ଗ୍ରାମ୍ ?
(କ) ୨୧୦୦ (ଖ) ୨୫୫୦ (ଗ) ୨୭୦୦ (ଘ) ୩୮୨୫

୪. ଗୋଟିଏ ସମଘନାକାର ଖୋଲାକୁଣ୍ଡର ଭିତର ପାଖର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ୨ମି. ହେଲେ ଏଥିରେ ଅତିବେଶୀରେ କେତେ ଲିଟର ପାଣି ଧରିବ ?
(କ) ୪୦୦୦ (ଖ) ୬୦୦୦ (ଗ) ୮୦୦୦ (ଘ) ୧୦,୦୦୦

୫. ନିମ୍ନସ୍ଥ କେଉଁ ଚିତ୍ରରେ କୌଣସି ପ୍ରତିସମ ଅକ୍ଷ ନାହିଁ?
(କ) ବର୍ଗଚିତ୍ର (ଖ) ଆୟତଚିତ୍ର
(ଗ) ସାମନ୍ତରିକ ଚିତ୍ର (ଘ) ରମ୍ବସ

୬. ବୃତ୍ତଲେଖରେ କେଉଁ ପ୍ରକାରର ଚିତ୍ରଦ୍ୱାରା ତଥ୍ୟଗୁଡ଼ିକୁ ସୂଚିତ କରାଯାଏ ?
(କ) ବୃତ୍ତଖଣ୍ଡ(ଖ) ବୃତ୍ତକଳା (ଗ) ଅର୍ଦ୍ଧବ୍ୟାସ (ଘ) ଜ୍ୟା

୭. ୧୨ମିଟର ଲମ୍ବ, ୨ମିଟର ପ୍ରସ୍ଥ ଏବଂ ୮ମିଟର ଉଚ୍ଚତା ବିଶିଷ୍ଟ ଏକ କୋଠରୀରେ ସର୍ବାଧିକ କେତେ ମିଟର ଲମ୍ବର ଏକ ବାଡ଼ି ରହିପାରିବ ?
(କ) ୧୨ମିଟର(ଖ) ୧୩ମିଟର(ଗ) ୧୭ମିଟର (ଘ) ୨୯ମିଟର

୮. ପୁରୀରୁ କଲିକତା ୫୬୦କି.ମି ଘଣ୍ଟାପ୍ରତି ୭୦କି.ମି ବେଗରେ ଗତି କରୁଥିବା ଗୋଟିଏ ଟ୍ରେନ୍ ପୁରୀରୁ ସକାଳ ୯.୩୦ମିନିଟରେ ଛାଡ଼ିଲା ବାଟରେ ଷ୍ଟେସନରେ ମୋଟ ରହଣିର ଅବଧି ୨ଘ ୨୦ମିନିଟ୍ ହୋଇଥିଲେ ଟ୍ରେନ୍‌ଟି କେତେବେଳେ କଲିକତାରେ ପହଞ୍ଚିଲା ?
(କ) ସକାଳ ୬.୫୦ (ଖ) ସନ୍ଧ୍ୟା ୬.୫୦
(ଗ) ସକାଳ ୭.୫୦ (ଘ) ସନ୍ଧ୍ୟା ୭.୫୦

୯. ଦିଆଯାଇଥିବା ଚିତ୍ର ୧କୁ ନମୁନା ରୂପେ ନେଇ ଚିତ୍ର- ୨ରେ ଥିବା ?ଟି ପୂରଣ କର।

| | | |
|---|---|---|
| | ୨୦ | |
| ୧୫ | ୮୫ | ୩୦ |
| | ୨୫ | |

ଚିତ୍ର-୧

| | | |
|---|---|---|
| | ? | |
| ୨୫ | ୫୦ | ୨୦ |
| | ୧୫ | |

(କ) ୧୫(ଖ) ୨୦ (ଗ) ୨୫ (ଘ) ୩୦

୧୦.ଏକ ସଂଖ୍ୟାର ୫% ର ୫% = ୨ ତେବେ ସଂଖ୍ୟାଟି କେତେ ?
(କ) ୫୦ (ଖ) ୨୫ (ଗ) ୮୦୦ (ଘ) ୮୦

## (୨୦) ସାଧାରଣ ବିଜ୍ଞାନ

୧. ୧ ଗ୍ରାମ୍ ସ୍ନେହସାର ଖାଦ୍ୟରୁ କେତେ କ୍ୟାଲୋରୀ ଶକ୍ତି ମିଳେ ?
(କ) ୩ (ଖ) ୪
(ଗ) ୬ (ଘ) ୯

୨. କେଉଁ ଭିଟାମିନ୍ ଅଭାବରେ ସ୍କର୍ଭି ରୋଗ ହୁଏ ?
(କ) ଭିଟାମିନ୍- ଏ (ଖ) ଭିଟାମିନ୍ - ବି
(ଗ) ଭିଟାମିନ୍ - ଡ଼ି (ଘ) ଭିଟାମିନ୍ - ବି୬

୩. ଧାତୁସାର ଅଭାବରୁ କେଉଁରୋଗ ହୁଏ ?
(କ) ବେରିବେରି (ଖ) ଗଳଗଣ୍ଡ
(ଗ) ସ୍କର୍ଭି (ଘ) ମାରାସ୍ମସ୍

୪. କେଉଁଟି ଜୀବାଣୁ ଜନିତ ରୋଗ ?
(କ) ହାଡ଼ଫୁଟି (ଖ) ବସନ୍ତ
(ଗ) ପୋଲିଓ (ଘ) ହଇଜା

୫. କେଉଁଟି ମଣିଷ ଶରୀରର ବୃହତ୍ ଅନ୍ତଃଅଙ୍ଗ ?
(କ) ପାକସ୍ଥଳୀ (ଖ) ବୃକକ୍
(ଗ) ହୃତପିଣ୍ଡ (ଘ) ଯକୃତ

୬. କେଉଁଟି ବାୟୁକୁ ନିର୍ମଳ ରଖିଥାଏ ?
(କ) ପ୍ରାଣୀ (ଖ) କୃଷିକାର୍ଯ୍ୟ
(ଗ) ଉଦ୍ଭିଦ (ଘ) କଳକାରଖାନା

୭. ରକ୍ତରେ କ୍ୟାଲସିୟମର ଅଭାବ ହେଲେ କେଉଁ ରୋଗ ହୋଇଥାଏ ?
(କ) ଟିଟାନି (ଖ) ସ୍କର୍ଭି
(ଗ) ରିକେଟସ୍ (ଘ) ଆନିମିଆ

୮. ଶରୀର ଓଜନର କେତେ ପ୍ରତିଶତ ଜଳ ଅଟେ ?
(କ) ୫୦-୬୦ (ଖ) ୬୦-୭୦
(ଗ) ୬୦-୭୫ (ଘ) ୬୦-୮୦

୯. ରକ୍ତ ତିଆରି ଓ ନୂତନ ଜୀବକୋଷ ନିର୍ମାଣ ପାଇଁ କେଉଁ ଭିଟାମିନ୍‌ର ଆବଶ୍ୟକତା ଅଛି ?
(କ) ବି୬ (ଖ) ବାୟୋଟିନ୍
(ଗ) ନିଆସିନ୍ (ଘ) ଫଲିକ୍ ଏସିଡ଼୍

୧୦. କେଉଁ ଭିଟାମିନ୍ ଉଦ୍ଭିଦଜାତ ଖାଦ୍ୟରୁ ମିଳେନାହିଁ ?
(କ) ଏ (ଖ) ବି
(ଗ) ସି (ଘ) ଡ଼ି

**ଉତ୍ତର**

୧.(ଘ) ୧୦^-୬ ,୨.(କ) ୦, ୩.(ଗ) ୨୭୦୦, ୪.(ଗ) ୮୦୦୦, ୫.(ଗ) ସାମନ୍ତରିକ ଚିତ୍ର ,୬.(ଖ) ବୃତ୍ତକଳା , ୭.(ଗ) ୧୭ମିଟର , ୮.(ଘ) ସନ୍ଧ୍ୟା ୭.୫୦, ୯.(ଘ) ୩୦, ୧୦.(ଗ) ୮୦୦

୧.(ଘ) ୯ ,୨.(ଖ) ଭିଟାମିନ୍ - ବି, ୩.(ଖ) ଗଳଗଣ୍ଡ, ୪.(ଘ) ହଇଜା, ୫.(ଘ) ଯକୃତ, ୬.,୭.(କ) ଟିଟାନି,୮.(ଗ) ୬୦-୭୫,୯.(ଘ) ଫଲିକ୍ ଏସିଡ଼୍,୧୦. (ଘ) ଡ଼ି

# ବିବିଧ ପ୍ରଶ୍ନାବଳୀ

୧. ୨୦୧୭ ଗ୍ଲୋବାଲ ପିସ୍ ଇଣ୍ଡେକ୍ସରେ ଭାରତର ସ୍ଥାନ କେତେ ? - ୧୩୭ତମ

୨. ଜିଏସ୍‌ଟି କେବେ ଠାରୁ ଲାଗୁହେବ ? - ଜୁଲାଇ ୧, ୨୦୧୭

୩. ଆଲ୍ଲାହାବାଦ୍ ବ୍ୟାଙ୍କର ଏମ୍‌ଡ଼ି ଓ ସିଇଓ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଉଷା ଅନନ୍ତ ସୁବ୍ରମନ୍ୟମ୍

୪. ଫ୍ରାନ୍ସର ନୂତନ ରାଷ୍ଟ୍ରପତିଙ୍କର ନାମ କ'ଣ ? - ଏମାନୁଏଲ ମାକ୍ରୋନ୍

୫. ଦକ୍ଷିଣ କୋରିଆର ରାଷ୍ଟ୍ରପତି କିଏ ହେବେ ? - ମୁନ୍‌ଜେଇନ୍

୬. ଓଡ଼ିଶା ବିଧାନସଭାର ୨୩ତମ ବାଚସ୍ପତି କିଏ ? - ପ୍ରଦୀପ କୁମାର ଅମାତ୍

୭. ୨୦୧୭ଇଣ୍ଡିଆନ୍ ନ୍ୟାସନାଲ ସାଇନ୍ସ ଏକାଡେମୀ ମେଡାଲ (INSA) ଯୁବ ବୈଜ୍ଞାନିକ ଭାବରେ କିଏ ନିଯୁକ୍ତି ପାଇଛନ୍ତି ? - ଅରବିନ୍ଦ କୁମାର ରେନ୍‌ଗାନ୍

୮. କେଉଁ ରାଜ୍ୟ ମିଡ୍ ଡେ ମିଲସ୍‌ର କ୍ୱାଲିଟି ନିରୂପଣ କରିବାକୁ ମା କମିଟି ଗଠନ କରିଛନ୍ତି ? - ଉତ୍ତରପ୍ରଦେଶ

୯. ଇଣ୍ଟରନ୍ୟାସନାଲ୍ ଫର୍ଟିଲାଇଜର ଆସୋସିଏସନ୍‌ର ନବନିଯୁକ୍ତି ଚେୟାରମ୍ୟାନ୍ କିଏ ହୋଇଛନ୍ତି ? - ରାକେଶ କାପୁର

୧୦.ଭାରତର କେଉଁ ରାଜ୍ୟରେ ୨୦୧୭ ଏସିଆ ଜୁନିୟର୍ ଟେନିସ୍ ଚମ୍ପିୟାନ୍‌ସିପ୍ ଅନୁଷ୍ଠିତ ହେବ ? - ମହାରାଷ୍ଟ୍ର

୧୧. ଭାରତର ଦୀର୍ଘତମ ବ୍ରିଜ୍ "ଭୂପେନ ହଜାରିକା ସେତୁ" ବ୍ରହ୍ମପୁତ୍ର ନଦୀର କେଉଁ ଶାଖାନଦୀ ଉପରେ ତିଆରି କରାଯାଇଛି ? - ଲୋହିତ ନଦୀ

୧୨. ଇଣ୍ଟରନେଟ୍ ଓ ମୋବାଇଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ନୂଆ ଅଧ୍ୟକ୍ଷ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ରଂଜନ ଆନନ୍ଦନ୍

୧୩. ସେଣ୍ଟ୍ରାଲ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେସନ୍‌ର ସେକ୍ରେଟାରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଅନୁରାଗ ତ୍ରିପାଠୀ

୧୪. ଏସିଆ ମହାଦେଶର କେଉଁ ଦେଶ ପ୍ରଥମ ସମଲିଙ୍ଗି ବିବାହକୁ ସ୍ୱୀକୃତି ଦେଇଛନ୍ତି ? - ଟାଇୱାନ୍

୧୫. ଭାରତର ପ୍ରଥମ ଜଳ ଭିତରେ ଯାଉଥିବା ଟନେଲ୍ କେଉଁ ନଦୀ ଭିତରେ କରାଯାଇଛି ? - ହୁଗୁଳୀ ନଦୀ

୧୬. କେଉଁ ଦେଶ ପୃଥିବୀର ପ୍ରଥମ ଅପରେସନାଲ୍ ରୋବଟ୍ ପୋଲିସ ଅଫିସ୍‌ର ରୋବକପ୍ ନିଯୁକ୍ତି ଦେଇଛନ୍ତି ? - ୟୁଏଇ ଦେଶ

୧୭. କେନ୍ଦ୍ରସରକାର କେଉଁ ୱେବ୍‌ପୋର୍ଟାଲ୍ ମାଧ୍ୟମରେ ପିଲାମାନଙ୍କର ଡ଼କୁମେଣ୍ଟେସନ୍ ଅନ୍‌ଲାଇନ୍ ଭେରିଫିକେସନ୍ କରିବାର ସୁବିଧା ଦେଇଛନ୍ତି ? - ଇ-ସାନାଡ୍(e- sanad)

୧୮. ନେପାଳର ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ? - ଶେର୍ ବାହାଦୂର୍ ଦୁବାଏ

୧୯. ନେସେନାଲ୍ କମିଶନ୍ ଫର୍ ମାଇନରଟିଜ୍‌ର ନୂଆ ଅଧ୍ୟକ୍ଷ କିଏ ? - ଗୟାରୁଲ୍ ହାସାନ୍

୨୦. ତେଜସ୍ ସୁପରଫାଷ୍ଟ ଏକ୍ସପ୍ରେସ୍ କେଉଁଠାରୁ କେଉଁ ପର୍ଯ୍ୟନ୍ତ ଚାଲିଲା ? - ମୁମ୍ୱାଇରୁ କାରମାଲି (ଗୋଆ)

୨୧. ଚାଇନା ପରେ ବିଶ୍ୱର ଦ୍ୱିତୀୟ ଷ୍ଟେନ୍‌ଲେସ୍‌ଷ୍ଟିଲ୍ ଉତ୍ପାଦନକାରୀ ଦେଶ ରୂପେ କିଏ ସ୍ଥାନଲାଭ କରିଛନ୍ତି ? - ଭାରତ

୨୨. ଡ଼ିଜିଟାଲ୍ ପେମେଣ୍ଟ କରୁଥିବା ପେଟିଏମ୍ ତାର ପେଟିଏମ୍ ବ୍ୟାଙ୍କ ଆରମ୍ଭ କରି ବାର୍ଷିକ କେତେ ହାରରେ ସୁଧ ପ୍ରଦାନ କରିବ ? - ୪%

୨୩.ଡ଼ିଜିଟାଲ୍ ସରଭିସ୍ ଇନୋଭେଟର୍ ଅଫ୍ ଦି ଇଅର୍ ଆୱାର୍ଡ଼ ୨୦୧୭ କିଏ ପାଇଛି ? - ରିଲାଆନ୍ ଜିଓ

୨୪. କେଉଁ ସରକାର ଏବେ 'ଇ- ଟେକ୍ସ ପୋର୍ଟାଲ୍' ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠ୍ୟପୁସ୍ତକ ଡ଼ାଉନ୍‌ଲୋଡ଼୍ କରିବା ପାଇଁ ଆରମ୍ଭ କରିଛନ୍ତି ? - ହରିୟାନା

୨୫. ଜବହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବରେ କାହାକୁ ନିଯୁକ୍ତି ଦେବାକୁ ମାନବ ସମ୍ବଳ ବିଭାଗ ସ୍ଥିର କରିଛି ? -ବିଜୟ କୁମାର ସାରସ୍ୱତ

୨୬. ଶ୍ରୀଲଙ୍କାରେ ୪୦ ଫୁଟ ଉଚ୍ଚତାର ବିଶ୍ୱର ପ୍ରଥମ ବାଲୁକା ବୁଦ୍ଧଙ୍କ ମୂର୍ତ୍ତି କିଏ ନିର୍ମାଣ କରିଥିଲେ ? - ସୁଦର୍ଶନ ପଟ୍ଟନାୟକ

୨୭. ୨୦୧୫ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର କିଏ ପାଇଛନ୍ତି ? - ଇଉନାଇଟେଡ଼ ନେସନସ୍ ହାଇକମିଶନର୍ ଫର୍ ରିଫୁଇଜି

୨୮. ଭାରତର ପ୍ରଥମ ଆକ୍ୱାଟିକ୍ ରେନ୍‌ବୋ ଟେକ୍ନୋଲୋଜି ପାର୍କ କେଉଁ ସହରରେ ପ୍ରତିଷ୍ଠା କରାଯିବ ? - ଚେନ୍ନାଇ

୨୯. କେଉଁ ପ୍ରଥମ ଭାରତୀୟ ଡ୍ରାଇଭର ଗ୍ରାଣ୍ଡପ୍ରିକ୍ସ- ୩ ମୋଟର ରେସିଂରେ ପ୍ରଥମ ସ୍ଥାନ ପାଇଛନ୍ତି ? - ଅର୍ଜୁନ ମାଇନି

୩୦. ୨୦୧୭ ବିଶ୍ୱବ୍ୟାଙ୍କର ପାୱାର ଆସେସିବିଲିଟି ଲିଷ୍ଟରେ ଭାରତର ସ୍ଥାନ କେତେ ? - ୨୬ ନମ୍ବର

୩୧. ଏସ୍. ରାମସ୍ୱାମୀ ଯାହାଙ୍କର ନିକଟରେ ଦେହାନ୍ତ ହୋଇଛି ସେ କେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ ? - ପୁଡୁଚେରୀ

୩୨. ୨୦୧୭ ସ୍ମାର୍ଟ ଭିଲେଜ ଆୱାର୍ଡ଼ କିଏ ପଇଛି ? - ଗୋବର୍ଦ୍ଧନ ଇକୋଭିଲେଜ

୩୩. ଭାରତର ପ୍ରଥମ ଇଲେକ୍ଟ୍ରିକ୍ କ୍ୟାବ୍ ଫ୍ଲିଟ୍ କେଉଁ ସହରରେ ଆରମ୍ଭ ହେବ ? - ନାଗପୁର

୩୪. ୪୩ତମ ଜି- ୭ ସମିଟ୍ କେଉଁ ଦେଶରେ ଅନୁଷ୍ଠିତ ହେବ ? - ଇଟାଲୀ

୩୫. ଭାରତର କେଉଁ ପ୍ରଥମ ରାଜ୍ୟ ଶ୍ରବଣ ଶକ୍ତି ରହିତ ବ୍ୟକ୍ତିମାନଙ୍କ ଯାନରେ ଏକ ଲୋଗୋ ପ୍ରବର୍ତ୍ତନ କରିଛନ୍ତି ? - ତେଲେଙ୍ଗାନା

୩୬. ଭାରତର ପ୍ରଥମ ମଲ୍ଟିମୋଡ଼ାଲ୍ ଇଲେକଟ୍ରିକ୍ ଭେହିକିଲ୍ ପ୍ରୋଜେକ୍ଟ କେଉଁଠାରେ ଆରମ୍ଭ ହୋଇଛି ? - ନାଗପୁର

୩୭. ୨୦୧୭ ବ୍ୟାଡ୍‌ମିଣ୍ଟନ୍ ସୁଦିରାମ୍ କପ୍‌ରେ କେଉଁ ଦେଶ ବିଜୟ ଲାଭ କରିଛି ? - ଦକ୍ଷିଣ କୋରିଆ

୩୮. ଜର୍ଜିଆରେ ଅନୁଷ୍ଠିତ ୨୦୧୭ ଲିଟିଲ୍ ମିସ୍ ଇଉନିଭର୍ସ କମ୍ପିଟିସନ୍‌ରେ ଭାରତର କିଏ ଯୋଗଦେବେ ? - ପଦ୍ମାଳୟା ନନ୍ଦ

୩୯. ବିଶ୍ୱର ସର୍ବବୃହତ୍ ଅପ୍‌ଟିକାଲ୍ ଟେଲିସ୍କୋପ୍ କେଉଁ ଦେଶରେ ନିର୍ମାଣାଧିନ ? - ଚିଲି


୪୦. ୨୦୧୬ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର କିଏ ପାଇଛନ୍ତି ? - ସତ୍ୟବ୍ରତ ରାଉତ

୪୧. ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁସାରେ ୨୦୧୮ ରେ ଭାରତର ଜିଡ଼ିପି ଗ୍ରୋଥରେଟ୍ କେତେ ହେବ ବୋଲି ଅନୁମାନ କରାଯାଇଛି ? - ୭.୨%

୪୨. ପ୍ରଥମ ଦାଦା ସାହେବ ଫାଲ୍‌କେ ଏକାଡ଼େମୀ ଆୱାର୍ଡ଼ କିଏ ପାଇବେ ? - ପ୍ରିୟଙ୍କା ଚୋପ୍ରା

୪୩.ଭାରତୀୟ ରିର୍ଜଭ ବ୍ୟାଙ୍କର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଏସ୍ ଗଣେଷ କୁମାର

# କଟକ ଜିଲ୍ଲା




୧. ଜିଲ୍ଲାର ନାମ - କଟକ

୨. କ୍ଷେତ୍ରଫଳ - ୩୯୩୨ବର୍ଗ.କି.ମି

୩. ଜନସଂଖ୍ୟା - ୨୬୧୮୭୦୮

(କ) ପୁରୁଷ - ୧୩୩୯୧୫୩

(ଖ) ସ୍ତ୍ରୀ - ୧୨୭୯୫୫୫

୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୯୫୫

୫. ସାକ୍ଷରତା ହାର - ୮୪.୨୦%

୬. ଉପଖଣ୍ଡ - ୦୩

୭. ତହସିଲ - ୧୫

୮. ବ୍ଲକ୍ - ୧୪

୯. ମ୍ୟୁନିସିପାଲିଟି - ୦୧

୧୦. ଏନ.ଏ.ସି. - ୦୨

୧୧. ଗ୍ରାମ ପଞ୍ଚାୟତ - ୩୪୨

୧୨. ଗ୍ରାମ - ୧୯୫୨

୧୩. ଥାନା - ୪୮

୧୪. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୦୫

୧୫. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୯
୮୭- ବଡ଼ମ୍ବା, ୮୮- ବାଙ୍କୀ, ୮୯- ଆଠଗଡ଼, ୯୦- ବାରବାଟି କଟକ,୯୧- ଟାଙ୍ଗୀଚୌଦ୍ୱାର,୯୨- ନିଆଳୀ, ୯୩- କଟକ ସଦର, ୯୪- ସାଲେପୁର, ୯୫- ମାହାଙ୍ଗା

୧୬. ନିଆଁଲିଭା କେନ୍ଦ୍ର -୧୩

୧୭. ସାଧାରଣ ବୃଷ୍ଟିପାତ - ୧୪୨୪.୩ମି.ମି.

୧୮.ପର୍ଯ୍ୟଟନ ସ୍ଥଳୀ-ଅଂଶୁପା, ବାଙ୍କୀ, ଭଟ୍ଟାରିକା, ଧବଳେଶ୍ୱର, ଲଳିତଗିରି, ନରାଜ, ନେମାଳ, ନୀଳମାଧବ(ନିଆଳି), ସିଂହନାଥ, କଟକ।

# ପର୍ବପର୍ବାଣୀ

## ଜୁନ,୨୦୧୭

ତା୪ - ଗଙ୍ଗା ଦଶହରା
ତା୫ - ନିର୍ଜଳା ଏକାଦଶୀ, ଉପବାସ, ରୁକ୍ମଣୀ ବିବାହୋତ୍ସବ ଓ ହ.ନି
ତା୬ - ଚମ୍ପକ ଦ୍ୱାଦଶୀ
ତା୭ - ଶିବଚତୁର୍ଦ୍ଦଶୀ
ତା୯ - ଦେବସ୍ନାନ ପୂର୍ଣ୍ଣିମା, ଚନ୍ଦ୍ରପୂଜା
ତା୧୨ - ଶରଣ ଆରମ୍ଭ
ତା୧୪ - ପ୍ରଥମ ରଜ, ମାସାନ୍ତ
ତା୧୫ - ମିଥୁନ (ରଜ) ସଂକ୍ରାନ୍ତି ଓ ହ.ନି
ତା୧୬ - ଭୂଦାହ
ତା୧୭ - ବସୁମତୀ ସ୍ନାନ ଓ ଶରଣ ଶେଷ
ତା୨୦ - ଖଳିଲାଗି ଏକାଦଶୀ ଓ ହ.ନି, ଶିବଚତୁର୍ଦ୍ଦଶୀ ଓ ବେଢ଼ା
ତା୨୩ - ସବେ-କଦର୍ (ପୂର୍ବରାତ୍ରି) ଚନ୍ଦ୍ରକ୍ଷୟ ଓ ହଳ ନିଷେଧ
ତା୨୪ - ଅମାବାସ୍ୟା, ନେତ୍ରୋତ୍ସବ, ନବଯୌବନ ଦର୍ଶନ
ତା୨୫ - ଶ୍ରୀଗୁଣ୍ଡିଚା (ରଥଯାତ୍ରା)
ତା୨୬ - ଇଦୁଲ୍‌ଫିତର୍
ତା୨୭ - ବିପତ୍ତାରିଣୀ ବ୍ରତ
ତା୨୯ - ହେରା ପଞ୍ଚମୀ

ବିବାହ-୧,୨,୩,୫,୬,୧୦,୧୨, ୧୯,୨୨,୨୭,୩୦
ବ୍ରତ-୫,୧୯,୨୬,

## ଜୁଲାଇ,୨୦୧୭

ତା୧ - ପର୍ଶୁରାମାଷ୍ଟମୀ
ତା୨ - ନବମୀର ସନ୍ଧ୍ୟାଦର୍ଶନ
ତା୩ - ବାହୁଡ଼ା ଯାତ୍ରା
ତା୪ - ସୁନାବେଶ
ତା୫ - ଗରୁଡ଼ ଶୟନ ଓ ଅଧରପଣା
ତା୬ - ଶିବଶୟନୋତ୍ସବ ଓ ଶିବଚତୁର୍ଦ୍ଦଶୀ
ତା୮ - ଚନ୍ଦ୍ରପୂଜା ଓ ଉପବାସ
ତା୯ - ବ୍ୟାସ ପୂର୍ଣ୍ଣିମା
ତା୧୦ - ଶରଣ ଆରମ୍ଭ
ତା୧୪ - ମନସା ପଞ୍ଚମୀ ଓ ଶରଣ ଶେଷ
ତା୧୫ - ମାସାନ୍ତ
ତା୧୬ - ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଓ ହଳ ନିଷେଧ
ତା୧୯ - କାମଦା ଏକାଦଶୀ ଓ ହଳ ନିଷେଧ
ତା୨୨ - ଶିବଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ ଓ ଗୃହିଣୀଂ ଚିତାଉ ଲାଗି
ତା୨୩ - ଚିତାଉ ଅମାବାସ୍ୟା, ଶ୍ରୀମନ୍ଦିରରେ ଚିତ୍ରକ ପର୍ବ
ତା୨୪ - ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ
ତା୨୭ - ଗୌରୀ ପଞ୍ଚମୀ

ବିବାହ-୨,୩
ବ୍ରତ-୩


# ବିଭିନ୍ନ ଦିବସ ପାଳନ

## ଜୁନ,୨୦୧୭


ତା ୦୧ - ଆନ୍ତର୍ଜାତୀୟ ଶିଶୁ ଦିବସ
ତା ୦୫ - ବିଶ୍ୱ ପରିବେଶ ଦିବସ
ତା ୧୪ - ବିଶ୍ୱ ରକ୍ତଦାତା ଦିବସ
ତା ୧୮ - ପିତୃ ଦିବସ
(ତୃତୀୟ ରବିବାର ଜୁନ ମାସ)
ତା ୨୦ - ବିଶ୍ୱ ରିଫ୍ୟୁଜ୍ ଦିବସ
ତା ୨୧ - ଆନ୍ତର୍ଜାତିକ ଯୋଗ ଦିବସ
ତା ୨୩ - ଆନ୍ତର୍ଜାତୀୟ ଅଲମ୍ପିକ୍ ଦିବସ
ତା୨୪ - ଗୋପବନ୍ଧୁଙ୍କ ଶ୍ରାଦ୍ଧ
ତା ୨୬ - ନିଶା ନିବାରଣ ଦିବସ

## ଜୁଲାଇ,୨୦୧୭

ତା ୦୧ - ଜାତୀୟ ଚିକିତ୍ସକ ଦିବସ
ତା ୦୮ - ଲେଖକ ଦିବସ
ତା ୧୧ - ବିଶ୍ୱ ଜନସଂଖ୍ୟା ଦିବସ
ତା ୧୨ - ମାଲାଲା ଦିବସ
ତା ୨୭ - କାର୍ଗିଲ ବିଜୟ ଦିବସ
ତା ୨୮ - ବିଶ୍ୱ ହେପାଟାଇଟିସ୍ ଦିବସ
ତା ୨୯ - ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ
ତା ୩୦ - ଆନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ




ଆମରିସତ୍ୟ ପରିବାର




ଖୁବ୍ ଶୀଘ୍ର ପ୍ରକାଶ ପାଉଛି...



Postal Regd. No. : PURI-33/2016-18

Volume-7 ★ Issue No-12 ★ Monthly ★ June - 2017 ★ RNI Regn. No. 107608/2010 ★ Pages-52


ADMISSION OPEN !!

25 1st Div.

+2 SC., IIT-JEE, MED.

RESIDENTIAL HIGH SCHOOL

100% RESULT

Getting Laptop from Govt. of Odisha for high scoring in CHSE 2015



BISHNUPRIYA JENA, HAKAPADA, DELANG
SABITA SENAPATI, MAUNI MATHA
SANJAY PRADHAN, DHANAKERA, DELANG
RAMACHANDRA, JAMUNA, ARAGUL
B. SHARMILA, GAJAPATI NAGAR, JATNI
BINODINI MALLICK, TOLAPADA, DELANG
SASWATI SAMANTARAY, KHUDUPUR, JATANI
SOUMYA RANJAN, BERBOI, DELANG
BIJAYLAXMI MISHRA, KAKUDIA, JATANI
RAJLAXMI GHADEI, RAJA BAZAR, JATNI
SUJATA BADAJENA, TARABOI, JATANI
SANJAY BARIK, RENGAL, JATANI
PRAGYANMAYEE SWAIN, KAKUDIA, JATANI
NARAYAN SETHI, MALIPADA, SADANGOI
SOUBHAGYABATI SAHOO, GHORADIA, DELANG
SUBRAT PATTNAIK, HUMAR, DELANG
GAJAPATI NAGAR, JATANI
SOUMYA RANJAN PANDA, GHORADIA, DELANG
AKASH DEEP, PARIJAT, SITARAM CHHAK
BIMAL BHATT, ORAKAL, PIPILI
SUNIL PARIDA, KHANDAHATA, KANAS
MANORAMA PRADHAN, NARAPUR, DELANG

# WISDOM (JR.) COLLEGE

# SWOSTI JYOTI

HARIBHAINA CHHAK, JATNI, KHORDHA, CONTACT - 0674-2490116, 7873287785


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena Founder : Dr. Pramod Chandra Dash

From To.
AMARISATYA
M-1/5, M.P.H.B. Colony
Post- P.N. College,
Dist-Khurda, Pin-752057